- Vol.- 45, Issue No. 304
- Wednesday, 04 February 2026
- ବୁଧବାର, ୦୪ ଫେବୃଆରୀ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com




## ବାଚସ୍ପତିଙ୍କ ଉପରକୁ ଫୋପାଡ଼ିଲେ କାଗଜ: ୮ ସାଂସଦ ନିଲମ୍ବିତ

ନୂଆଦିଲ୍ଲୀ,୩।୨: ମଙ୍ଗଳବାର ଲୋକସଭାରେ ବାଚସ୍ପତିଙ୍କ ଉପରକୁ କାଗଜ ଫୋପାଡି ୮ ବିରୋଧୀ ଦଳ ସାଂସଦ ନିଲମ୍ବିତ ହୋଇଛନ୍ତି। ଚଳିତ ବଜେଟ୍ ଅଧିବେଶନରୁ ପୂରା ଏହି ସମସ୍ତଙ୍କୁ ନିଲମ୍ବିତ କରାଯାଇଥିବା ସୂଚନା ମିଳିଛି । ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିବାଦୀୟ ମନ୍ତବ୍ୟରୁ ଗୃହରେ ପ୍ରବଳ ହଟ୍ଟଗୋଳ ଆରମ୍ଭ ହୋଇଥିଲା। ଏହା ପରେ ନାରାବାଜି ଓ ପେପର ଚିରି ଫିଙ୍ଗିବାରୁ ୮ଜଣ ସାଂସଦଙ୍କୁ ନିଲମ୍ବିତ କରାଯାଇଛି । ହଟ୍ଟଗୋଳ ସମୟରେ ବାଚସ୍ପତି ଉପରକୁ କାଗଜ ଚିରି ଫିଙ୍ଗିଥିବା ୮ଜଣ ସାଂସଦଙ୍କୁ ସମଗ୍ର ଅଧିବେଶନରୁ ନିଲମ୍ବିତ

### ସଂସଦରେ 'ନରଭାଣେ ଝଡ଼'

କରାଯାଇଛି । ହଟ୍ଟଗୋଳ ସମୟରେ ଚେୟାର ଉପରକୁ କାଗଜ ଫିଙ୍ଗିଥିବା ଆଠ ଜଣ ସାଂସଦଙ୍କୁ ସମଗ୍ର ଅଧିବେଶନ ପାଇଁ ନିଲମ୍ବିତ କରାଯାଇଛି। ଏଥିରେ ସାତ ଜଣ କଂଗ୍ରେସ ସାଂସଦ ରହିଛନ୍ତି। ଅମରିନ୍ଦର ସିଂହ, ରାଜା ୱାରିଂ, ପ୍ରଶାନ୍ତ ପାଦୋଲ, ହିବି ଏଡେନ, ଗୁରଜିତ ଆଉଜଲା, ଡିନ୍ କୋରିଆକୋସ୍, ମାନିକମ୍ ଟାଗୋର, କିରଣ କୁମାର ରେଡ୍ଡୀ ଏବଂ ଜଣେ ସିପିଆଇ(ଏମ୍) ସାଂସଦ ଏସ୍. ଭେଙ୍କଟେସନ ରହିଛନ୍ତି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପୁଣି ପୂର୍ବତନ ସେନା ମୁଖ୍ୟ ଏମଏମ ନରଭାଣେଙ୍କ ପୁସ୍ତକ ପ୍ରସଙ୍ଗ ଉଠାଇ ଡୋକଲାମ ପ୍ରସଙ୍ଗ ଉପରେ ପ୍ରଶ୍ନ ଉଠାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ତାଙ୍କୁ କହିବାକୁ ଦିଆଯାଇ ନଥିଲା। ବିରୋଧୀ ଦଳର ସାଂସଦମାନେ ପ୍ରବଳ ହଟ୍ଟଗୋଳ ସୃଷ୍ଟି କରିଥିଲେ। ଲୋକସଭା କାର୍ଯ୍ୟ ବୁଧବାର ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ପ୍ରକୃତରେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଭାଷଣକୁ ନେଇ ଆଜି ଲୋକସଭାରେ ପ୍ରବଳ ହଟ୍ଟଗୋଳ ହୋଇଥିଲା।

### ଫକୀରମୋହନ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି

# ଶିକ୍ଷାର୍ଥୀମାନେ ଗାଁରେ କିଛିଦିନ ବିତାନ୍ତୁ

ବାଲେଶ୍ୱର,୩।୨: ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇଥିଲେ ଏବଂ ଏହାର ନୂତନ ଅଡିଟୋରିୟମକୁ ଉଦ୍‌ଘାଟନ କରିଥିଲେ। ତାଙ୍କ ଭାଷଣରେ ସେ ବ୍ୟାସକବି ଫକୀର ମୋହନ ସେନାପତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ, ତାଙ୍କ କାଳଜୟୀ କାହାଣୀ 'ରେବତୀ'କୁ ପ୍ରେରଣାର ଉତ୍ସ ବୋଲି ଉଲ୍ଲେଖ କରିଥିଲେ। ସେ କହିଛନ୍ତି, 'ଜୀବନ ବିଶ୍ୱବିଦ୍ୟାଳୟ ପରିସୀମା ବ୍ୟାପକ। ସେହିପରି ଝିଅମାନେ ବହୁତ ଭଲ କାମ କରୁଛନ୍ତି, ସବୁ କ୍ଷେତ୍ରରେ ଝିଅଙ୍କ ପ୍ରଭାବ ରହିଛି ଭାରତର ଏକ ସୁଦୀର୍ଘ ଜ୍ଞାନ ଭଣ୍ଡାର ଅଛି, ଆମ ଜ୍ଞାନ ପରମ୍ପରା ଉପରେ ଗବେଷଣା ଜରୁରୀ, ଅତୀତକୁ ଛାତ୍ରଛାତ୍ରୀ ଚିହ୍ନିବା ଆବଶ୍ୟକ। ସଫଳତାର ଚାବିକାଠି ହେଉଛି ନିଷ୍ଠା, ତେଣୁ ନିଷ୍ଠାର ସହ ଆଗକୁ ବଢ଼ନ୍ତୁ।' ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ରାଷ୍ଟ୍ରପତିଙ୍କ ଏହା ପ୍ରଥମ ଗସ୍ତ। ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ସେ ପରାମର୍ଶ ଦେଇଥିଲେ, 'ସଫଳ ଜୀବନ ଏବଂ ଅର୍ଥପୂର୍ଣ୍ଣ ଜୀବନ ସମାନ ନୁହେଁ। ଅନ୍ୟମାନଙ୍କ ପାଇଁ କିଛି କରି ଜୀବନକୁ ଅର୍ଥପୂର୍ଣ୍ଣ କରନ୍ତୁ।' ସେ ସେମାନଙ୍କୁ ବିକାଶ

- ଅନ୍ୟମାନଙ୍କ ପାଇଁ କିଛି କରି ଜୀବନକୁ ଅର୍ଥପୂର୍ଣ୍ଣ କରନ୍ତୁ
- ସମାଜର ବିକାଶରେ ସମସ୍ତଙ୍କର ବିକାଶ

ଯାତ୍ରାରେ ପଛରେ ପଡ଼ିଯାଇଥିବା ଲୋକଙ୍କୁ ସାହାଯ୍ୟ କରିବାକୁ ଅନୁରୋଧ କରିଥିଲେ। 'ସମାଜର ବିକାଶ ସମସ୍ତଙ୍କର ବିକାଶରେ ନିହିତ' ବୋଲି ଗୁରୁତ୍ୱାରୋପ କରିଥିଲେ। ରାଷ୍ଟ୍ରପତି ଫକୀର ମୋହନ ବିଶ୍ୱବିଦ୍ୟାଳୟର ଗବେଷଣା, ପ୍ରସାର କାର୍ଯ୍ୟକ୍ରମ ଏବଂ 'ସ୍କୁଲକୁ ଫେରିଯାଆନ୍ତୁ' ଏବଂ 'ଶିକ୍ଷଣ ସମୟରେ ରୋଜଗାର କରନ୍ତୁ' ଭଳି ପଦକ୍ଷେପ ଉପରେ ଧ୍ୟାନ ଦେବାର ପ୍ରଶଂସା କରିଥିଲେ। ଶିକ୍ଷାର୍ଥୀମାନେ ମଝିରେ ନିଜ ନିଜ ଗାଁରେ କିଛି ଦିନ ବିତାଇବାକୁ ପରାମର୍ଶ ଦେଇଥିଲେ ରାଷ୍ଟ୍ରପତି। ସେ ବିଶ୍ୱାସ ପ୍ରକାଶ କରିଥିଲେ ଯେ ବିଶ୍ୱବିଦ୍ୟାଳୟ ଅନ୍ତର୍ଭୁକ୍ତ ଅଭିବୃଦ୍ଧି, ନବସୃଜନ ଏବଂ ସାମାଜିକ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବାରେ ଏକ ପରିବର୍ତ୍ତନକାରୀ ଭୂମିକା ଗ୍ରହଣ କରିବ। 'ଊନବିଂଶ ଶତାବ୍ଦୀରେ ଜଣେ ଝିଅର ଶିକ୍ଷା ଗ୍ରହଣ କରିବାର ଦୃଢ଼ ସଂକଳ୍ପ ତାଙ୍କ ଆତ୍ମାର ଏକ ସ୍ଥାୟୀ ପ୍ରମାଣ'। ସେ ଏକ ଦୂରବର୍ତ୍ତୀ ଆଦିବାସୀ ଗ୍ରାମରୁ ଦେଶର ସର୍ବୋଚ୍ଚ ପଦବୀ ପର୍ଯ୍ୟନ୍ତ ତାଙ୍କ ନିଜ ଜୀବନ ଯାତ୍ରା କରିଥିବା ରାଷ୍ଟ୍ରପତି ମୁର୍ମୁ ସୂଚାଇଥିଲେ।




## ଝଲସୁଛି ଶ୍ୱେତଗଙ୍ଗା

- ଆଜି ପିଣ୍ଡଦାନ କରିବେ ମହାମହିମ
- ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ କରିବେ ଦର୍ଶନ

ପୁରୀ,୩।୨(ନିପ୍ର): ବାଲେଶ୍ୱର କାର୍ଯ୍ୟକ୍ରମ ଶେଷ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ପୁରୀରେ ପହଞ୍ଚିଛନ୍ତି। ବାୟୁସେନାର ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ରାଷ୍ଟ୍ରପତି ନିଜ ପରିବାର ସହ ଆସି ଅପରାହ୍ନରେ ପୁରୀ ତାଳବଣିଆ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ। ସେଠାରେ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଓ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ,ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର,ପୁରୀ ବିଧାୟକ ସୁନିଲ ମହାନ୍ତି ,ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା,ଏସପି ପ୍ରତୀକ ସିଂହ ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ । ତାଳବଣିଆ ହେଲିପ୍ୟାଡ୍‌ରୁ ତାଙ୍କ କାରକେଡ ଚକ୍ରତୀର୍ଥ ରୋଡ ଦେଇ ଲୋକଭବନ ଯାଇଥିଲା । ରାତିରେ ଲୋକଭବନରେ ରାଷ୍ଟ୍ରପତି ରାତ୍ରିଯାପନ କରିଛନ୍ତି।ବୁଧବାର ସକାଳ ସାଢେ ସାତଟାରେ ରାଷ୍ଟ୍ରପତି ଶ୍ୱେତଗଙ୍ଗା ପୁଷ୍କରିଣୀରେ ପିଣ୍ଡଦାନ କରିବା ପରେ ସାଢେ ସାତଟାରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ପବିତ୍ର ତୀର୍ଥ ପୁଷ୍କରଣୀ ଶ୍ୱେତଗଙ୍ଗାରେ ପିଣ୍ଡଦାନ କଲେ ପିତୃପୁରୁଷ ଶାନ୍ତି ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି । ଆଲୋକ ମାଳାରେ ଉଜ୍ଜ୍ୱଳମୟ ହୋଇଛି ଶ୍ୱେତଗଙ୍ଗା । ଶ୍ୱେତଗଙ୍ଗା ପାହାଚରେ ଝୋଟି ଚିତା ପଡିଛି । ପିଣ୍ଡଦାନ କରିବା ପାଇଁ ଥିବା ଶ୍ରୋତ୍ରୀୟ ବ୍ରାହ୍ମଣଙ୍କ ମନ୍ତ୍ର ଉଚ୍ଚାରଣରେ ପ୍ରକମ୍ପିତ ହେବ ଶ୍ୱେତଗଙ୍ଗା ପରିସର । ବନ୍ଧୁକଧାରୀ ପୋଲିସ ପୁଷ୍କରିଣୀର ଚାରିପଟେ ଥିବା ଉଚ୍ଚ କୋଠାରେ ଜଗିରହିବେ ।

## ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି: 'ଟଙ୍କା' ପାଇଁ ସଞ୍ଜୀବନୀ

ନୂଆଦିଲ୍ଲୀ,୩।୨: ଭାରତ ଏବଂ ଆମେରିକା ମଧ୍ୟରେ ଐତିହାସିକ ବାଣିଜ୍ୟ ଚୁକ୍ତି ଭାରତୀୟ ମୁଦ୍ରା 'ଟଙ୍କା' ପାଇଁ ସଞ୍ଜୀବନୀ ସଦୃଶ ହୋଇଛି। ମଙ୍ଗଳବାର ବଜାର ବନ୍ଦ ହେବା ବେଳକୁ ଟଙ୍କା ମୂଲ୍ୟ ୧.୪ପ୍ରତିଶତ ବୃଦ୍ଧି ପାଇ ଡଲାର ପିଛା ୯୦.୨୭ ସ୍ତରରେ ପହଞ୍ଚିଛି। ୨୦୧୮ ମସିହା ପରଠାରୁ ଗୋଟିଏ ଦିନରେ ଟଙ୍କା ମୂଲ୍ୟରେ ଏହା ସବୁଠାରୁ ବଡ଼ ସୁଧାର।ଆମେରିକା ପକ୍ଷରୁ ଭାରତୀୟ ସାମଗ୍ରୀ ଉପରେ ରପ୍ତାନି ଶୁଳ୍କକୁ ୨୫ପ୍ରତିଶତରୁ ୧୮ପ୍ରତିଶତକୁ ହ୍ରାସ କରାଯାଇଛି। ରୁଷିଆଠୁ ଅଶୋଧିତ ତେଲ କିଣିବା କାରଣରୁ ଭାରତ ଉପରେ ଲଗାଯାଇଥିବା ଅତିରିକ୍ତ ୨୫ପ୍ରତିଶତ ଶୁଳ୍କକୁ ଆମେରିକା ପ୍ରତ୍ୟାହାର କରିନେଇଛି। ଚୁକ୍ତି ପରେ ବିଦେଶୀ ନିବେଶକମାନେ ପୁଣି ଭାରତୀୟ ବଜାର ପ୍ରତି ଆକୃଷ୍ଟ ହୋଇଛନ୍ତି, ଯାହା ଟଙ୍କାକୁ ଏସିଆର ସବୁଠାରୁ ଶକ୍ତିଶାଳୀ ମୁଦ୍ରାରେ ପରିଣତ କରିଛି।

## ୧୯ରୁ ଆରମ୍ଭ ମାଟ୍ରିକ ପରୀକ୍ଷା



ଭୁବନେଶ୍ୱର,୩।୨: ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା । ୧୯ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଓଏମଆର ସିଟ ଓ ପ୍ରଶ୍ନପତ୍ର କଡା ସୁରକ୍ଷା ବଳୟରେ ବୋର୍ଡର ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିଛି। ରାଜ୍ୟର ୩୦୮୨ ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ୫ ଲକ୍ଷ ୬୦ ହଜାର ୫୧୨ ଜଣ ଛାତ୍ରଛାତ୍ରୀ । ଏଥିପାଇଁ ୩୨୨ ଟି ନୋଡାଲ ସେଣ୍ଟର ପ୍ରସ୍ତୁତ କରିଛି ବୋର୍ଡ। ନୋଡାଲ ସେଣ୍ଟରଗୁଡ଼ିକରେ ପ୍ରଶ୍ନପତ୍ର ଓ ଉତ୍ତର ଖାତା ସୁରକ୍ଷା ବଳୟରେ ରଖାଯିବ।ସମସ୍ତ ନୋଡାଲ ସେଣ୍ଟରକୁ ଭାଇରାଲ ରେଜିଷ୍ଟାନସ କରାଯାଇଛି। ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ସହିତ ସଂସ୍କୃତ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଧ୍ୟ ଏହି ଏକା ସମୟରେ ଗୋଟିଏ ସିଟିଂରେ ଅନୁଷ୍ଠିତ ହେବ। ଗତବର୍ଷ ଭଳି ପ୍ରଶ୍ନପତ୍ରରେ କ୍ୟୁ ଆର କୋଡ୍ ଓ ୱାଟର ମାର୍କ ରଖିଛି ବୋର୍ଡ। ଯାହା ପ୍ରଶ୍ନପତ୍ର ଭାଇରାଲ ହେଲେ ସହଜରେ ଜାଣିହେବ। ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରେ କମାଣ୍ଡ କଣ୍ଟ୍ରୋଲ ରୁମ ହେବ ।

## ଖେମଚନ୍ଦ ସିଂ ମଣିପୁରର ନୂଆ ମୁଖ୍ୟମନ୍ତ୍ରୀ !

ଇମ୍ଫାଲ ୩।୨: ମଙ୍ଗଳବାର ଘୋଷିତ ହୋଇଛି ମଣିପୁରର ନୂଆ ମୁଖ୍ୟମନ୍ତ୍ରୀଙ୍କ ନାମ। ୟୁମନାମ ଖେମଚନ୍ଦ ସିଂ ହେବେ ମଣିପୁରର ନୂଆ ମୁଖ୍ୟମନ୍ତ୍ରୀ। ୟୁମନାମ ଖେମଚାନ୍ଦ ସିଂହଙ୍କୁ ମଣିପୁର ବିଧାୟକ ଦଳର ନେତା ଭାବରେ ନିର୍ବାଚିତ କରାଯାଇଛି।



ୟୁମନାମ ଖେମଚାନ୍ଦ ସିଂହ ମଣିପୁରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ। ଏହା ପୂର୍ବରୁ, ଦିଲ୍ଲୀର ବିଜେପି ମୁଖ୍ୟାଳୟରେ ମଣିପୁରର ବିଜେପି ବିଧାୟକମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଜେପି ସାଧାରଣ ସମ୍ପାଦକ ତରୁଣ ଚୁଗ୍ ଏବଂ ସମ୍ବିତ ପାତ୍ର ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ମୋଟ ୩୫ ଜଣ ବିଧାୟକ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ ମୈତେଇ ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ହିଂସାତ୍ମକ ସଂଘର୍ଷ ପରେ ଏନ. ବୀରେନ ସିଂହ ଇସ୍ତଫା ଦେବା ପରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଛି। ବର୍ତ୍ତମାନ ପରିସ୍ଥିତିରେ ଉନ୍ନତି ହେଉଛି ଏବଂ ବିଜେପି ଏକ ନୂତନ ସରକାର ଗଠନ ପାଇଁ ପ୍ରୟାସ ଆରମ୍ଭ କରିଛି।

## ପୁଣି ଖସିଲା ସୁନା, ରୁପା ଦର

ନୂଆଦିଲ୍ଲୀ,୩।୨: ପୁଣି ଖସିଲା ସୁନା,ରୁପା ଦର । ୨୪ କ୍ୟାରେଟ୍ ସୁନା ୧୪ ଶହ ୨୦ ଟଙ୍କା ଖସିଥିବା ବେଳେ ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୧୩ ଶହ ଟଙ୍କା ଖସିଛି । ସେହିଭଳି ରୁପା ୨୦ ହଜାର ଟଙ୍କା ହ୍ରାସ ପାଇଛି । ୨୪ କ୍ୟାରେଟ୍ ସୁନା ଖସିବା ପରେ ୧୦ ଗ୍ରାମ ପିଛା ୧ ଲକ୍ଷ ୫୧ ହଜାର ୭୫୦ ଟଙ୍କା ହେଲା । ସେହିଭଳି ୨୨ କ୍ୟାରେଟ୍ ସୁନା ୧ ଲକ୍ଷ ୩୯ ହଜାର ୧୦୦ ଟଙ୍କାକୁ ପହଞ୍ଚିଛି । ରୁପା ୨୦ ହଜାର ଟଙ୍କା ହ୍ରାସ ହେବାପରେ ୨ ଲକ୍ଷ ୮୦ ହଜାର ଟଙ୍କାରେ ପହଞ୍ଚିଛି ।ମଙ୍ଗଳବାର ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୧,୭୫୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୯,୧୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୧,୭୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୯,୧୦୦ ଟଙ୍କାକୁ ପହଞ୍ଚିଛି।

## ହ୍ୱାଟସଆପ୍‌କୁ 'ସୁପ୍ରିମ' ଭର୍ତ୍ସନା: ନିୟମ ମାନ, ନଚେତ୍ ଭାରତ ଛାଡ଼

- ଡାଟା ସେୟାରିଂ ବାହାନାରେ ନାଗରିକଙ୍କ ଅଧିକାର ଉଲ୍ଲଙ୍ଘନ କରନାହିଁ
- ଫେବୃଆରୀ ୯ରେ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ

ନୂଆଦିଲ୍ଲୀ,୩।୨:ଲୋକପ୍ରିୟ ସୋସିଆଲ ମିଡିଆ ପ୍ଲାଟଫର୍ମ ହ୍ୱାଟସଆପକୁ ସୁପ୍ରିମକୋର୍ଟ କଡ଼ା ଭର୍ତ୍ସନା କରିଛନ୍ତି। କୋର୍ଟ ସ୍ପଷ୍ଟ ଭାବରେ ମେଟା ଏବଂ ହ୍ୱାଟସଆପ୍‌କୁ କହିଛନ୍ତି ଯେ କୌଣସି କମ୍ପାନୀ ଡାଟା ସେୟାରିଂ ବାହାନାରେ ଏହି ଉପାୟରେ ଦେଶର ନାଗରିକଙ୍କ ଅଧିକାର ଉଲ୍ଲଂଘନ କରିପାରିବ ନାହିଁ। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ହ୍ୱାଟସଆପକୁ କହିଛନ୍ତି ଯେ ଯଦି ଏହା ଭାରତର ନିୟମ ପାଳନ କରିବାକୁ ଚାହୁଁନାହିଁ, ତେବେ ଏହାକୁ ଦେଶ ଛାଡି ଚାଲିଯିବା ଉଚିତ। ଏହି ମାମଲା ଭାରତୀୟ ପ୍ରତିଯୋଗିତା କମିଶନର ନିଷ୍ପତ୍ତି ସହିତ ଜଡିତ ଥିଲା, ଯାହା ଉପରେ ମେଟା ଏବଂ ହ୍ୱାଟସଆପକୁ ୨୧୩.୧୪କୋଟି ଟଙ୍କା ଜରିମାନା କରାଯାଇଛି। କୋର୍ଟ କହିଛନ୍ତି ଯେ ଫେବୃଆରୀ ୯ରେ, ଖଣ୍ଡପୀଠ ଜରିମାନା ସମ୍ପର୍କରେ ଏକ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦେବେ।ଏହା ଉଲ୍ଲେଖ କରିବା ଉଚିତ ଯେ ଭାରତୀୟ ପ୍ରତିଯୋଗିତା ଆୟୋଗ ନଭେମ୍ବର ୨୦୨୪ରେ ଏକ ନିର୍ଦ୍ଦେଶ ଜାରି କରିଥିଲା। ଏଥିରେ କୁହାଯାଇଥିଲା ଯେ ୨୦୨୧ରେ ହ୍ୱାଟସଆପର ଗୋପନୀୟତା ନୀତି ଯାଞ୍ଚ କରାଯାଇଥିଲା। ଏହା ଜାଣିବାକୁ ପାଇଲା ଯେ ବ୍ୟବହାରକାରୀଙ୍କ ଉପରେ "ଏହାକୁ ନିଅ କିମ୍ବା ଛାଡିଦିଅ" ନୀତି ଲାଗୁ କରାଯାଇଥିଲା। ରିପୋର୍ଟରେ କୁହାଯାଇଛି ଯେ ବ୍ୟବହାରକାରୀଙ୍କୁ ବାଦ୍ ଦେବାର ବିକଳ୍ପ ମଧ୍ୟ ଦିଆଯାଇନଥିଲା। କମିଶନ କହିଛି ଯେ ଏହା ପ୍ରତିଯୋଗିତା ଆଇନ ୨୦୦୨ ର ଉଲ୍ଲଂଘନ କରୁଛି। ଏହି ଆଧାରରେ, କମ୍ପାନୀ ଉପରେ ୨୧୩.୧୪ କୋଟି ଜରିମାନା ଲାଗୁ କରାଯାଇଥିଲା।



ଏହି ମାମଲା ବର୍ତ୍ତମାନ ସୁପ୍ରିମକୋର୍ଟରେ ଶୁଣାଣି ହେଉଛି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଳା ବାଗଚୀ ଏବଂ ବିଚାରପତି ବିପୁଲ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଘୋଷଣା କରିଛନ୍ତି ଯେ ଫେବୃଆରୀ ୯ତାରିଖରେ ଏକ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦିଆଯିବ। ଏହି ମାମଲା ସମ୍ପର୍କରେ ସୁପ୍ରିମକୋର୍ଟ କହିଛନ୍ତି ଯେ ଭାରତରେ ଗୋପନୀୟତାର ଅଧିକାର କଡ଼ାକଡ଼ି ଭାବରେ ସୁରକ୍ଷିତ। ଏକ କଠୋର ମନ୍ତବ୍ୟ ଦେଇ କୋର୍ଟ କହିଛନ୍ତି ଯେ ପ୍ରଯୁକ୍ତିବିଦ୍ୟା ମହାରଥୀଙ୍କ ଗୋପନୀୟତା ସର୍ତ୍ତାବଳୀ ଏତେ ଚତୁରତାର ସହିତ ପ୍ରସ୍ତୁତ କରାଯାଇଛି ଯେ ସାଧାରଣ ନାଗରିକମାନେ ସେଗୁଡ଼ିକୁ ବୁଝିପାରିବେ ନାହିଁ। ଏହି କମ୍ପାନୀଗୁଡ଼ିକ ତଥ୍ୟ ଚୋରି କରି ଚାଲିବେ।

# ମୁଖ୍ୟମନ୍ତ୍ରୀ କଲେ କନ୍ୟାଦାନ

- 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ର ହେଲା ଶୁଭାରମ୍ଭ
- ତାରାତାରିଣୀଙ୍କ ପୀଠରେ୨୦୧ ଦମ୍ପତିଙ୍କ ସମୂହ ବିବାହ
- ୪୫ ହଜାର ଟଙ୍କା ପ୍ରତି କନ୍ୟାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଗଲା
- ଝିଅମାନେ ବୋଝ ନୁହନ୍ତି, ଭଗବାନଙ୍କ ଆଶୀର୍ବାଦ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩।୨(ନିପ୍ର): ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ ସାଧାରଣ ଜନମଙ୍ଗଳକାରୀ ଯୋଜନା ନୁହେଁ, ଏହା ସାମାଜିକ ସୁରକ୍ଷାକୁ ମଜଭୁତ କରିବା ପାଇଁ ରାଜ୍ୟ ସରକାରଙ୍କର ଏକ ଅଭିନବ ପ୍ରୟାସ ବୋଲି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ର ଶୁଭାରମ୍ଭ ଅବସରରେ କହିଛନ୍ତି। ମା' ତାରା ତାରିଣୀଙ୍କ ପୀଠରେ ଏହି ଯୋଜନାର ଶୁଭାରମ୍ଭ ପୂର୍ବକ ୨୦୧ ଜଣ କନ୍ୟାଙ୍କ ଶୁଭ ବିବାହ ସମ୍ପନ୍ନ ହୋଇଛି। ମୁଖ୍ୟମନ୍ତ୍ରୀ ନିଜେ ଉପସ୍ଥିତ ରହି ବିବାହ ମଣ୍ଡପରେ କର୍ତ୍ତା ଭାବେ ହୋମ କୁଣ୍ଡରେ ଆହୁତି ପ୍ରଦାନ କରି ନବ ଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ଲକ୍ଷ୍ୟ ହେଉଛି ଏପରି ଏକ ଓଡ଼ିଶା ଗଢିବା ଯେଉଁଠି କୌଣସି କନ୍ୟା ଆର୍ଥିକ ଦୁର୍ବଳତା କିମ୍ବା ସାମାଜିକ ଚାପ ହେତୁ ବିବାହର ପ୍ରାପ୍ତବୟସ ପୂର୍ବରୁ ବିବାହ କରିବାକୁ ବାଧ ହେବେ ନାହିଁ। ଆହୁରି ଏହି ଯୋଜନା ସମାଜକୁ ଏକ ନୂତନ ବାର୍ତ୍ତା ଦେବ ଯେ, ଝିଅମାନେ ପିତାମାତାଙ୍କ ପାଇଁ ବୋଝ ନୁହନ୍ତି, ସେମାନେ ହେଉଛନ୍ତି ଭଗବାନଙ୍କ ଆଶୀର୍ବାଦ। ସୂଚନାଯୋଗ୍ୟ ଯେ, ଆଜିଠାରୁ ଆରମ୍ଭ ହୋଇଥିବା ଏହି ମାଙ୍ଗଳିକ ଯୋଜନାରେ ସାମିଲ୍ ହେବା ପାଇଁ କନ୍ୟାର ବୟସ ୧୮ରୁ ୩୫ ବର୍ଷ ଏବଂ ବରର ବୟସ ୨୧ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ଏବଂ ସେମାନେ ଓଡିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ। ଏହି ଯୋଜନାରେ ଯୋଗ୍ୟ କନ୍ୟାଙ୍କୁ ୬୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ୪୫ ହଜାର ଟଙ୍କା ସିଧାସଳଖ କନ୍ୟାର ବ୍ୟାଙ୍କ ଆକାଉଣ୍ଟକୁ ଏବଂ ୧୫ ହଜାର ଟଙ୍କା ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ କରାଯାଉଛି। ଯୋଗ୍ୟ ଦମ୍ପତିମାନଙ୍କୁ ଜିଲ୍ଲା/ବ୍ଲକ ସ୍ତରରୁ ଚୟନ କରାଯାଇଛି। ଓଡ଼ିଶାର ପ୍ରସିଦ୍ଧ ମା ତାରାତାରିଣୀଙ୍କ ଆଦିଶକ୍ତିପୀଠରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଯୋଜନା ମୁଖ୍ୟତଃ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାରଙ୍କ ଉପରେ ବିବାହର ଆର୍ଥିକ ଭାର ଲାଘବ କରିବା ସହିତ ମହିଳାଙ୍କ ସମ୍ମାନ, ସାମାଜିକ ସୁରକ୍ଷା, ବିଧବା ପୁନଃବିବାହକୁ ଉତ୍ସାହିତ କରିବା, ଯୌତୁକ ପ୍ରଥାକୁ ନିବାରଣ କରିବା ଦିଗରେ ବହୁ ପରିମାଣରେ ସହାୟତା ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ପୁଣି କହିଥିଲେ, ୨୦୨୫-୨୬ ରୁ ୨୦୨୯-୩୦ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାରେ ଏହା କାର୍ଯ୍ୟକାରୀ କରାଯିବ ଏବଂ ଏଥିପାଇଁ ବଜେଟରେ ୫୯ କୋଟିରୁ ଅଧିକ ଟଙ୍କାର ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏକ ସମୃଦ୍ଧ ଓଡ଼ିଶାରେ ପ୍ରତ୍ୟେକ କନ୍ୟା ଶିକ୍ଷିତ ହେବା ଉଚିତ ଏବଂ ପ୍ରତ୍ୟେକ ମହିଳା ସୁରକ୍ଷିତ ହେବା ଉଚିତ ଏବଂ ପ୍ରତ୍ୟେକ ପରିବାର ସ୍ୱାଭିମାନର ସହିତ ବଞ୍ଚିବା ଉଚିତ। ଆଗାମୀ ଦିନରେ ସୁଭଦ୍ରା ଯୋଜନା ଓ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ରାଜ୍ୟର ମହିଳାମାନଙ୍କୁ ସମସ୍ତ ଦିଗରୁ ସୁରକ୍ଷା ଓ ଆତ୍ମସମ୍ମାନ ପ୍ରଦାନ କରିବାରେ ନିଶ୍ଚିତ ରୂପରେ ସହାୟକ ହେବ।ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନବ ଦମ୍ପତିଙ୍କୁ ସ୍ନେହ ଭରା ଅଭିନନ୍ଦନ ଜଣାଇ କହିଥିଲେ ଯେ, ଏହି ମହତ୍ତ୍ୱାକାଂକ୍ଷୀ ସରକାରୀ ଯୋଜନା ହେଉଛି ମୁଖ୍ୟମନ୍ତ୍ରୀଙ୍କ ମାନସ ପ୍ରସ୍ତୁତ ଯୋଜନା ।





ନବପ୍ରଭାତ







# ଭାରତର ଅଧିକାଂଶ ନଦୀ ମାତୃସ୍ୱରୂପା

## ବ୍ରହ୍ମପୁତ୍ର

ଭାରତର ଅଧିକାଂଶ ନଦୀ ମାତୃ ସ୍ୱରୂପା, ମାତ୍ର ବ୍ରହ୍ମପୁତ୍ରକୁ ମିଳିଛି ପୁରୁଷ ନଦୀର ମାନ୍ୟତା ଭାରତରେ ପ୍ରତିଟି ନଦୀକୁ ଅତି ପବିତ୍ର ଏବଂ ମାତୃ ସ୍ୱରୂପା ବିଚାର କରାଯାଏ । ଅଧିକାଂଶ ପର୍ବପର୍ବାଣୀରେ ନଦୀରେ ପବିତ୍ର ବୁଡ଼ ପକାଇବାର ଧାର୍ମିକ ପରମ୍ପରା ମଧ୍ୟ ରହିଛି । ତେବେ ସମସ୍ତ ନଦୀକୁ ନାରୀ ଭାବେ ବିବେଚନା କରାଯାଉଥିବାବେଳେ କେବଳ ବ୍ରହ୍ମପୁତ୍ର ହିଁ ପୁରୁଷ ନଦୀ ଭାବେ ଗୃହୀତ । କେବଳ ଏତିକି ନୁହେଁ, ବ୍ରହ୍ମପୁତ୍ର ସବୁଠୁ ଯୁବ ନଦୀ ବୋଲି ମଧ୍ୟ ଗ୍ରହଣ କରାଯାଏ। ବ୍ରହ୍ମପୁତ୍ର ମାନସରୋବର ହ୍ରଦରୁ ଉତ୍ପନ୍ନ ହୋଇ ଅରୁଣାଚଳପ୍ରଦେଶ ଏବଂ ଆସାମ ଦେଇ ପ୍ରବାହିତ ହୋଇଛି । ଭାରତର ଏହି ଦୁଇରାଜ୍ୟ ପରେ ବହ୍ମପୁତ୍ର ବାଂଲାଦେଶରେ ପ୍ରବେଶ କରି ବଙ୍ଗୋପସାଗରରେ ସମାହିତ ହୋଇଯାଇଛି । ଶାସ୍ତ୍ରରେ ବ୍ରହ୍ମପୁତ୍ର ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ପୁତ୍ର ବୋଲି କୁହାଯାଇଛି । ଶାନ୍ତନୁଙ୍କ ପତ୍ନୀ ଅମୋଧାଙ୍କ ଗର୍ଭରୁ ବ୍ରହ୍ମପୁତ୍ର ଜଳ ରୂପରେ ଜନ୍ମ ନେଇଥିଲେ । ତାଙ୍କୁ କୈଳାସର ବ୍ରହ୍ମକୁଣ୍ଡରେ ସ୍ଥାପିତ କରାଯାଇଥିଲା । ସେଠାରୁ ସେ ଅଗ୍ରସର ହୋଇ ନଦୀ ରୂପ ଧାରଣ କଲେ । ବ୍ରହ୍ମାଙ୍କ ପୁତ୍ର ଭାବେ ସେ ବ୍ରହ୍ମପୁତ୍ର ଭାବେ ପରିଚିତ ହେଲେ ।

### କାହିଁକି କୁହାଯାଏ ଯୁବାନଦୀ

ବ୍ରହ୍ମପୁତ୍ର ନଦୀ ଅନ୍ୟ ନଦୀମାନଙ୍କ ତୁଳନାରେ ସବୁଠୁ ଯୁବାବସ୍ଥାରେ ଥିବାର କୁହାଯିବା ପଛରେ ରହସ୍ୟ ରହିଛି । ବ୍ରହ୍ମପୁତ୍ରର ଗତି ଅତି କ୍ଷିପ୍ର । ଏହା ବାରମ୍ବାର ନିଜର ପଥ ପରିବର୍ତ୍ତନ କରିବା ସହିତ ନଦୀ ପଥରେ ସର୍ବାଧିକ ମୋଡ଼ ରହିଛି । ଯଦିଓ ବ୍ରହ୍ମପୁତ୍ର ଗଙ୍ଗା, ଯମୁନା ଇତ୍ୟାଦି ନଦୀଙ୍କ ପରି ହିମାଳୟରୁ ଉଦ୍ଭବ, ତେବେ ଯୁବ ବୟସର ଚଞ୍ଚଳପଣିଆ ପାଇଁ ବ୍ରହ୍ମପୁତ୍ର ସବୁଠୁ ଯୁବ ନଦୀ ବୋଲି କୁହାଯାଇଥାଏ । ବ୍ରହ୍ମପୁତ୍ରଙ୍କୁ ନେଇ ଭଗବାନ୍ ପରଶୁରାମଙ୍କ ସମ୍ପର୍କିତ କଥାଟି ଅତ୍ୟନ୍ତ ରୋଚକ ଅଟେ । ପୁରାଣ ଅନୁଯାୟୀ, ପିତା ଯମଦଗ୍ନିଙ୍କ ଆଦେଶ କ୍ରମେ ପରଶୁରାମ ନିଜ ପରଶୁରେ ମାତାଙ୍କ ମସ୍ତକ ଛେଦନ କରିଦେଲେ । ମାତୃହତ୍ୟା ଭଳି ମହାପାପରେ ଭାଗୀ ହେଲେ ପରଶୁରାମ । ରକ୍ତରଞ୍ଜିତ ପରଶୁ ବା କୁରାଢ଼ୀଟି ତାଙ୍କ ହାତରେ ସେହିପରି ଲାଖି ରହିଗଲା । ପାପର ପ୍ରାୟଶ୍ଚିତ କରିବା ପରଶୁରାମ ମୁନିରଷିଙ୍କ ପରାମର୍ଶ ନେଲେ । ସେମାନଙ୍କ କହିବା ଅନୁଯାୟୀ ବ୍ରହ୍ମପୁତ୍ରର ଉପନଦୀ ଲୋହିତ ନଦୀ କୂଳକୁ ଆସିଲେ ଏବଂ ତାହାର ପବିତ୍ର ଜଳରେ ହାତ ବୁଡ଼ାଇଲେ । ଏହାର ସଂସ୍ପର୍ଶରେ ଆସିବା ପରେ କୁରାଢ଼ୀଟି ପରଶୁରାମଙ୍କ ହାତରୁ ଅଲଗା ହୋଇଯାଇଥିଲା । ପରଶୁରାମ ଯେଉଁଠାରେ ତାଙ୍କର ହାତ ଧୋଇଥିଲେ,ଏବେ ତାହା ପରଶୁରାମ କୁଣ୍ଡ ନାମରେ ସୁପ୍ରସିଦ୍ଧ । ପ୍ରମୁଖ ତୀର୍ଥସ୍ଥଳ ଅଟେ । ବିଶ୍ୱାସ କରାଯାଏ ଯେ ଏଠାରେ ସ୍ନାନ କଲେ ସମସ୍ତ ପାପ ଧୌତ ହୋଇଯାଇଥାଏ । ବ୍ରହ୍ମପୁତ୍ର ଏକ ସୀମାପାର ନଦୀ ଯାହା ଦକ୍ଷିଣ-ପଶ୍ଚିମ ଚୀନ୍, ଉତ୍ତର-ପୂର୍ବ ଭାରତ ଏବଂ ବାଂଲାଦେଶ ଦେଇ ପ୍ରବାହିତ ହୁଏ। ଏହାକୁ ଆସାମୀ ଭାଷାରେ ବ୍ରହ୍ମପୁତ୍ର କିମ୍ବା ଲୁଇଟ୍, ତିବ୍ବତୀୟ ଭାଷାରେ ୟାରଲୁଙ୍ଗ ସାଙ୍ଗପୋ, ଅରୁଣାଚଳୀ ଭାଷାରେ ସିଆଙ୍ଗ/ଡିହାଙ୍ଗ ନଦୀ ଏବଂ ବାଂଲାଦେଶରେ ଯମୁନା ନଦୀ ନାମରେ ଜଣାଶୁଣା। ନିର୍ଜେ, ଏହା ନିର୍ଗତ ନଦୀ ଭାବରେ ବିଶ୍ୱର ୯ମ ବୃହତ ନଦୀ ଏବଂ ୧୫ତମ ଦୀର୍ଘ ନଦୀ।

# ଗୃହ ପ୍ରବେଶ ସମୟରେ କାହିଁକି ଫୁଟାଯାଏ କ୍ଷୀର







ନୂଆ ଘର ନିର୍ମାଣ ପରେ ଗୃହ ପ୍ରବେଶ ବିଧି ରହିଛି। ଗୃହ ପ୍ରବେଶ ପୂଜା ଘରର ପବିତ୍ରତା ଏବଂ ଶୁଦ୍ଧତା ପାଇଁ କରାଯାଏ। ଏହି ସମୟରେ ପୁରୋହିତଙ୍କ ଦ୍ୱାରା ପୂଜା-ରୀତି କରାଯାଏ ଏବଂ କିଛି ପରମ୍ପରା ମଧ୍ୟ କରାଯାଏ। ଗୃହ ପ୍ରବେଶର ଅନେକ ପରମ୍ପରା ମଧ୍ୟରୁ ଗୋଟିଏ ହେଉଛି 'କ୍ଷୀର ଫୁଟାଇବା'। ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ବିଧି ଭାବରେ ବିବେଚନା କରାଯାଏ। ଏହି ବିଧିରେ, ନୂତନ ରୋଷେଇ ଘରେ କ୍ଷୀର ଫୁଟାଯାଏ। ଫୁଟୁଥିବା କ୍ଷୀର ଚୁଲିରେ ପଡ଼ିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସାଧାରଣତଃ କ୍ଷୀର ଫୁଟି ବାରମ୍ବାର ତଳେ ପଡ଼ିବା ଭଲ ବୋଲି ବିବେଚନା କରାଯାଏ ନାହିଁ। କିନ୍ତୁ ଗୃହ ପ୍ରବେଶ ସମୟରେ ଏହି ବିଧି କରିବାର ପରମ୍ପରା ବର୍ଷ ବର୍ଷ ଧରି ଚାଲି ଆସୁଛି। ହିନ୍ଦୁଧର୍ମରେ କ୍ଷୀରକୁ ସମୃଦ୍ଧି ଏବଂ ପବିତ୍ରତାର ପ୍ରତୀକ ଭାବରେ ବିବେଚନା କରାଯାଏ। ଯେତେବେଳେ କେହି ନୂତନ ଘରେ ପ୍ରବେଶ କରନ୍ତି, ସେତେବେଳେ ନୂତନ ଚୁଲିରେ କ୍ଷୀର ଫୁଟାଯାଏ ଏବଂ ଏହା ସୁନିଶ୍ଚିତ କରାଯାଏ ଯେ, କ୍ଷୀର ଉତୁରି ଯାଏ ଏବଂ ଫୁଟିବା ପରେ ତଳେ ପଡ଼ିଯାଏ । ତା'ପରେ ଚୁଲି ବନ୍ଦ କରାଯାଏ। ଯେତେବେଳେ କ୍ଷୀର ଉତୁରି ଚୁଲି ଉପରେ ପଡ଼ିଯାଏ, ଏହା ଘରର ସୁଖ ଏବଂ ସମୃଦ୍ଧିକୁ ବୃଦ୍ଧି କରେ ବୋଲି ବିଶ୍ୱାସ ରହିଛି। କ୍ଷୀର ଉତୁରି ପାତ୍ରରୁ ଯେମିତି ବାହାରକୁ ଆସେ, ସେହିପରି ଘରର ସୁଖ ଏବଂ ସମୃଦ୍ଧି ମଧ୍ୟ ଉଛୁଳି ବାହାରକୁ ଆସେ। ଆଉ ଏକ ବିଶ୍ୱାସ ହେଉଛି, ନୂଆ ଘର ନିର୍ମାଣ ସମୟରେ ନକାରାତ୍ମକ ଶକ୍ତି କିମ୍ବା ବାସ୍ତୁ ଦୋଷ ଦ୍ୱାରା ପ୍ରଭାବିତ ହେବାର ଭୟ ଥାଏ। କ୍ଷୀରରେ ପବିତ୍ରତା ଏବଂ ଶୁଦ୍ଧିର ଗୁଣ ଥାଏ। ତେଣୁ କ୍ଷୀରରୁ ବାହାରୁଥିବା ବାଷ୍ପ ନକାରାତ୍ମକ ଶକ୍ତିକୁ ଦୂର କରେ ଏବଂ ପରିବେଶକୁ ପବିତ୍ର କରେ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, କ୍ଷୀରକୁ ଚନ୍ଦ୍ରର କାରକ ଏବଂ ଚୁଲି (ଅଗ୍ନି)କୁ ମଙ୍ଗଳର କାରକ ବୋଲି ବିବେଚନା କରାଯାଏ। ଗୃହନିର୍ମାଣ ସମୟରେ ଚୁଲିରେ କ୍ଷୀର ପଡ଼ିବା ମଙ୍ଗଳ ଏବଂ ଚନ୍ଦ୍ରଙ୍କ ଏକ ଶୁଭ ମିଳନ ବୋଲି ବିଶ୍ୱାସ ରହିଛି।

# ଶ୍ୱେତଗଙ୍ଗା

ପୁରୀର ଜଗନ୍ନାଥ ମନ୍ଦିରର ପଶ୍ଚିମ ଦିଗରେ ଶ୍ୱେତଗଙ୍ଗା ଏକ ଛୋଟ ପବିତ୍ର କୁଣ୍ଡ। ମହାଭାରତ ଅନୁସାରେ ଶ୍ୱେତଗଙ୍ଗା ଭଗବାନ ବିଷ୍ଣୁଙ୍କ ନଖରୁ ସୃଷ୍ଟି ହୋଇଛି। ଶ୍ୱେତଗଙ୍ଗା ସିଂହଦ୍ୱାର ଏବଂ ସ୍ୱର୍ଗଦ୍ୱାର ମଧ୍ୟରେ ଅବସ୍ଥିତ। ଏହି ଗଙ୍ଗା ପୃଥିବୀର ତଳ ଭାଗରୁ ଆସିଛି ଏବଂ ଜଳ ପବିତ୍ର। ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବା ପୂର୍ବରୁ ତୀର୍ଥଯାତ୍ରୀମାନେ ସମୁଦ୍ରରେ ସ୍ନାନ କରିବା ପରେ ପୁଣି ଶ୍ୱେତଗଙ୍ଗାରେ ସ୍ନାନ କରି ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି। ବିଶ୍ୱାସ କରାଯାଏ ଯେ ଶ୍ୱେତଗଙ୍ଗା ଏବଂ ଗଙ୍ଗା ନଦୀ ମଧ୍ୟରେ ଏକ ଆଭ୍ୟନ୍ତରୀଣ ସମ୍ପର୍କ ରହିଛି। ଏହି ପୁଷ୍କରିଣୀର କୂଳରେ ଶ୍ୱେତ ମାଧବ ଏବଂ ମତ୍ସ୍ୟ ମାଧବଙ୍କ ଉଦ୍ଦେଶ୍ୟରେ ଦୁଇଟି ଛୋଟ ମନ୍ଦିର ଅଛି। ଶ୍ରୀ କ୍ଷେତ୍ର ଧାମର ପଞ୍ଚ ତୀର୍ଥ ମଧ୍ୟରୁ ଶ୍ୱେତ ଗଙ୍ଗା ଗୋଟିଏ। ଏହି ବଡ଼ ପବିତ୍ର ସ୍ନାନ କୁଣ୍ଡ ଗଙ୍ଗା ମାତା ମଠର ଠିକ୍ ବିପରୀତରେ ଅବସ୍ଥିତ। ପୁରୀର ବାସିନ୍ଦାମାନେ ବିଶ୍ୱାସ କରନ୍ତି ଯେ ଗଙ୍ଗା ଦେବୀ ଏଠାରେ ବ୍ୟକ୍ତିଗତ ଭାବରେ ବାସ କରନ୍ତି, ଯାହା ଯୋଗୁଁ ପୁଷ୍କରିଣୀ କେବେ ଶୁଖିଯାଏ ନାହିଁ। ଶ୍ୱେତଗଙ୍ଗା ଶ୍ରୀ କ୍ଷେତ୍ର ଧାମର ପଞ୍ଚ ମୁକ୍ତି ତୀର୍ଥ ମଧ୍ୟରୁ ଗୋଟିଏ। ଏହି ବଡ଼ ପବିତ୍ର ସ୍ନାନ କୁଣ୍ଡଟି ଗଙ୍ଗା ମାତା ମଠର ଠିକ୍ ବିପରୀତରେ ଅବସ୍ଥିତ। ପୁରୀ ବାସିନ୍ଦାମାନେ କୁହନ୍ତି ଯେ ଗଙ୍ଗା-ଦେବୀ ଏଠାରେ ବ୍ୟକ୍ତିଗତ ଭାବରେ ଶ୍ୱେତ ଗଙ୍ଗା ରୂପରେ ବାସ କରନ୍ତି ଯାହା ଦ୍ୱାରା ସେ ନିୟମିତ ଦର୍ଶନ କରିପାରିବେ ଏବଂ ପ୍ରଭୁ ଜଗନ୍ନାଥଙ୍କ ସେବା କରିପାରିବେ। ଗଙ୍ଗାଠାରୁ ଭିନ୍ନ ନହେବାରୁ, ଏହି ପୁଷ୍କରିଣୀ କେବେ ଶୁଖିଯାଏ ନାହିଁ। କୁହାଯାଏ ଯେ ଯେକୌଣସି କାରଣରୁ ସମସ୍ତ ଜଳ ବାହାର କରିଦିଆଗଲେ ମଧ୍ୟ, କୁଣ୍ଡଟି ସ୍ୱଚାଳିତ ଭାବରେ ଅଳ୍ପ ସମୟ ମଧ୍ୟରେ ପୁନଃପୂରଣ ହୋଇଯାଏ।



# ଜୀବନରେ ଉନ୍ନତି କରିବା ସୂତ୍ର



**ଭଗବାନ ବିଷ୍ଣୁ –** ଧାର୍ମିକ ଗ୍ରନ୍ଥ ଅନୁସାରେ ଭଗବାନ ବିଷ୍ଣୁ ଭକ୍ତମାନଙ୍କର ସମସ୍ତ କଷ୍ଟ ଦୂର କରି ସେମାନଙ୍କ ଜୀବନରେ ସୁଖ-ଶାନ୍ତି ପ୍ରଦାନ କରିଥାନ୍ତି। ଯେଉଁ ବ୍ୟକ୍ତି ଦିନର ଆରମ୍ଭ ଭଗବାନଙ୍କ ଭକ୍ତିରେ କରିଥାଏ, ତା'ର କାମରେ ସଫଳତା ମିଳିଥାଏ । ତେଣୁ ନିତ୍ୟ ଭଗବାନ ବିଷ୍ଣୁଙ୍କର ଉପାସନା କରିବା ଉଚିତ।

**ଏକାଦଶୀ ବ୍ରତ –** ସେହି ଗରୁଡ଼ ପୁରାଣରେ ଏକାଦଶୀ ବ୍ରତ ବିଷୟରେ ମଧ୍ୟ କୁହାଯାଇଛି । ସମସ୍ତ ବ୍ରତମାନଙ୍କ ମଧ୍ୟରୁ ଏକାଦଶୀ ବ୍ରତ ଶ୍ରେଷ୍ଠ ଅଟେ। ଯେଉଁ ବ୍ୟକ୍ତି ଏକାଦଶୀ ବ୍ରତ ପୂରା ନିଷ୍ଠାର ସହିତ ରଖିଥାଏ ତ । ଜୀବନରେ ଶୁଭ ଫଳ ପ୍ରାପ୍ତି ହୋଇଥାଏ।

**ଗଙ୍ଗା ନଦୀ –** ଗରୁଡ଼ ଗ୍ରନ୍ଥ ଅନୁସାରେ



ଗଙ୍ଗା ଜଳ ସମସ୍ତ ପାପରୁ ମୁକ୍ତି ଦେଇଥାଏ । ଏଥିପାଇଁ ଯେକୌଣସି ଶୁଭ କାର୍ଯ୍ୟରେ ଗଙ୍ଗା ଜଳ ବ୍ୟବହାର କରାଯାଇଥାଏ। ଗଙ୍ଗା ଜଳରେ ଶୁଦ୍ଧିକରଣ କରାଯାଇଥାଏ । ଏଥିପାଇଁ ଗଙ୍ଗା ଜଳର ପୂଜା ଅବଶ୍ୟ କରନ୍ତୁ ।

**ତୁଳସୀ –** ତୁଳସୀ ଗଛର ସମ୍ବନ୍ଧ ମା' ଲକ୍ଷ୍ମୀଙ୍କ ସହିତ ଏବଂ ଭଗବାନ ବିଷ୍ଣୁଙ୍କର ତୁଳସୀ ପତ୍ର ବହୁତ ପ୍ରିୟ ଅଟେ। ଭଗବାନ ଶ୍ରୀହରିଙ୍କ କୃପା ପାଇବା ପାଇଁ ତୁଳସୀ ଗଛର ପୂଜା କରାଯାଇଥାଏ । ତୁଳସୀ ଗଛ ମୂଳରେ ନିୟମିତ ଦୀପ ଜଳାଇବା ଉଚିତ।

**ଜ୍ଞାନୀ ପୁରୁଷ –** ଧାର୍ମିକ ଶାସ୍ତ୍ର ଅନୁସାରେ ଜ୍ଞାନୀ ପୁରୁଷ ବା ପଣ୍ଡିତଙ୍କ ସମ୍ମାନ କରିବା ଦ୍ୱାରା ବ୍ୟକ୍ତିକୁ ସଫଳତା ମିଳିଥାଏ । ଶାସ୍ତ୍ରରେ ଜ୍ଞାନୀ ପୁରୁଷଙ୍କ ଅପମାନ ଅନୁଚିତ କୁହାଯାଇଥାଏ।

**ଗାଈ –** ହିନ୍ଦୁ ଧର୍ମରେ ଗାଈକୁ ପୂଜନୀୟ ସ୍ଥାନ ଦିଆଯାଇଛି । ଗରୁଡ଼ ପୁରାଣ ଅନୁସାରେ ଗାଈ ଠାରେ ସମସ୍ତ ଦେବୀ -ଦେବତାଙ୍କ ବାସ ହୋଇଥାଏ। ଗାଈଙ୍କୁ ଦେବ ତୁଲ୍ୟ ମାନିକରି ତାଙ୍କର ପୂଜା -ଅର୍ଚ୍ଚନା କରିବା ଦ୍ୱାରା ସମସ୍ତ ଅସୁବିଧାରୁ ମୁକ୍ତି ମିଳିଥାଏ।

# ଅତିବଡ଼ୀ ଜଗନ୍ନାଥ ଦାସ



କୁହାଯାଏ ଯେ, ଶ୍ରୀଚୈତନ୍ୟ ଯେତେବେଳେ ଗୌଡ଼ ଦେଶରୁ ପୁରୀ ଆସିଥିଲେ ସେତେବେଳେ ସେ ଜଗନ୍ନାଥ ଦାସଙ୍କୁ ପ୍ରଥମେ ପୁରୀ ଜଗନ୍ନାଥ ମନ୍ଦିରବେଢ଼ା ଭିତରେ ଥିବା କଳ୍ପବଟ ତଳେ ବଟ ଗଣେଶଙ୍କ ନିକଟରେ ବସି ଦୂରଦୂରାନ୍ତରୁ ଆସୁଥିବା ନିରକ୍ଷର ଗାଁ ଭକ୍ତଙ୍କୁ ନିଜର ସଦ୍ୟ ରଚିତ ଭାଗବତ ଶୁଣାଉଥିବା ଅବସ୍ଥାରେ ଭେଟିଥିଲେ। ସେଠାରେ ଭକ୍ତଗଣ ଏହି ଓଡ଼ିଆ ଭାଗବତ ଶୁଣି ତନ୍ମୟ ହୋଇ ଯାଉଥିଲେ। ଶ୍ରୀଚୈତନ୍ୟ ଜଗନ୍ନାଥ ଦାସଙ୍କ ଅଗାଧ ପାଣ୍ଡିତ୍ୟ ଓ ଭକ୍ତିମତ୍ତାରେ ମୁଗ୍ଧ ହୋଇ ତାଙ୍କୁ 'ଅତିବଡ଼ୀ' ଉପାଧିରେ ଭୂଷିତ କରିଥିଲେ। ଜଗନ୍ନାଥଙ୍କ ଶିଷ୍ୟଗଣ ପରବର୍ତ୍ତୀ ସମୟରେ 'ଅତିବଡ଼ୀ ସଂପ୍ରଦାୟର ବୈଷ୍ଣବ ଭାବେ ପରିଚିତ ହୋଇଥିଲେ। ପରେ ଶ୍ରୀଚୈତନ୍ୟ ଓ ଜଗନ୍ନାଥ ଦାସଙ୍କ ମଧ୍ୟରେ ବନ୍ଧୁତା ବୃଦ୍ଧି ପାଇଲା। ଏହା ଦେଖି ଶ୍ରୀଚୈତନ୍ୟଙ୍କ ବଙ୍ଗୀୟ ଭକ୍ତଗଣ ମନରେ ଜଗନ୍ନାଥ ଦାସଙ୍କ ପ୍ରତି ଈର୍ଷା ଜାତ ହେଲା। ଏପରିକି, ଏହି କାରଣରୁ ସେମାନଙ୍କ ମଧ୍ୟରୁ ଅନେକ ଚୈତନ୍ୟଙ୍କୁ ତ୍ୟାଗ କଲେ। ଚୈତନ୍ୟଙ୍କ ନିର୍ଦ୍ଦେଶରେ ଜଗନ୍ନାଥ ଦାସ, ପଞ୍ଚସଖା ଯୁଗର ବରିଷ୍ଠ କବି ତଥା 'ଦାଣ୍ଡି ରାମାୟଣ'ର ରଚୟିତା ବଳରାମ ଦାସଙ୍କଠାରୁ ଦୀକ୍ଷା ଗ୍ରହଣ କଲେ। ଚୈତନ୍ୟଙ୍କ ସହିତ ସେ ଏକାଠି ବାସ କଲେ ଓ ତାଙ୍କର ସବୁପ୍ରକାର ସେବା କଲେ। ଚୈତନ୍ୟ ଶରୀର ତ୍ୟାଗ କରିବା ପରେ ସେ ତାଙ୍କୁ ଝୁରି ଝୁରି ଷାଠିଏ ବର୍ଷ ବୟସରେ ଶ୍ରୀକ୍ଷେତ୍ରରେ ନିଜ ପ୍ରତିଷ୍ଠିତ ସାତଲହଡ଼ି ମଠରେ ଶରୀର ତ୍ୟାଗ କଲେ।

# ଅସତ୍ୟ, ଅନୀତିର ହେବ ବିଲୋପ

ସନ୍ମାର୍ଗରେ ଚାଲୁଥିବା ବ୍ୟକ୍ତି କେବେ ବି ଦିଗଭ୍ରଷ୍ଟ ହେବାର ସମ୍ଭାବନା ନଥାଏ। ଅନୁରୂପ ଭାବରେ ଅନ୍ୟାୟ, ଅନୀତି, ଭ୍ରମାତ୍ମକ ମାର୍ଗରେ ଯାଇ କେବେ ବି ସର୍ବୋଚ୍ଚ ଶିଖରରେ ପହଞ୍ଚି ହୁଏନି, କି ଶ୍ରେଷ୍ଠତମ ଲକ୍ଷ୍ୟ ହାସଲ କରାଯାଇ ନପାରେ। ଏଭଳି ଅନୁଚିତ ମାର୍ଗ, ପ୍ରକ୍ରିୟାରେ ଯାହା କିଛି (ସୁବିଧା-ସାଧନ)ହାସଲ କରାଯାଇଥାଏ କେବେ ବି ତାହା ସ୍ଥାୟୀ ହେଇ ନଥାଏ। ତାହାର ଅନ୍ତ ଅତୀବ ଭୟାବହ ହୋଇଥାଏ। ଅନ୍ୟକୁ ପୀଡ଼ାଦେଇ କିମ୍ବା ଅନ୍ୟକୁ ତା'ର ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରି ଯେତେ ଯାହା ହାସଲ କରାଯାଇଥାଏ ତା'ର ଉପସଂହାର ଅତୀବ ମର୍ମାନ୍ତିକ ହୋଇଥାଏ। ଅକଳନୀୟ ବୈଭବ, ଐଶ୍ୱର୍ଯ୍ୟରେ ଅଧିକାରୀ- ବୁନ୍ଦେ ପାଣି ପିଇବା ପାଇଁ ମଧ୍ୟ ଆକୁଳ ଚିତ୍କାର କରିଥାଏ। ଅନୀତି, ଅନ୍ୟାୟରେ ପ୍ରାପ୍ତ ସଫଳତା କେବେ ବି ଆତ୍ମିକ ସୁଖ, ଆନନ୍ଦ ଦେଇ ନଥାଏ, ବରଂ ଏହା ଜୀବନକୁ ଦୁର୍ବିସହ, ଯନ୍ତ୍ରଣା ଜର୍ଜରିତ କରିଦେଇଥାଏ।



କୌରବମାନଙ୍କ ସମୃଦ୍ଧି ଓ ଐଶ୍ୱର୍ଯ୍ୟ କାହାଣୀ ପାଣ୍ଡବମାନଙ୍କର ନୈସର୍ଗିକ ଅଧିକାରକୁ ତଞ୍ଚକତାପୂର୍ଣ୍ଣ ଭାବରେ ଛିନ୍ନ କରି ଲେଖାଯାଇଥିଲା। ଏହାର ଅନ୍ତଃ କାହିଁ କେତେଗୁଣ ଭୟାବହ ହୋଇଥିଲା ତାହା ସମସ୍ତେ ଜାଣନ୍ତି। ପୁତ୍ର ମୋହରେ ଅନ୍ଧ ଧୃତରାଷ୍ଟ୍ରଙ୍କ ଶହେ ପୁତ୍ର ମଧ୍ୟରୁ କେହି ଜଣେ ବି ଜୀବିତ ରହିଲେ ନାହିଁ। ବୈଭବର ମୋହରେ ଉନ୍ମାଦ କୌରବମାନେ ଆହୁତି ହୋଇଗଲେ ପାପନାଶନ ଯଜ୍ଞରେ। ବିନା ଯୁଦ୍ଧରେ ସୂଚ୍ୟଗ୍ର ପରିମିତ ମେଦିନୀ ଦେବିନାହିଁ ବୋଲି ଦୃଢ଼ତାର ସହ କହୁଥିବା କୁରୁପତି ଦୁର୍ଯ୍ୟୋଧନ ଥିଲେ ଅନ୍ୟାୟ, ଅନୀତି, ଅତ୍ୟାଚାରର ପ୍ରତୀକ। ପାପ-ପୁଣ୍ୟର ମହାଯୁଦ୍ଧରେ ବଳି ପଡ଼ିଗଲେ ଭ୍ରାତାମାନଙ୍କ ସହ। ଭଗବାନ ବାମନ ଉଦାରହୃଦୟ ବଳିଙ୍କଠାରୁ ତିନିପାଦ ଭୂମି ସତ୍ୟ ଆଳରେ ନେବା ଆଳରେ ଥିଲା ଏକ ଗୂଢ଼ ରହସ୍ୟ। କାଳେ ଦେବରାଜ ଇନ୍ଦ୍ରଙ୍କ ସିଂହାସନ ଦଖଲ କରିନେବେ। ତାଙ୍କ ସିଂହାସନ ନିଷ୍କଣ୍ଟକ ପାଇଁ ଛଳ କରି ଛଦ୍ମବେଶରେ ଆସିଥିଲେ। ବାମନ ଅର୍ଥ ଗେଡ଼ା, ଖର୍ବକାୟ। ନୀତି ନୈତିକତାରୁ ପତିତ, ମୂଲ୍ୟବୋଧରୁ ବିଚ୍ୟୁତ ହେବା ତଥା ଛଳର ଆଶ୍ରୟ ନେବା କାରଣରୁ ତାଙ୍କୁ ମଧ୍ୟ ବଳିଙ୍କ ଦ୍ୱାର ଦେଶରେ ଭିକ୍ଷାର୍ଥୀ ବାମନ ଭାବରେ ଭିକ୍ଷା ମାଗିବାକୁ ପଡ଼ିଥିଲା। ଭକ୍ତ ପ୍ରହ୍ଲାଦ, ଅସୁର କୁଳରେ ଜାତ ହେଲେ ମଧ୍ୟ ନୀତି ନୈତିକତା କେବେ ବିସର୍ଜନ କରିନଥିଲେ କି ସତ୍ୟପଥ ତ୍ୟାଗ କରିନଥିଲେ। ବାଳକ ଧ୍ରୁବ ମୃତ୍ୟୁକୁ ଆପଣାଇ ନେଇ ସତ୍ୟପଥରୁ ବିଚ୍ୟୁତ ନହୋଇ ଆଜି ବି ଆକାଶରେ ଧ୍ରୁବତାରା ଭାବରେ ରହି ସମସ୍ତଙ୍କୁ ସତ୍ୟର ମହତ୍ତ୍ୱ ଦର୍ଶାଉଛନ୍ତି। ଯେ କୌଣସି ପରିସ୍ଥିତିରେ ସାମୟିକ ଲାଭ ପାଇଁ ସତ୍ୟରୁ ବିଚ୍ୟୁତ ହେବା ସାମୟିକ ଲାଭ ପାଇଁ ଆଦୌ ସ୍ପୃହଣୀୟ ନୁହେଁ। କାରଣ ଅସତ୍ୟ, ଅନୀତିର ବିଲୋପ ନିଶ୍ଚୟ ହେବ ବିଳମ୍ବରେ ହେଲେ ମଧ୍ୟ।

*ଅନ୍ୟକୁ ପୀଡ଼ାଦେଇ କିମ୍ବା ଅନ୍ୟକୁ ତା'ର ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରି ଯେତେ ଯାହା ହାସଲ କରାଯାଇଥାଏ ତା'ର ଉପସଂହାର ଅତୀବ ମର୍ମାନ୍ତିକ ହୋଇଥାଏ। ଅକଳନୀୟ ବୈଭବ, ଐଶ୍ୱର୍ଯ୍ୟରେ ଅଧିକାରୀ- ବୁନ୍ଦେ ପାଣି ପିଇବା ପାଇଁ ମଧ୍ୟ ଆକୁଳ ଚିତ୍କାର କରିଥାଏ।*

## 'ଲକ୍ଷ୍ୟ ନିର୍ଦ୍ଦିଷ୍ଟ ରହିଲେ ସଫଳତା ମିଳିବା କଷ୍ଟକର ନୁହେଁ'

ନିରାକାରପୁର,(ନିପ୍ର): ଛାତ୍ରଛାତ୍ରୀ ଦେଶର ଭବିଷ୍ୟତ। କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛା ଶକ୍ତି ସଫଳତାର ଶୀର୍ଷରେ ପହଞ୍ଚାଇବ ବୋଲି ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ସ୍ଥିତ ରାମକୃଷ୍ଣ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ ପାଳନ ଅବସରରେ ଉପସ୍ଥିତ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ଦିଲ୍ଲୀପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍ ମ୍ୟାନେଜର ଉମାକାନ୍ତ ଘଡ଼େଇ, ମୁଖ୍ୟ ବକ୍ତା ଭାବେ ସରପଞ୍ଚ ପଙ୍କଜୀନ ବଳବନ୍ତରାୟ, ସମ୍ମାନୀତ ଅତିଥି ଭାବେ ରାମକୃଷ୍ଣ ଶିକ୍ଷା କେନ୍ଦ୍ର ସଭାପତି ବାଞ୍ଛାନିଧି ବେହେରା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜଳମୟ ଭବିଷ୍ୟତ କାମନା କରିଥିଲେ। ରାମକୃଷ୍ଣ ଶିକ୍ଷା କେନ୍ଦ୍ର ପ୍ରଧାନ ଆଚାର୍ଯ୍ୟ ସୌରଭ ସ୍ନିଗ୍ଧ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ରାମକୃଷ୍ଣ ଶିକ୍ଷା କେନ୍ଦ୍ର ସମ୍ପାଦକ ସର୍ବେଶ୍ୱର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଅଭିଭାବକ ଓ ଜନସାଧାରଣଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶୁଭେଚ୍ଛୁ ଦିଲ୍ଲୀପ କୁମାର ବେହେରା, ପ୍ରଭାସିନୀ ବଳିଆରସିଂହ ଓ ଶିକ୍ଷକ ସର୍ବେଶ୍ୱର ବେହେରା, ଦିଲ୍ଲୀପ କୁମାର ପଣ୍ଡା ଓ ସ୍ୱାଗତିକା ଚୌହାନ ପ୍ରମୁଖ ସହଯୋଗ କରିଥିଲେ।

## ଆଗାମୀ ମାଟ୍ରିକ୍ ପରୀକ୍ଷାରେ ଛାତ୍ରଙ୍କ ଶତ ପ୍ରତିଶତ ସଫଳତା ପାଇଁ ପ୍ରଶିକ୍ଷଣ

ନିମାପଡ଼ା, (ନି.ପ୍ର.): ସମଗ୍ର ପୁରୀ ଜିଲ୍ଲାରେ ଆଗାମୀ ମାଟ୍ରିକ୍ ପରୀକ୍ଷାକୁ ସୁପରିଚାଳନା ସହିତ ଏ-୧ ଗ୍ରେଡ୍‌ରେ ଶତ ପ୍ରତିଶତ ସଫଳତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ନିମାପଡ଼ା ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ନିମାପଡ଼ା ବ୍ଲକ୍ ନୋଡ଼ାଲ ଅଧିକାରୀ ତ୍ରିଲୋଚନ ବେହେରା, ପିପିଲି ବ୍ଲକ୍ ନୋଡ଼ାଲ ଅଧିକାରୀ ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ପ୍ରତ୍ୟେକ ଛାତ୍ରର ଦକ୍ଷତାନୁସାରେ ମାଟ୍ରିକ୍ ପରୀକ୍ଷାରେ ଭଲ ନମ୍ବର ରଖିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତିକାନ୍ତ ପ୍ରଧାନ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଛାତ୍ରମାନଙ୍କୁ ସେହି ଅନୁସାରେ ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଇଥିଲେ । ନିମାପଡ଼ା ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ, ଜିଲ୍ଲା ନୋଡ଼ାଲ ଅଧିକାରୀ ରମାକାନ୍ତ ଓଝା, ପ୍ରତାପ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ବିଭିନ୍ନ ବିଦ୍ୟାଳୟର ବାର୍ଷିକ ପରୀକ୍ଷା ପ୍ରସ୍ତୁତି ସଂପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ବାର୍ଷିକ ମାଟ୍ରିକ୍ ପରୀକ୍ଷାରେ ଛାତ୍ରମାନଙ୍କ ଅନୁପସ୍ଥିତକୁ ହ୍ରାସ କରିବା ପାଇଁ ସରକାରଙ୍କ ନିଷ୍ପତି କାର୍ଯ୍ୟକାରୀ କରିବା ଦିଗରେ ଗୁରୁତ୍ୱ ଦିଆଯାଇଥିଲା । ନିମାପଡ଼ା ଓ ପିପିଲି ବ୍ଲକ୍ ଅଧୀନସ୍ଥ ୭୫ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀମାନେ ଯୋଗ ଦେଇ ବୈଠକକୁ ସଫଳ ରୂପାୟନ ଦେଇଥିଲେ । ନନ୍ଦିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁଲଗୁମି ପର୍ଯ୍ୟଟନ ସ୍ଥଳୀ ସୂଚନା ଫଳକ ସ୍ଥାପନ



କାଶୀନଗର(ନିପ୍ର): କାଶୀନଗର ପଞ୍ଚାୟତ ସମିତି ଅନ୍ତର୍ଗତ ଅଲଡା ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ପୁଲଗୁମି ଜଳ ପ୍ରପାତକୁ ଏକ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦେବା ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଛି । ପୁଲଗୁମି ଗ୍ରାମ ନିକଟରେ ଥିବା ସୁନ୍ଦର ବନ ଦୁର୍ଗା ମନ୍ଦିର ଯାହାକି ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ସକାଶେ ଆକୃଷ୍ଟ କରିବା ସହ ନିକଟରେ ଥିବା ଘଞ୍ଚ ଜଙ୍ଗଲ ମଧ୍ୟରେ ପ୍ରବାହିତ ହେଉଥିବା ଏକ ଜଳ ପ୍ରପାତ ଯାହା କି ପର୍ଯ୍ୟଟକ ମାନଙ୍କୁ ବଣ ଭୋଜି କରିବା ସହ ଜଳ ପ୍ରପାତର ଆନନ୍ଦ ନେବା ପାଇଁ ଆସିଥାନ୍ତି । ଏହି ପରିପ୍ରେକ୍ଷୀରେ କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାଇମ୍ମା ତଥା ବିଡ଼ିଓ ଡ଼ମ୍ବୁରୁ ଧର ମଲ୍ଲିକ୍‌ଙ୍କ ପ୍ରଚେଷ୍ଟାରେ ପୁଲଗୁମି ଜଳପ୍ରପାତ ପର୍ଯଟନ ସ୍ଥଳୀକୁ ଲୋକଲୋଚନକୁ ଆଣିବା ପାଇଁ ଆଉ ଏକ ପାଦ ଆଗେଇ ରାଣୀପେଣ୍ଟ ଛକ, କାଶୀନଗର ଏସବି ଆଇ ଛକ, ପୁଲଗୁମି ବନଦୁର୍ଗା ମନ୍ଦିର ଓ ଗୁଣୁପୁର ପୋକଓ୍ୱାନ ହୋଟେଲ ପାର୍ଶ୍ୱରେ ଚାରୋଟି ସୂଚନା ଫଳକ ଆଜି ସ୍ଥାପନ କରି ଅଧିକରୁ ଅଧିକ ପର୍ଯ୍ୟଟକମାନଙ୍କୁ ଆକର୍ଷଣ କରିବା ପାଇଁ ନେଇଥିବା ପଦକ୍ଷେପକୁ କାଶୀନଗର ତଥା ପୁଲଗୁମି ବନଦୁର୍ଗା ମନ୍ଦିର ଟ୍ରଷ୍ଟ ସଦସ୍ୟ ମାନେ ସ୍ୱାଗତ କରିବା ସହ ଏହି ସ୍ଥଳୀ କୁ ରାଷ୍ଟ୍ରୀୟ ପର୍ଯ୍ୟଟନ ସ୍ଥଳୀ ର ମାନ୍ୟତା ଦେବା ପାଇଁ ଦାବୀ କରିଥିଲେ।

# ରାଜ୍ୟ ଉଚ୍ଚସ୍ତରୀୟ କମିଟିଙ୍କ ଭାପୁର ବ୍ଲକ ପରିଦର୍ଶନ



ଭାପୁର (ନିପ୍ର): ରାଜ୍ୟ ବିଧାନସଭାର ଅଷ୍ଟମ ସଂଶୋଧିତ ବୈଠକରେ ଖଣ୍ଡପଡା ବିଧାୟକଙ୍କ ଦ୍ୱାରା ସୁପାରିଶ ହୋଇଥିବା ଶ୍ୱେତପତ୍ରର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ 'ଟେବୁଲ ଉପରେ ରଖାଯାଇଥିବା ପତ୍ର'ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପର ଆକସ୍ମିକ ପରିଦର୍ଶନ କମିଟି ମଙ୍ଗଳବାର ଦିନ ଭାପୁର ଓ ଖଣ୍ଡପଡା ବ୍ଲକର ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିବା ସହିତ କଣ୍ଟିଲୋ ଆରାଧ୍ୟ ଦେବତା ନୀଳମାଧବ ଙ୍କୁ ଦର୍ଶନ କରି ଫେରିଛନ୍ତି । ଖଣ୍ଡପଡା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆସିଥିବା ଏହି କମିଟିରେ ବିଧାୟକ ରୁପେଶ କୁମାର ପାଣିଗ୍ରାହୀ,ବିଧାୟକ ସତ୍ୟଜିତ ଗମାଙ୍ଗ,ରାଜ୍ୟ ସରକାର ଙ୍କ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଟ, ବିଧାନସଭା କମିଟିର ଯୁଗ୍ମ ସଚିବ ବିଦ୍ୟାଧର ମାଝୀ, ଯୁଗ୍ମ ସମ୍ପାଦକ ବିଜୟ କୁମାର ବେହେରା,ଫିସେରୀ ନିର୍ଦ୍ଦେଶକ ମହମ୍ମଦ ଆଲ୍ଲମ,ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ,ଜିଲ୍ଲା ମତ୍ସ୍ୟ ଅଧିକାରୀ ସି. ପଲ୍ଲବୀ ଏବଂ ଅନ୍ୟାନ୍ୟ ରାଜ୍ୟ ସ୍ତରୀୟ ପ୍ରଶାସନିକ ଅଧିକାରୀ ମାନଙ୍କ ସହିତ ଭାପୁର ବ୍ଲକ ବିଡ଼ିଓ ସାରଦା ପ୍ରସନ୍ନ ପଣ୍ଡା ପ୍ରମୁଖ ଭାପୁର ବ୍ଲକର ଦୁଇ ଗୋଟି ପ୍ରକଳ୍ପ ପରିଦର୍ଶନ କରିଛନ୍ତି । ଏହି କମିଟି ଫତେଗଡ଼ ପଞ୍ଚାୟତ ଅନ୍ତର୍ଗତ ମଣିପୁର ଏବଂ ବାଘୁଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ବୋରଗାଁ ଗ୍ରାମର ବିସ୍ତିର୍ଣ୍ଣ ପାଟରେ ବର୍ଷସାରା ଜଳକୁ କିପରି ଗଚ୍ଛିତ ରଖି ଯାଆଁଳ ଉତ୍ପାଦନ କରାଯିବ ସେ କ୍ଷେତ୍ରକୁ ପରିଦର୍ଶନ କରିବା ସହିତ ଖଣ୍ଡପଡା ବ୍ଲକ ବାଣପୁର ଗ୍ରାମ ନିକଟରେ ମହାନଦୀର ଭିତ୍ତିଭୂମି ତଥା କଣ୍ଟିଲୋରେ ଏକ ସଭାରେ ଯୋଗଦାନ କରି ଫେରିଥିଲେ।

## ଗୁହାଳ ଘର ପାଉଣା ପାଇବାରେ ଅହେତୁକ ବିଳମ୍ବ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ପଞ୍ଚାୟତ କର୍ମଚାରୀଙ୍କ ଅବହେଳା ଯୋଗୁଁ ଗାଇ ଓ ଛେଳି ଗୁହାଳ କରିଥିବା ହିତାଧିକାରୀମାନେ ଦୀର୍ଘ ଦିନ ହେବ ପାଉଣା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି । ଜିଓ ଟ୍ୟାଗ ନକରି ପଞ୍ଚାୟତ ପିଇଓ (ପଞ୍ଚାୟତ ନିର୍ବାହୀ ଅଧିକାରୀ) ଗୁହାଳ ନିର୍ମାଣ ପାଇଁ ବାଧ କରି ତାଙ୍କ ପ୍ରାପ୍ୟ ଦେଉନଥିବାରୁ ବିଚରା ଗରିବ ହିତାଧିକାରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସୂଚନା ଅନୁଯାୟୀ, କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତର ବିଭିନ୍ନ ଗ୍ରାମର ହିତାଧିକାରୀମାନେ ଏମଜିଏନଆରଇଜିଏସ ଯୋଜନାରେ ଗାଇ ଓ ଛେଳି ଗୁହାଳ ନିର୍ମାଣ କରିଛନ୍ତି । ଜିଓ ଟ୍ୟାଗ ନ କରି ସଂପୃକ୍ତ ପଞ୍ଚାୟତର କର୍ମଚାରୀମାନେ ହିତାଧିକାରୀଙ୍କ ନିକଟକୁ ଯାଇ ଶୀଘ୍ର ଗୁହାଳ ନିର୍ମାଣ ସାରିବାକୁ ବାରମ୍ବାର ତାଗିଦ କରିଥିଲେ । ଫଳରେ ହିତାଧିକାରୀମାନେ ଧାର କରଜ କରି ଗୁହାଳ ନିର୍ମାଣ କାମ ସାରିଥିଲେ । ହେଲେ ବଚନ ପିଙ୍ଗ,ସଞ୍ଜିତ କିଷାନ,ଫୁଲତୁଲି ବୁଡ଼ା,ବିରଞ୍ଚି ମେହେର, ଶିବ ବୁଡା ଓ କିଶୋର ଦେହୁରୀଙ୍କ ସହ ଅଧିକାଂଶ ହିତାଧିକାରୀ କାମ କରିବାର ୬ ମାସ ପରେ ବି ତାଙ୍କ ପାଉଣା ପାଇବାରୁ ବଞ୍ଚିତ ହୋଇଛନ୍ତି । ପିଆଇଓ ଏବଂ ଏଡିଇଓ କାର୍ଯ୍ୟରେ ଅବହେଳା କରି ହିତାଧିକାରୀଙ୍କ ଏମ୍‌ଆର ବାହାର କରି ନଥିବାରୁ ଯେଉଁମାନେ ଗାଇ ଓ ଛେଳି ଗୁହାଳ କରିଛନ୍ତି ସେମାନେ ତାଙ୍କ ବିଲ୍ ଟଙ୍କା ପାଇପାରୁନାହାଁନ୍ତି । ଏଣୁ ଏହି ଯୋଜନାର ତାଲିକାରେ ଥିବା ଅନ୍ୟ ହିତାଧିକାରୀ ଗୁହାଳ ନିର୍ମାଣ ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି । ଏଥି ସହ ଏମଜିଏନଆରଇଜିଏସ ଯୋଜନାରେ ବକ୍ସମା ପଞ୍ଚାୟତରେ ଏପର୍ଯ୍ୟନ୍ତ ଗୋଟିଏ ମଧ ବ୍ୟକ୍ତିଗତ ପ୍ରକଳ୍ପ ସଫଳତାର ସହ ସଂପୂର୍ଣ୍ଣ କରିଥିବା ଦେଖିବାକୁ ମିଳୁନଥିବା ଅଭିଯୋଗ ହୋଇଛି । କାର୍ଯ୍ୟରତ ପିଆଇଓ ଏବଂ ଏଡିଇଓଙ୍କ ଏଭଳି ଖାମଖିଆଲି ମନୋଭାବ ଯୋଗୁଁ ସରକାରଙ୍କ ଯୋଜନା କେବଳ କାଗଜ କଲମରେ ହିଁ ସୀମିତ ରହୁଥିବାର ଉଦାହରଣ ସୃଷ୍ଟି କରିଛି । ମତାମତ ପାଇଁ କୁଚିଣ୍ଡା ବିଡିଓଙ୍କୁ ଯୋଗାଯୋଗ କରିବାରେ ଏମଜିଏନଆରଇଜିଏସ ଟଙ୍କା ଆସି ନାହିଁ ଟଙ୍କା ଆସିଲେ ସେମାନଙ୍କର ପ୍ରାପ୍ୟ ପଇଠ କରିବାକୁ କହିଛନ୍ତି ।

## ନୂଆ ଜଗନ୍ନାଥ ସଡ଼କରେ ଦନ୍ତା ହାତୀ : ଯାତ୍ରୀ ଆତଙ୍କିତ



ନିରାକାରପୁର,(ନିପ୍ର) : ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବନାଞ୍ଚଳରେ ଦୀର୍ଘ ବର୍ଷ ଧରି ହାତୀ ଉପଦ୍ରବ କରିଥିବାବେଳେ ଏମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଜଙ୍ଗଲ ହ୍ରାସ ,ଖାଦ୍ୟାଭାବ କାରଣରୁ ହାତୀ ଏବେ ଗାଁ, ସହର ମୁହାଁ ହୋଇଛନ୍ତି । ଏବେ ହାତୀ ବିଭିନ୍ନ ସ୍ଥାନ ଗୋଟିଏ ଦୁଇଟି ହୋଇ ବୁଲୁ ଥିବାବେଳେ କାଲି ଠାରୁ ଗୋଟିଏ ହାତୀ ରାମେଶ୍ୱର ଜଙ୍ଗଲ ଓ ଜଗନ୍ନାଥ ସଡ଼କରେ ବୁଲୁଥିବାର ଦେଖିବାକୁ ମିଳିଛି । ଆଜି ସନ୍ଧ୍ୟାରେ ରାମେଶ୍ୱର ଛକ ନିକଟ ନୂଆ ଜଗନ୍ନାଥ ସଡ଼କରେ ଦନ୍ତା ହାତୀଟି ବୁଲୁ ଥିବାର ଦେଖି ଲୋକେ ଭୟଭୀତ ହୋଇଥିଲେ । ଯାହା ଫଳରେ ଦନ୍ତା ଟି ରାସ୍ତା ପାର ହେବା ସମୟରେ ଯାତ୍ରୀ ଆତଙ୍କିତ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି । ପ୍ରାୟ ୧୦ ମିନିଟ ରାସ୍ତାର ଉଭୟ ପାର୍ଶ୍ୱ ରେ ଯାତ୍ରୀମାନେ ଅଟକି ରହିଥିଲେ ।

## ଚାନ୍ଦବାଲିରେ କଙ୍ଗାରୁ କୋର୍ଟ
## ବାଂଲାଦେଶୀ ସନ୍ଦେହରେ ମାନସିକ ବିକାରଗସ୍ତ ନାବାଳକକୁ ମାଡ଼

ଭଦ୍ରକ,(ନିପ୍ର): ପୁଣି ଚାନ୍ଦବାଲି ବ୍ଲକର ବାଂଶଡା ଥାନା ଅଂଚଳରେ କାଙ୍ଗାରୁ କୋର୍ଟ । ଚୋରା ମଦ ବିକ୍ରିକୁ କେନ୍ଦ୍ର କରି ଗାଁ ଦାଣ୍ଡରେ ଝିଅର ନିର୍ଯାତନା ସହି ନପାରି ବାପାର ଆତ୍ମହତ୍ୟା ଘଟଣାର ମନରୁ ନ ଲିଭୁଣୁ , ବାଙ୍ଗଲାଦେଶୀ ସନ୍ଦେହରେ ଜଣେ ମାନସିକ ବିକାରଗସ୍ତ ନାବାଳକକୁ ଗାଁ ଦାଣ୍ଡରେ ନିସ୍ତୁକ ମାଡ଼ ମରିବାର ଭିଡିଓ ଏବେ ଭାଇରଲ ହେବାରେ ଲାଗିଛି । ସୂଚନା ମୁତାବକ ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଭୂଇଁବୃତି ପଂଚାୟତର ଅମୂଲ୍ୟ ସେଠୀଙ୍କ ନାବାଳକ ପୁଅ ସାର୍ଥକ ଜଣେ ମାନସିକ ବିକାରଗ୍ରସ୍ତ ବାଳକ । ଦୁଇଦିନ ତଳେ ଘରୁ ନିଖୋଜ ହୋଇ ବାଟ ଭୁଲି ମଉସୁଧା ପଂଚାୟତର ହରିପୁର ଗ୍ରାମକୁ ଚାଲିଯାଇଥିଲା । ରାତ୍ରି ସମୟରେ ଗାଁ ଦାଣ୍ଡରେ ସାର୍ଥକ ବୁଲୁଥିବାର ଦେଖି ସନ୍ଦେହ ପ୍ରକଟ କରିଥିଲେ ଗ୍ରାମବାସୀ । ବାଙ୍ଗଲାଦେଶୀ ସନ୍ଦେହରେ ଗାଁ ଦାଣ୍ଡରେ ତାଙ୍କୁ ଇଲେକ୍ଟ୍ରି ଖୁଂଟରେ ବାନ୍ଧି ନିସ୍ତୁକ ମାଡ଼ ମାରିବା ସହ ପୋଲିସକୁ ଖବର ଦେଇଥିଲେ । ୧୧୨ ପୋଲିସ ସହାୟତା ଗାଡି ଘଟଣାସ୍ଥଳରେ ପହଂଚି ଉକ୍ତ ନାବାଳକକୁ ସେଠାରୁ ଉଦ୍ଧାର କରି ଅନ୍ୟତ୍ର ଛାଡି ଦେଇଥିଲା । ମାଡ଼ ଖାଇ ଲହୁଲୁହାଣ ହୋଇଥିବା ନାବାଳକକୁ ପୋଲିସ ଉଦ୍ଧାର କରି ଚିକିତ୍ସା ନ କରିବା ଓ କାହା ନାମରେ କେଶ ରୁଜୁ ନ କରିବାରୁ ପୋଲିସ ଭୂମିକାକୁ ନେଇ ସନ୍ଦେହ ପ୍ରକଟ କରିଥିଲେ ସ୍ଥାନୀୟ ଲୋକେ ବୋଲି କୁହାଯାଇଛି । ଏ ସମ୍ବନ୍ଧରେ ବାଂଶଡା ପୋଲିସ ଉପରେ ଚାପ ପଡିବାରୁ ପୋଲିସ ଉକ୍ତ ନାବାଳକକୁ ପୁଣି ଖୋଜିଥିଲା । ତିହିଡି ବ୍ଲକ ପିରହାଟ ଅଂଚଳରୁ ଉକ୍ତ ନାବାଳକକୁ ଉଦ୍ଧାର କରି ପ୍ରଥମେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଉକ୍ତ ଘଟଣାରେ ଚାନ୍ଦବାଲି ଏସ ଡି ପି ଓ ପ୍ରଭାସ ସାହୁଙ୍କ ହସ୍ତକ୍ଷେପ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି ମାତ୍ର ଏଥିରେ ସମ୍ପୃକ୍ତ କାହାକୁ ବି ଗିରଫ କରି ନ ଥିବା ଜଣାପଡିଛି ।

## ଗାଲିବଓ୍ୱାରିଆର ସେମି ଫାଇନାଲକୁ ଉନ୍ନୀତ

କାକଟପୁର : ( ନିପ୍ର))କାକଟପୁର ନିକଟସ୍ଥ ଖାନପୁର କ୍ରିକେଟ ପଡିଆରେ ଖାନପୁର ଟି ଟେନ ପ୍ରିମିଅର ଲିଗ ମ୍ୟାଚର ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ, ଫାଇଟର ଇଲେଭେନ ଓ ଗାଲିବଓ୍ୱାରିଅର ସହିତ ହୋଇଥିଲା । ଟସ ଜିତି ଗାଲିବଓ୍ୱାରିଅର ପ୍ରଥମେ ଫିଲଡିଂ କରିବାର ନିଷ୍ପତି ନେଇଥିଲା । ଫାଇଟର ଇଲେଭେନ ପ୍ରଥମେ ବ୍ୟାଟିଂ କରି ଦଶ ଓଭରରେ ସମସ୍ତ ଉଇକେଟ ହରାଇ ୪୮ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ସାଦକତ ଅଲ୍ଲୀ ସର୍ବାଧିକ ଦଶ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳ ପକ୍ଷରୁ ଟୁଲୁ ପଣ୍ଡା ଦୁଇ ଓଭରରେ ଦୁଇ ଉଇକେଟ ସଂଗ୍ରହ କରିଥିଲେ । ଅପର ପକ୍ଷରେ ଗାଲିବଓ୍ୱାରିଅର ଦୁଇ ଉଇକେଟ ହରାଇ ତିନି ଓଭର, ଦୁଇ ବଲ ଖେଳି ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଥିଲା । ଦଳ ପକ୍ଷରୁ ଟୁଲୁ ପଣ୍ଡା ସର୍ବାଧିକ ୨୯ ରନ କରି ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ । ଏହି ଟୁର୍ନାମେଣ୍ଟ ଦେଖିବାକୁ ଆଖପାଖ ଅଞ୍ଚଳର ବହୁ ଯୁବ ଖେଳପ୍ରେମୀ ଦର୍ଶକ ପଡିଆରେ ଭରପୁର ଆନନ୍ଦ ଉଠାଉଥିବା ଦେଖିବାକୁ ମିଳିଥିଲା । ଏହି ଟୁର୍ନାମେଣ୍ଟ କୁ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଜାତୀୟ କନ୍ୟା ସନ୍ତାନ ଦିବସ ଉପଲକ୍ଷେ ସଚେତନତା ମୂଳକ ପଦଯାତ୍ରା

କଟକ(ନିପ୍ର): ଜାତୀୟ କନ୍ୟା ସନ୍ତାନ ଦିବସ-୨୦୨୬ ପାଳନ ଅବସରରେ ଆଜି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ ସଚେତନତା ମୂଳକ ପଦଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଏହି ପଦଯାତ୍ରାକୁ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିବା ସହ କନ୍ୟା ଶିଶୁଙ୍କ ସଶକ୍ତିକରଣ, ଲିଙ୍ଗ ସମାନତା ଓ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସ୍ୱୟଂ ସହାୟିକ ଗୋଷ୍ଠୀ ସଦସ୍ୟ, ବିଦ୍ୟାଳୟର ଛାତ୍ରୀ, ବିଭିନ୍ନ କାର୍ଯ୍ୟାଳୟର ଅଙ୍ଗନବାଡ଼ି ସୁପରଭାଇଜର ମାନେ ଉତ୍ସାହର ସହିତ ଅଂଶ ଗ୍ରହଣ କରି ପଦଯାତ୍ରାକୁ ସଫଳ କରିଥିଲେ । ପଦଯାତ୍ରାରେ "ବେଟି ବଚାଓ, ବେଟି ପଢ଼ାଓ" ପରି ସ୍ଲୋଗାନ ମାଧ୍ୟମରେ ସମାଜକୁ ସକରାତ୍ମକ ସନ୍ଦେଶ ଦିଆଯାଇଥିଲା ।

## ୨୦୨୭ ସୁଦ୍ଧା ଓଡ଼ିଶାର ଅଗ୍ରାଧିକାର କ୍ଷେତ୍ର ଋଣ ସମ୍ଭାବନା
# ୩.୧୫ ଲକ୍ଷ କୋଟି ଟଙ୍କା ହେବ: ନାବାର୍ଡର ଆକଳନ

ଭୁବନେଶ୍ୱର,(ନିପ୍ର):ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (ନାବାର୍ଡ) ପକ୍ଷରୁ ମଙ୍ଗଳବାର ରାଜ୍ୟ କ୍ରେଡିଟ ସେମିନାର ୨୦୨୬-୨୭ ଅନୁଷ୍ଠିତ ହୋଇଯାଇଛି। ୨୦୨୬-୨୭ ଆର୍ଥିକ ବର୍ଷରେ ଓଡ଼ିଶା ପାଇଁ ୩.୧୫ ଲକ୍ଷ କୋଟି ଟଙ୍କାର ଅଗ୍ରାଧିକାର କ୍ଷେତ୍ର ଋଣ ସମ୍ଭାବନା ରହିଛି ବୋଲି ଆକଳନ କରାଯାଇଛି। ମୋଟ ଆକଳନ ମଧ୍ୟରୁ ଏମ୍‌ଏସ୍‌ଏମ୍‌ଇର ସର୍ବାଧିକ ଅଂଶ ୧.୫୨ ଲକ୍ଷ କୋଟି ଟଙ୍କା ଥିବାବେଳେ କୃଷି କ୍ଷେତ୍ରରେ ୧.୧୪ ଲକ୍ଷ କୋଟି ଟଙ୍କା ରହିଛି। ଅବଶିଷ୍ଟ ଅଂଶ ଗୃହ, ଶିକ୍ଷା, ଅକ୍ଷୟ ଶକ୍ତି, ସାମାଜିକ ଭିତ୍ତିଭୂମି, ରପ୍ତାନି ଋଣ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ରହିଛି। ଆଲୋଚନା ଚକ୍ରରେ ଓଡ଼ିଶା ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଅଧକ୍ଷତା କରିଥିବା ବେଳେ ରାଜ୍ୟ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୀବ କୁମାର ମିଶ୍ର, ଆର୍‌ବିଆଇର ଆଂଚଳିକ ନିର୍ଦ୍ଦେଶକ ଡ. ଶାରଦା ପ୍ରସନ୍ନ ମହାନ୍ତି, ଏସବିଆଇର ସିଜିଏମ୍ ଏ.ଡି. ରତ୍ନାତେଜା ଏବଂ ୟୁକୋ ବ୍ୟାଙ୍କର ସିଜିଏମ୍ ତଥା ଏସ୍‌ଏଲବିସିର ସଂଯୋଜକ ଗୌତମ ପାତ୍ର , ରାଜ୍ୟ ସରକାରଙ୍କ ଅନ୍ୟ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଅନ୍ୟ ଅଂଶୀଦାର ଉପସ୍ଥିତ ଥିଲେ। ଆଲୋଚନାଚକ୍ରକୁ ଉଦଘାଟନ କରି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ "ଓଡ଼ିଶା ଭିଜନ ୨୦୩୬" ଲକ୍ଷ୍ୟ ଉପରେ ରାଜ୍ୟ ସରକାରଙ୍କ ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ ଏବଂ ୨୦୩୬ ସୁଦ୍ଧା ଏକ ବିକଶିତ ରାଜ୍ୟ ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବାର ଉଚ୍ଚାଭିଳାଷୀ ଲକ୍ଷ୍ୟ ହାସଲ ପାଇଁ ସମସ୍ତ ହିତାଧିକାରୀଙ୍କ ସମର୍ଥନ ଲୋଡିଥିଲେ । ଓଡ଼ିଶାର ଭିଜନ ୨୦୩୬ ଆକାଂକ୍ଷା ପୂରଣ କରିବା ପାଇଁ ରାଜ୍ୟ ସରକାର, ସରକାରୀ ଓ ବେସରକାରୀ କ୍ଷେତ୍ରର ଆନ୍ତରିକ ଉଦ୍ୟମ ଆବଶ୍ୟକ । ବର୍ଦ୍ଧିତ ଋଣ ପ୍ରଦାନ ପାଇଁ ବ୍ୟାଙ୍କଗୁଡିକ ଭଲ ଭାବରେ ପ୍ରସ୍ତୁତ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି ।ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କୃଷକମାନଙ୍କୁ ସମର୍ଥନ କରିବାରେ ରାଜ୍ୟରେ ହୋଇଥିବା ଅଗ୍ରଗତିକୁ ସେ ପ୍ରଶଂସା କରି ସେମାନଙ୍କୁ ପରବର୍ତ୍ତୀ ସମୃଦ୍ଧିର ସ୍ତରକୁ ଆଣିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ।ସେ ଏସଏଚଜିରୁ ଏସଏମଇ ଏବଂ କୃଷକମାନଙ୍କୁ କୃଷି ଉଦ୍ୟୋଗୀରେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।ଏମଏସଏମଇ କ୍ଷେତ୍ରରେ 'ମିସିଂ ମିଡିଲ୍'ର ଆହ୍ୱାନ ଉପରେ ଆଲୋକପାତ କରି ସେ ରାଜ୍ୟରେ ଅଧିକ ସଂଖ୍ୟକ କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ ସୃଷ୍ଟି କରିବା ପାଇଁ ଋଣ ସହାୟତା ପ୍ରଦାନ କରିବାକୁ ବ୍ୟାଙ୍କରମାନଙ୍କୁ ଅନୁରୋଧ କରିଥିଲେ ।ଏହା ବ୍ୟତୀତ କୃଷି ଭିତ୍ତିଭୂମି, ପଣ୍ୟାଗାର, ଆନୁଷଙ୍ଗିକ କୃଷି ଉଦ୍ୟୋଗ କ୍ଷେତ୍ର ଏବଂ ମହିଳା ନେତୃତ୍ୱାଧୀନ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଋଣ ତ୍ୱରାନ୍ୱିତ କରିବା ପାଇଁ ବ୍ୟାଙ୍କ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ଘନିଷ୍ଠ ସହଯୋଗ ପାଇଁ ସେ ଆହ୍ୱାନ ଦେଇଛନ୍ତି ।

## ଅଭାବୀ ଧାନ ବିକ୍ରି ବନ୍ଦ ଦାବିରେ ଚାଷୀ ଓ ଚାଷ ବଞ୍ଚାଅ ଅଭିଯାନ ପକ୍ଷରୁ ସ୍ମାରକ ପତ୍ର




କଟକ,(ନିପ୍ର): ଚଳିତ ବର୍ଷ ଧାନ କିଣା ପାଇଁ ରାଜ୍ୟ ସରକାରଙ୍କ ସହଯୋଗ ରାଶି ସମେତ ନ୍ୟୁନତମ ମୂଲ୍ୟ ୩୧୬୯ ଟଙ୍କା ସ୍ଥିର ହୋଇଛି । କିନ୍ତୁ ରାଜ୍ୟର କୌଣସି ସ୍ଥାନରେ ମିଲରଙ୍କ ଦଲାଲ ବ୍ୟତୀତ ଚାଷୀ ଏହି ରାଶି ପାଉନଥିବା ଅଭିଯୋଗ ହୋଇଛି । ମଣ୍ଡିରେ ଚାଷୀ ଧାନ ନ ବିକି ଏକ ହଜାରରୁ ଅଧିକ କ୍ୟୁଣ୍ଟାଲ ପିଛା କମ ଦରରେ ଘରୋଇ ଭାବେ ସ୍ଥାନୀୟ ମିଲର ଦଲାଲକୁ ବିକିବା ପରିସ୍ଥିତି ସୃଷ୍ଟି ହୋଇଛି । ଶାସନ ବ୍ୟବସ୍ଥାରେ ମିଲନ ତଥା ଧାନ ବେପାରୀଙ୍କ ଲବି କେତେ ଶକ୍ତିଶାଳୀ ଏଥିରୁ ସ୍ପଷ୍ଟ ହୋଇଯାଇଛି ବୋଲି ଅଭିଯୋଗ ହୋଇଛି । ଧାନ ଅମଳ ବେଳେ ମଣ୍ଡି ନଖୋଲିବା, ତା ପୂର୍ବରୁ ମିଲ ବନ୍ଦ କରି ବ୍ଲାକମେଲ କରିବା, କଟନିଛଟନି ବାହାନାରେ ଚାଷୀଙ୍କୁ ହତାଶ କରିବା, ଯୋଜନାବଦ୍ଧ ଭାବରେ ଚାଷୀ ନାଁରେ ମିଲର ମାଲାମାଲ ହେଉଥିବା ଅଭିଯୋଗ ହୋଇଛି । ଏହାକୁ ପ୍ରତିବାଦ କରି ଚାଷୀ ଓ ଚାଷ ବଞ୍ଚାଅ ଅଭିଯାନ ପକ୍ଷରୁ କେନ୍ଦ୍ରାଞ୍ଚଳ ଆରଡ଼ିସିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୬ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ପ୍ରତିନିଧି ଦଳରେ ଚାଷୀ ଓ ଚାଷ ବଞ୍ଚାଅ ଅଭିଯାନ ପକ୍ଷରୁ ଯୁଗଳ କିଶୋର ନାୟକ, ଚିତ୍ତ ରଂଜନ ମହାନ୍ତି, ପ୍ରଶାନ୍ତ ଦାସ, ଖଗେଶ୍ୱର ସେଠୀ, କ୍ଷୀରୋଦ ମହାପାତ୍ର, ରାଜକିଶୋର ମଲ୍ଲିକ, ସୁକାନ୍ତ ନାୟକ, ଅରବିନ୍ଦ ମଲ୍ଲିକ, ଅକ୍ଷୟ ରାଉଳ, ବବି ବଳବନ୍ତରାୟ, ଶରତ କାନୁନଗୋ ପ୍ରମୁଖ ସାମିଲ ଥିଲେ ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ(ନିପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ଜଗଦଳପୁର ଗ୍ରାମ ପଞ୍ଚାୟତ ସଭା ଗୃହ, ରାଣୀତାଳ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ପରିଚାଳନା କରିଥିଲେ । ଅତିଥିମାନଙ୍କ ମଧ୍ୟରେ ଡ଼. ତାପସ କୁମାର ମହାନ୍ତି, ପ୍ରତିପକ୍ଷ ଓକିଲ, ଏଲ.ଏ.ଡ଼ିସ୍.ଏସ୍. ଏବଂ ନ୍ୟାୟ ରକ୍ଷକ ଭଦ୍ରକ, ସଙ୍ଗୀତ ଦେଓ, ସହାୟକ ଶ୍ରମ ଅଧିକାରୀ, ଭଦ୍ରକ, ତେଜସ୍ୱୀନୀ ନାୟକ, ସହାୟକ ଶ୍ରମ ଅଧିକାରୀ, ଭଣ୍ଡାରୀପୋଖରୀ, ଭଦ୍ରକ, ପ୍ରତିଭା ମଞ୍ଜରି ସିଂ, ପଞ୍ଚାୟତ କାର୍ଯ୍ୟକାରି ଅଧିକାରୀ, ଭଦ୍ରକ ୭୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ ।

## ପଦ୍ମଚରଣ ସାମନ୍ତସିଂହାର ଫୁଟବଲ
## ମିସନ୍ ଟାଇଗର ସେମିରେ

ନିମାପଡ଼ା,(ନି.ପ୍ର.): ବାରବାଟି ପଡ଼ିଆରେ ଅନୁଷ୍ଠିତ ୧୧ତମ ପଦ୍ମଚରଣ ସାମନ୍ତସିଂହାର ଫୁଟବଲ ପ୍ରତିଯୋଗୀତାର ପ୍ରଥମ ସେମି ଫାଇନାଲ ଖେଳରେ ବାଲେଶ୍ୱର ମିଶନ ଟାଇଗର କ୍ଲବ୍ ବିଡ଼ାନାସୀ ମା' ଭୁଆସୁଣି କ୍ଲବ୍‌କୁ ୧-୦ ଗୋଲରେ ହରାଇ ବିଜୟ ଲାଭ କରିଥିଲେ । ବାଲେଶ୍ୱର ଦଳର ୭ନଂ ଖେଳାଳୀ ସୁକୁଲୁ ମୁର୍ମୁ ଗୋଟିଏ ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ । ଦଳର ଚନୁ ମହାନ୍ତିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା । ଆୟୋଜକ ନିମାପଡ଼ା ଆଥଲେଟିକ୍ ଆସୋସିଏସନ୍ ସଭାପତି ପୂର୍ବତନ ମନ୍ତ୍ରୀ ସମୀର ଦାଶ, ସମାଜସେବୀ ମହେନ୍ଦ୍ର ସିଂ ଭାଟିଆ, ସାମ୍ବାଦିକ ପ୍ରଶାନ୍ତ ସାହୁ, ଡ଼ିଏଭି ବିଦ୍ୟାଳୟ ଅଧ୍ୟକ୍ଷ ଏମ୍‌ଏମ୍ ହକ୍, ପବିତ୍ର ମୋହନ ବରାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳୀଙ୍କୁ ଉତ୍ସାହିତ କରିବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ରେଫରୀ ବିଦେଶୀ ନାୟକ, ପ୍ରଫୁଲ୍ଲ ବେହେରା, ଶେଖାଓ୍ୱାତ ଖାନ୍, ଆଶିଷ ଆଶୁତୋଷ ସାହୁ ପ୍ରମୁଖ ଖେଳ ପରଚାଳନା କରିଥିଲେ । ବୁଧବାର ଦିନ କେରଙ୍ଗ ୧୧ ଫୁଟବଲ କ୍ଲବ୍ ସହିତ ନିମାପଡ଼ା ଆଥଲେଟିକ୍ ଆସୋସିଏସନ୍‌ର ମୁକାବିଲା ହେବ ବୋଲି ଆସୋସିଏସନ୍ ସଂପାଦକ ଜୀବନାନନ୍ଦ ମହାପାତ୍ର ସୂଚନା ଦେଇଥିଲେ । କାର୍ଯ୍ୟକାରୀ ସଭାପତି ଧୀରେନ୍ ବରାଳ, ବିଚିତ୍ରାନନ୍ଦ ପାତ୍ର, ଜିତେନ୍ କାନୁନ୍‌ଗୋ ପ୍ରମୁଖ ଖେଳ ପରିଚାଳନା ସହଯୋଗ କରିଥିଲେ ।

## ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ହିଞ୍ଜିଳିକାଟୁ,(ନିପ୍ର): ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବି.ନୂଆଁଗଡରେ ବାର୍ଷିକ ଉତ୍ସବ ମଙ୍ଗଳବାର ହର୍ଷ ଉଲ୍ଲାସର ସହ ପାଳିତ ହୋଇଛି । ପ୍ରଧାନ ଶିକ୍ଷୟିତ୍ରୀ ଡି. ଗୌରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାଳକୃଷ୍ଣ ପାତ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶୀଳ କୁମାର ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀକାନ୍ତ ଗୌଡ, କାଉନସିଲର ରୀନା ଗୌଡ ଓ ସିଆରସିସି ଅଖିଳ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ଛାତ୍ରଛାତ୍ରୀ ମାନଙ୍କୁ ଶୃଙ୍ଖଳା, କଠିନ ପରିଶ୍ରମ ଓ ଅଧ୍ୟବସାୟ ଜାରି ରଖି ନିଜ ଲକ୍ଷ୍ୟ ହାସଲ ଦିଗରେ ମୂଲ୍ୟବାନ ଉପଦେଶ ଦେଇଥିଲେ । ବିଭିନ୍ନ ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଓ ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ସୁବାସ ଚନ୍ଦ୍ର ଗୌଡ, ଆନନ୍ଦ ଗୌର୍ଡି ଓ ଶିକ୍ଷକ ରାଜେନ୍ଦ୍ର କୁମାର ସେଠୀ ପ୍ରମୁଖଙ୍କ ସମେତ ସମସ୍ତ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନେ ଉପସ୍ଥିତ ଥିଲେ ।

## ଡାବୁଗାଁ ଗସ୍ତରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ




ନବରଙ୍ଗପୁର(ନିପ୍ର): ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ଡାବୁଗାଁ ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ମନ୍ଦିରକୁ ଗସ୍ତ କରିଛନ୍ତି । ମନ୍ତ୍ରୀ ମହୋଦୟ ବିଦ୍ୟାଳୟ ପରିସରରେ ପହଞ୍ଚି ଶିକ୍ଷାର ଗୁଣମାନ, ପାଠପଢ଼ା ପରିବେଶ ଏବଂ ଶିକ୍ଷକ-ଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶିଶୁମାନଙ୍କୁ ଶିକ୍ଷା ସହିତ ସଂସ୍କାର, ଶୃଙ୍ଖଳା ଓ ନୀତିମୂଲ୍ୟର ଗୁରୁତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ । ସେ କହିଥିଲେ ଯେ ଭଲ ଶିକ୍ଷା ମାଧ୍ୟମରେ ଶିଶୁମାନେ ଦେଶର ଭବିଷ୍ୟତ ଗଢ଼ିପାରିବେ । ବିଦ୍ୟାଳୟ ପ୍ରଶାସନ ପକ୍ଷରୁ ମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା । ଏହି ଗସ୍ତ ସମୟରେ ବିଡିଓ ସମୀର ପାତ୍ର, ତହସିଲଦାର ଗୀତା ମୁର୍ମୁ, ଶିକ୍ଷାଧିକାରୀ ରଶ୍ମିତା ନେତମ, ଡାବୁଗାଁ ବ୍ଲକ ବିଜେପିର କାର୍ଯ୍ୟକର୍ତ୍ତାମାନେ ବିଜେପି ଜିଲ୍ଲା ସମ୍ପାଦକ ଜେ ରାଜ ଶେଖର ରାଓ, ମହେଶ ପାତ୍ର ସହ ଅନେକ ଜନପ୍ରତିନିଧି, ଅଭିଭାବକ ମାନେ ଏବଂ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସତ୍ୟ ନାରାୟଣ ଚୌଦରୀ, ଗୁରୁମା ଗୁରୁଜୀ ସହ ଛାତ୍ର ଛାତ୍ରୀମାନେ ଉପସ୍ଥିତି ଥିଲେ ।

ତିଥି : (ତୃତୀୟା) : (ପୂର୍ବାଫା ସିଂହ)
ଅମୃତବେଳା: ଦିବା ଘ.୮।୦ ମଧ୍ୟେ ୧୨।୪୮ ଗତେ

## ଆଜିର ଅନୁଚିନ୍ତନ

ଯେଉଁ ଅନନ୍ୟ ଭକ୍ତଗଣ ମୋତେ ଚିନ୍ତନ କରି ମୋର ସମ୍ୟକ୍ ଭାବେ ଉପାସନା କରନ୍ତି, ନିରନ୍ତର ମୋ'ଠାରେ ନିମଗ୍ନ ରହୁଥିବା ସେହି ଭକ୍ତମାନଙ୍କର ଯୋଗକ୍ଷେମ ମୁଁ ବହନ କରେ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ଟ୍ରମ୍ପଙ୍କ ପରିବର୍ତ୍ତିତ ଆଭିମୁଖ୍ୟ

ଟାରିଫ ଶବ୍ଦର ଆଧିକ୍ୟ ଦ୍ୱିତୀୟ ଥର ଆମେରିକା ଶାସନକୁ ଫେରିଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରସଙ୍ଗ ଆସିବା ମାତ୍ରେ ଅଧିକ ଆଲୋଚିତ ହୋଇଥାଏ। ଭାରତ ସମେତ ବିଭିନ୍ନ ଦେଶ ଉପରେ ଟ୍ରମ୍ପ ବାଣିଜ୍ୟିକ ଟାରିଫ ଲଗାଇ ଆସିଥିବା ବେଳେ ଭାରତର ମୌନ କୂଟନୀତିର ସୁଫଳ ଏବେ ମିଳିଛି। ଭାରତର ଅର୍ଥନୀତିକୁ ଦୋହଲାଇବାକୁ ଅପଉଦ୍ୟମ କରୁଥିବା ଆମେରିକା ରାଷ୍ଟ୍ରପତି ଫେବୃଆରୀ ୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଫୋନରେ ଏକାଧିକ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିବାବେଳେ ପୂର୍ବରୁ ଲାଗୁ କରିଥିବା ୫୦ ପ୍ରତିଶତ ଟାରିଫ ବା ଟିକସ ପରିମାଣ ଏବେ ୧୮ ପ୍ରତିଶତକୁ ଖସାଇଛନ୍ତି। ଯାହା ମନେହୁଏ ୟୁରୋପୀୟ ସମୁଦାୟ ସହିତ ନିକଟରେ ଭାରତର ବାଣିଜ୍ୟିକ ଚୁକ୍ତିନାମା ଟ୍ରମ୍ପଙ୍କୁ ବଡ଼ ଝଟକା ଦେଇଛି। ସର୍ବଦା 'ଆମେରିକା ଫାଷ୍ଟ' ନୀତି ଆଧାରରେ ନିଜ ଦେଶକୁ ସମୃଦ୍ଧ କରିବା ଲାଗି ଏକଦେଶଦର୍ଶୀ ଭାବରେ ବିଭିନ୍ନ ଦେଶ ସହ ଟାରିଫ ଲଗାଇବା ଓ ସେହି ଆଧାରରେ ଆମେରିକାକୁ ସବୁଠୁ ପ୍ରତିପତ୍ତିଶାଳୀ କରିବା ବେଳେ ଅନ୍ୟମାନଙ୍କୁ ନ୍ୟୂନ କରିବା ଆଦୌ ଭଲ ନୁହେଁ ତାହା ଏବେ ଟ୍ରମ୍ପଙ୍କ ଶୁଳ୍କ ହ୍ରାସ ଦିଗକୁ ଦେଖିଲେ ସ୍ପଷ୍ଟ ଜଣାପଡ଼େ।

ସ୍ମରଣ କରାଯାଇପାରେ ଯେ ଗତବର୍ଷ ଅଗଷ୍ଟ ୨୭ ତାରିଖରେ ଭାରତ ଉପରେ ଟାରିଫ ଲଗାଇବାର ଦୁଇ ସପ୍ତାହ ନ ପୂରୁଣୁ ସାମାଜିକ ଗଣମାଧ୍ୟମରେ ଟ୍ରମ୍ପ ଉଲ୍ଲେଖ କରିଥିଲେ 'ମୋଦି ଜଣେ ମହାନ୍ ପ୍ରଧାନମନ୍ତ୍ରୀ, ମୁଁ ତାଙ୍କ ସହ ବନ୍ଧୁତା ଅତୁଟ ରଖିବି। ଭାରତ ଓ ଆମେରିକା ସଂପର୍କ ସ୍ୱତନ୍ତ୍ର। ଏନେଇ ଚିନ୍ତା କରିବାର କୌଣସି କାରଣ ନାହିଁ।' କିନ୍ତୁ ତାହା ପରଠାରୁ ଭାରତ ପ୍ରତି ଟ୍ରମ୍ପ ବହୁବାର ହୀନମନ୍ୟତା ପ୍ରକାଶ କରିଆସୁଛନ୍ତି। ଭାରତ ଓ ଆମେରିକା ବାଣିଜ୍ୟିକ ସଂପର୍କ ବର୍ଷ ବର୍ଷ ଧରି ମଜଭୁତ ରହିଆସିଥିବାର ନଜିର ରହିଛି । ମାତ୍ର ୫୦ ପ୍ରତିଶତ ଟାରିଫ ଲଗାଇବା ପରଠାରୁ ଏ ସଂପର୍କରେ ଭଟ୍ଟା ପଡ଼ିବା ଆରମ୍ଭ କରିଥିଲା। ପ୍ରମୁଖ ୫ଟି ଦେଶ ସହିତ ଭାରତର ରପ୍ତାନି ସଂପର୍କ ମଧ୍ୟରେ ସବା ଆଗରେ ରହିଛି ଆମେରିକା। ଏହା ପଛକୁ ୟୁଏଇ, ନେଦରଲାଣ୍ଡ, ବ୍ରିଟେନ ଓ ଚୀନ । ଯେବେଠୁ ଆମେରିକା ସହ ବାଣିଜ୍ୟିକ ସଂପର୍କରେ ଭଟ୍ଟା ପଡ଼ିବା ଆରମ୍ଭ ହୋଇଥିଲା ସେ ସମୟରେ ଭାରତ ଚୁପ୍ ବସି ନ ଥିଲା। ଏହା ବିକଳ୍ପ ବଜାର ଖୋଜିବା ଆରମ୍ଭ କରିଦେଇଥିଲା। ତାହାଛଡ଼ା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ଆତ୍ମନିର୍ଭର ଭାରତ ନୀତି । ଏହା ଉପରେ କେବଳ ଗୁରୁତ୍ୱ ନୁହେଁ, ନାଗରିକଙ୍କୁ ସର୍ବୋତ ଭାବରେ ଏହି ନୀତିରେ ଆଚ୍ଛନ୍ନ ପ୍ରୟାସକୁ ଭାରତ ବଳବତ୍ତର ରଖିଆସିଛି। ସଂଯମତା ଓ ସନ୍ତୁଳନ ରକ୍ଷା ହେଉଛି ଭାରତର ମୁଖ୍ୟ ନୀତି। ଆମେରିକାର ଟାରିଫ ଆକ୍ରମଣ ଏହା ବିଚଳିତ ହୋଇନାହିଁ। ବରଂ ସଂଯମୀ ରହିବା ଗତିବିଧି ନିଜର କାର୍ଯ୍ୟକଳାପର ପ୍ରତିଫଳିତ କରିଛି। ବାଣିଜ୍ୟିକ ନୀତିରେ ଅନ୍ୟାନ୍ୟ ଦେଶର ସ୍ୱାର୍ଥପ୍ରତି ଉପେକ୍ଷା ଆଦୌ ଭଲ ନୁହେଁ, ଟ୍ରମ୍ପଙ୍କ ଗତିବିଧି ତଥା କାର୍ଯ୍ୟକଳାପରୁ ଜଣାପଡ଼ିସାରିଛି। ରୁଷ୍ ଠାରୁ ଆମେରିକା ୟୁରାନିୟମ କିଣେ। ୟୁରୋପ ମଧ୍ୟ ଶକ୍ତି ଚାହିଦା ମେଣ୍ଟାଇବା ପାଇଁ ରୁଷ ଉପରେ ନିର୍ଭର କରେ। କିନ୍ତୁ ଭାରତ ଏହାର ଜାତୀୟ ହିତକୁ ଦୃଷ୍ଟିରେ ରଖି ରୁଷ୍ ଠାରୁ ତୈଳ କ୍ରୟ କରିବାର ଯୁକ୍ତିଯୁକ୍ତତା ଆମେରିକାକୁ ପୂର୍ବରୁ ବୁଝାଇସାରିଥିବା ହେତୁ ଉକ୍ତ ରାଷ୍ଟ୍ର ଏହାକୁ ଉପେକ୍ଷା କରିବା ଅନୁଚିତ।ଟ୍ରମ୍ପ ଆଗକୁ ନିଜ ତ୍ରୁଟିକୁ ବୁଝି ଟାରିଫ ପରିମାଣ ଆହୁରି ହ୍ରାସ କରିବେ। ଅନ୍ତତଃପକ୍ଷେ ଏପରି ଅନୁକୂଳତା ଏବେ ଆରମ୍ଭ ହୋଇସାରିଛି ବୋଲି କୁହାଯାଇପାରେ।

> ସଡ଼କ ଭିତ୍ତିଭୂମି ଓ ସଡ଼କ ସୁରକ୍ଷା କ୍ଷେତ୍ରରେ ସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପଗୁଡ଼ିକ ବିକାଶ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବ। ଆମ ସମସ୍ତଙ୍କର ଲକ୍ଷ୍ୟ ହେଉଛି ସମୃଦ୍ଧ ଓଡ଼ିଶା ବିକଶିତ ଓଡ଼ିଶା। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଅତ୍ୟାଧୁନିକ ସଡ଼କ ପରିବହନ, ସୁରକ୍ଷିତ ଟ୍ରାଫିକ ବ୍ୟବସ୍ଥା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପଗୁଡ଼ିକ ଯେପରି ସଫଳ ହେବ; ସେଥିପାଇଁ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ସହଯୋଗର ଭୂମିକା ରହିଛି। ସମସ୍ତଙ୍କୁ ସୁରକ୍ଷିତ ଯାନ ଚାଳନା ପାଇଁ ଆହ୍ୱାନ ଦେଇ ଚଳିତବର୍ଷ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ଚାଳକଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ 'ଡ୍ରାଇଭ ସେଫ୍, କମ୍ ହୋମ ସେଫ୍।'

# ଚଳିତ ବଜେଟ 'ଲୋକ-ଅନୁକୂଳ' କି ?

**ଅସିତ ମହାନ୍ତି**

ଭାରତର ସାମ୍ପ୍ରତିକ ବଜେଟ୍ ବିଷୟରେ ଉଠାଯାଉଥିବା ପ୍ରଶ୍ନଗୁଡ଼ିକ ସିଧାସଳଖ ସରକାରଙ୍କ ପ୍ରାଥମିକତା ସହିତ ଜଡ଼ିତ। ଯେତେବେଳେ ଆମେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗ୍ରାମୀଣ ଏବଂ ସହରାଞ୍ଚଳ ବିକାଶ ଭଳି କ୍ଷେତ୍ରଗୁଡ଼ିକରେ ହ୍ରାସକୁ ବିଚାର କରୁ, ଏହା କେବଳ ଏକ ପରିସଂଖ୍ୟାନ ଖେଳ ନୁହେଁ; ଏହା ଏକ ସଙ୍କେତ ଯାହା ସମାଜର ଭବିଷ୍ୟତ ଦିଗ ନିର୍ଣ୍ଣୟ କରେ। ଶିକ୍ଷା ବଜେଟ୍ ମୋଟ ବଜେଟ୍‌ର ୪.୫ %ରୁ ୨.୫ ପ୍ରତିଶତକୁ ହ୍ରାସ କରାଯାଇଛି। ଉଚ୍ଚଶିକ୍ଷାର ଅଂଶ ୨.୫ %ରୁ ମାତ୍ର ୦.୯ %କୁ ହ୍ରାସ ପାଇଛି। ଏହି ପରିସ୍ଥିତି ସୂଚାଇ ଦିଏ ଯେ ଭବିଷ୍ୟତ ପିଢ଼ି ପାଇଁ ଜ୍ଞାନ ଏବଂ ଦକ୍ଷତାରେ ନିବେଶ ହ୍ରାସ ପାଉଛି। ଶିକ୍ଷା ଖର୍ଚ୍ଚ ହ୍ରାସ କରିବା କେବଳ ବର୍ତ୍ତମାନର ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରେ ନାହିଁ ବରଂ ଦୀର୍ଘକାଳୀନ ଭାବରେ ଦେଶର ପ୍ରତିଯୋଗିତାମୂଳକତା ଏବଂ ସାମାଜିକ ସମାନତାକୁ ମଧ୍ୟ ଦୁର୍ବଳ କରେ।

ଶିକ୍ଷା ବଜେଟରେ କାଟ୍ ମୁଖ୍ୟତଃ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ଶିକ୍ଷା ପାଇଁ ଛାତ୍ରବୃତ୍ତି ଯୋଜନା ଉପରେ ନିର୍ଭର କରୁଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରେ। ଯେତେବେଳେ ଏହି ଯୋଜନାଗୁଡ଼ିକ ପାଇଁ ଆବଣ୍ଟନ ହ୍ରାସ କରାଯାଏ, ଗରିବ ଏବଂ ଗ୍ରାମାଞ୍ଚଳର ପିଲାମାନଙ୍କ ପାଇଁ ଉଚ୍ଚଶିକ୍ଷା ପାଇବା କଷ୍ଟକର ହୋଇପଡ଼େ। ଏହା ସାମାଜିକ ଅସମାନତାକୁ ଆହୁରି ଘନିଷ୍ଠ କରିପାରେ, କାରଣ ଧନୀ ପରିବାରର ପିଲାମାନେ ସୁଯୋଗ ପାଇବା ଜାରି ରଖିବେ, ଯେତେବେଳେ ଦୁର୍ବଳ ଗୋଷ୍ଠୀମାନେ ପଛରେ ରହିବେ। ଆଉ ଏକ ପ୍ରମୁଖ କ୍ଷତି ହେଉଛି ଗବେଷଣା ଏବଂ ନବସୃଜନ କ୍ଷେତ୍ରରେ। ଉଚ୍ଚଶିକ୍ଷା ପ୍ରତିଷ୍ଠାନ ପାଇଁ ପର୍ଯ୍ୟାପ୍ତ ପାଣ୍ଠିର ଅଭାବ ନୂତନ ପ୍ରଯୁକ୍ତିବିଦ୍ୟା, ଗବେଷଣା ପ୍ରକଳ୍ପ ଏବଂ ପ୍ରୟୋଗଶାଳାର ବିକାଶକୁ ଧୀର କରିଦିଏ। ଏହା ଦେଶର ବୈଜ୍ଞାନିକ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷମତାକୁ ପ୍ରଭାବିତ କରେ ଏବଂ ଭାରତକୁ ବିଶ୍ୱ ପ୍ରତିଯୋଗିତାରେ ପଛରେ ପକାଇପାରେ। ଦକ୍ଷତା ବିକାଶ ମଧ୍ୟ ପ୍ରଭାବିତ ହୁଏ। ଶିକ୍ଷାକୁ ନିଯୁକ୍ତି ସହିତ ଯୋଡ଼ିବା ଯୋଜନାଗୁଡ଼ିକର ଦୁର୍ବଳତା ଯୁବପିଢ଼ିଙ୍କୁ ପର୍ଯ୍ୟାପ୍ତ ତାଲିମ ପାଇବାରୁ ବାଧା ଦିଏ, ଯାହା ଫଳରେ ଶିଳ୍ପ ଏବଂ ସେବା କ୍ଷେତ୍ର ପାଇଁ ଯୋଗ୍ୟ ମାନବ ସମ୍ବଳର ଅଭାବ ଦେଖାଦିଏ। ଏହା ସିଧାସଳଖ ନିଯୁକ୍ତି ସୁଯୋଗକୁ ହ୍ରାସ କରେ ଏବଂ ଆର୍ଥିକ ଅଭିବୃଦ୍ଧିକୁ ମନ୍ଥର କରେ। ଏହି କାଟଗୁଡ଼ିକ ଅନ୍ତର୍ଜାତୀୟ ସ୍ତରରେ ଭାରତର ସ୍ଥିତିକୁ ମଧ୍ୟ ଦୁର୍ବଳ କରେ। ବିକଶିତ ଦେଶଗୁଡ଼ିକ ସେମାନଙ୍କର ଜିଡିପିର ଏକ ବଡ଼ ଅଂଶ ଶିକ୍ଷାରେ ଖର୍ଚ୍ଚ କରନ୍ତି, ଯେତେବେଳେ ଭାରତ ପୂର୍ବରୁ କମ୍ ନିବେଶ କରେ। ଆହୁରି ହ୍ରାସ ଭାରତର ମାନବ ପୁଞ୍ଜିକୁ ଦୁର୍ବଳ କରିବ ଏବଂ ଦୀର୍ଘକାଳୀନ ବିକାଶ ଉପରେ ନକାରାତ୍ମକ ପ୍ରଭାବ ପକାଇବ। ଏହିପରି ଶିକ୍ଷା ବଜେଟ୍ କାଟିବା କେବଳ ଏକ ଆର୍ଥିକ



ନିଷ୍ପତ୍ତି ନୁହେଁ, ବରଂ ସାମାଜିକ ସମାନତା, ଯୁବପିଢ଼ିଙ୍କ ଭବିଷ୍ୟତ, ଗବେଷଣାର ଦିଗ ଏବଂ ଦେଶର ବିଶ୍ୱ ସ୍ଥିତି ପାଇଁ ଏହାର ଗଭୀର ପ୍ରଭାବ ରହିଛି।

ସ୍ୱାସ୍ଥ୍ୟ କ୍ଷେତ୍ରରେ ସମାନ ପରିସ୍ଥିତି ସ୍ପଷ୍ଟ। ୩୬୮୬ କୋଟି ଟଙ୍କା ହ୍ରାସ ଅର୍ଥ ହେଉଛି ସ୍ୱାସ୍ଥ୍ୟ ସେବା ଅଧିକ ମହଙ୍ଗା ହୋଇଯିବ ଏବଂ ସାଧାରଣ ଲୋକଙ୍କ ପାଇଁ ଏହାର ଉପଲବ୍ଧି କଷ୍ଟକର ହୋଇଯିବ। ଯେତେବେଳେ ମହାମାରୀ ଏବଂ ନୂତନ ରୋଗର ବିପଦ ଜାରି ରହେ, ସ୍ୱାସ୍ଥ୍ୟ ଖର୍ଚ୍ଚ ହ୍ରାସ କରିବା ନାଗରିକଙ୍କ ସୁରକ୍ଷାକୁ ଦୁର୍ବଳ କରିଥାଏ। ସେହିପରି, ଜଳ ଜୀବନ ମିଶନର ବଜେଟକୁ ୬୭,୦୦୦କୋଟିରୁ ୧୭,୦୦୦କୋଟିକୁ ହ୍ରାସ କରିବା ଗ୍ରାମୀଣ ଜୀବନର ମୌଳିକ ଆବଶ୍ୟକତା ପ୍ରତି ଏକ ଗୁରୁତର ଆଘାତ। ସ୍ୱଚ୍ଛ ଏବଂ ନିରାପଦ ପାନୀୟ ଜଳର ଉପଲବ୍ଧତା ସିଧାସଳଖ ଜୀବନ ଏବଂ ସ୍ୱାସ୍ଥ୍ୟର ଗୁଣବତ୍ତା ସହିତ ଜଡିତ।

ଭାରତର ଅର୍ଥନୀତି ଏବଂ ଗ୍ରାମୀଣ ଜୀବନର ମେରୁଦଣ୍ଡ ଥିବା କୃଷି କ୍ଷେତ୍ରକୁ ମଧ୍ୟ ୬,୯୮୫କୋଟି ଟଙ୍କା ହ୍ରାସ କରାଯାଇଛି। ଏହା ଚାଷୀଙ୍କ ଆୟ, ଉତ୍ପାଦକତା ଏବଂ ଖାଦ୍ୟ ସୁରକ୍ଷା ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ। ଗ୍ରାମୀଣ ବିକାଶ ପାଇଁ ୫,୩୬୭କୋଟି ଏବଂ ସହରାଞ୍ଚଳ ବିକାଶ ପାଇଁ ୩୯,୫୭୩ କୋଟି ଟଙ୍କା ହ୍ରାସ ଅର୍ଥ ହେଉଛି ଭିତ୍ତିଭୂମି, ନିଯୁକ୍ତି ଏବଂ ଜୀବନଧାରଣ ମାନ ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଯୋଜନାଗୁଡ଼ିକ ଦୁର୍ବଳ ହୋଇଯିବ। ସାମାଜିକ କଲ୍ୟାଣରେ ୯୯୯ କୋଟି ଟଙ୍କା ହ୍ରାସ ପୂର୍ବରୁ ଆର୍ଥିକ ଏବଂ ସାମାଜିକ ଭାବରେ ଦୁର୍ବଳ ଲୋକଙ୍କୁ ପ୍ରଭାବିତ କରିବ।ଏସବୁ ମଧ୍ୟରେ, ସାଧାରଣ ଲୋକଙ୍କ ଆବଶ୍ୟକତା ସହିତ ଜଡିତ କ୍ଷେତ୍ରରେ କଟକଣା କରାଯାଉଥିବା ବେଳେ ଏକ ବଜେଟକୁ 'ଲୋକ-ଅନୁକୂଳ' କିପରି କୁହାଯାଇପାରିବ ତାହା ପ୍ରଶ୍ନ ଉଠିବା ସ୍ୱାଭାବିକ। ଏକ ଲୋକ-ଅନୁକୂଳ ବଜେଟ ହେଉଛି ଏପରି ଯାହା ସାଧାରଣ ନାଗରିକଙ୍କ ଜୀବନକୁ ଉନ୍ନତ କରିବା ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ନିଯୁକ୍ତି ଏବଂ ସାମାଜିକ ସୁରକ୍ଷା ଭଳି କ୍ଷେତ୍ରକୁ ମଜଭୁତ କରେ। ତଥାପି, ଯେତେବେଳେ ଏହି କ୍ଷେତ୍ରଗୁଡ଼ିକୁ କ୍ରମାଗତ ଭାବରେ ହ୍ରାସ କରାଯାଏ ଏବଂ ପୁଞ୍ଜିପତିମାନଙ୍କୁ ଲାଭ ପହଞ୍ଚାଉଥିବା ଯୋଜନାଗୁଡ଼ିକରେ ଖର୍ଚ୍ଚ ବୃଦ୍ଧି କରାଯାଏ, ସେତେବେଳେ ବଜେଟରେ ସାଧାରଣ ସ୍ୱାର୍ଥ ଅପେକ୍ଷା ବିଶେଷ ସ୍ୱାର୍ଥକୁ ଅଧିକ ସେବା ପ୍ରଦାନ କରୁଥିବା ପରି ମନେହୁଏ।

ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ କଟକଣା ହୋଇଛି, କିନ୍ତୁ ତୁଳନାତ୍ମକ ଭାବରେ କମ୍। ମୋଟ ବଜେଟରେ ଏହାର ଅଂଶ ୧୭ ପ୍ରତିଶତରୁ ୧୩ ପ୍ରତିଶତକୁ ହ୍ରାସ ପାଇଛି। ଏହା ସୂଚିତ କରେ ଯେ ସରକାର ପ୍ରତିରକ୍ଷା ଉପରେ ଖର୍ଚ୍ଚ କିଛି ପରିମାଣରେ ହ୍ରାସ କରିଛନ୍ତି, କିନ୍ତୁ ଏଠାରେ କଟକଣାର ପ୍ରଭାବ ସାମାଜିକ କ୍ଷେତ୍ର ତୁଳନାରେ କମ୍ ବ୍ୟାପକ। ବିପରୀତରେ, ବଡ଼ ଶିଳ୍ପକୁ ଲାଭ ପହଞ୍ଚାଉଥିବା ପୁଞ୍ଜି ନିବେଶ ଏବଂ ବ୍ୟବସ୍ଥାରେ ବୃଦ୍ଧି ଘଟିଛି। ଏହା ସୂଚିତ କରେ ଯେ ସରକାର ସାମାଜିକ କଲ୍ୟାଣରୁ ଅର୍ଥନୈତିକ ଗଠନ ଏବଂ ପୁଞ୍ଜିପତିଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇଛନ୍ତି। ଏହି ଦୃଷ୍ଟିକୋଣରୁ ଦେଖିଲେ, ଏହି ବଜେଟ୍ ସାଧାରଣ ଜନତାଙ୍କ ଆବଶ୍ୟକତା ଅପେକ୍ଷା ପୁଞ୍ଜି ସ୍ୱାର୍ଥକୁ ପ୍ରାଥମିକତା ଦେଇଛି। ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭଳି ମୌଳିକ ସେବାରେ କଟକଣା ଦୀର୍ଘକାଳୀନ ଭାବରେ ସାମାଜିକ ଅସମାନତାକୁ ବୃଦ୍ଧି କରିପାରେ। ଯେତେବେଳେ ଗରିବ ଏବଂ ମଧ୍ୟବିତ୍ତ ବର୍ଗ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭଳି ସେବା ପାଇବାରେ କଷ୍ଟକର ସ୍ଥିତି ପାଆନ୍ତି, ସେତେବେଳେ ସମାଜରେ ବିଭାଜନ ଆହୁରି ଗଭୀର ହେବ। ଶେଷରେ, ଏହା କୁହାଯାଇପାରେ ଯେ ବର୍ତ୍ତମାନର ବଜେଟ୍ ଲୋକଙ୍କ କଲ୍ୟାଣ ପାଇଁ ନୁହେଁ, ବରଂ ପୁଞ୍ଜିପତି ଏବଂ ବଡ଼ ଶିଳ୍ପର ସ୍ୱାର୍ଥକୁ ସେବା କରୁଛି। ଏକ ଲୋକ-ଅନୁକୂଳ ବଜେଟ୍ ହେଉଛି ଯାହା ସାଧାରଣ ନାଗରିକଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦିଏ, କିନ୍ତୁ ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗ୍ରାମୀଣ ଏବଂ ସହର ବିକାଶ ଭଳି କ୍ଷେତ୍ରଗୁଡ଼ିକ ପାଇଁ ଆବଶ୍ୟକ ଅର୍ଥକୁ କାଟି ଦିଆଯାଇଛି। ଏହି ଆଭିମୁଖ୍ୟ ଦୀର୍ଘକାଳୀନ ଭାବରେ ସମାଜକୁ ଦୁର୍ବଳ କରିବ ଏବଂ ଅସମାନତା ବୃଦ୍ଧି କରିବ। ତେଣୁ, ଏହି ବଜେଟକୁ ଲୋକଙ୍କ କଲ୍ୟାଣ ପାଇଁ କହିବା କେବଳ ଏକ ରାଜନୈତିକ ସ୍ଲୋଗାନ; ବାସ୍ତବତା ଭିନ୍ନ।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

# କ'ଣ ଚାହୁଁଛନ୍ତି ଟ୍ରମ୍ପ ?

**ପ୍ରଦେଶ ପ୍ରତ୍ୟୁଷ**

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ଦ୍ୱିତୀୟ କାର୍ଯ୍ୟକାଳ (୨୦୨୫-୨୦୨୯) ଆରମ୍ଭରୁ ହିଁ ବିଦେଶ ନୀତିରେ ଏକ ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖିବାକୁ ମିଳିଛି। ଟ୍ରମ୍ପଙ୍କର 'ଆମେରିକା ଫାଷ୍ଟ' ନୀତି ଅନୁସାରେ, ସେ ବିଭିନ୍ନ ଦେଶକୁ ଧମକ ଦେଇ ଆମେରିକାର ସ୍ୱାର୍ଥ ରକ୍ଷା କରିବାକୁ ଚେଷ୍ଟା କରୁଛନ୍ତି। ଏହି ନୀତିର ଫଳସ୍ୱରୂପ, ବିଶ୍ୱରେ ଯୁଦ୍ଧ ଏବଂ ହିଂସାର ପରିସ୍ଥିତି ଆହୁରି ଜଟିଳ ହୋଇପଡ଼ିଛି। ଏହି ନିବନ୍ଧରେ ଟ୍ରମ୍ପଙ୍କର ବିଭିନ୍ନ ଧମକର ଉଦ୍ଦେଶ୍ୟ ଏବଂ ବିଶ୍ୱର ବର୍ତ୍ତମାନର ଯୁଦ୍ଧ ପରିସ୍ଥିତି ଉପରେ ଆଲୋଚନା କରାଯାଇଛି।

ଟ୍ରମ୍ପଙ୍କର ବିଦେଶ ନୀତି ମୂଳତଃ ଆମେରିକାର ଅର୍ଥନୈତିକ, ସାମରିକ ଏବଂ ଭୂ-ରାଜନୈତିକ ପ୍ରାଧାନ୍ୟ ରକ୍ଷା କରିବା ଉପରେ ଆଧାରିତ। ସେ ବିଭିନ୍ନ ଦେଶକୁ ଧମକ ଦେଇ ନିଜର ଲକ୍ଷ୍ୟ ହାସଲ କରିବାକୁ ଚାହୁଁଛନ୍ତି। ଉଦାହରଣ ଭାବେ ସଦ୍ୟ୨୦୨୬ ଜାନୁଆରୀରେ ଟ୍ରମ୍ପ ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଗିରଫ କରିବା ପାଇଁ ଏକ ସାମରିକ ଅପରେସନ୍ ଆରମ୍ଭ କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ମାଦୁରୋଙ୍କ ଶାସନରେ ଡ୍ରଗ୍ସ ଟ୍ରାଫିକିଂ ଏବଂ ଆମେରିକା ବିରୋଧୀ କାର୍ଯ୍ୟକଳାପକୁ ରୋକିବା, ସହ ଭେନେଜୁଏଲାର ତେଲ ସମ୍ପଦ ଉପରେ ନିୟନ୍ତ୍ରଣ ହାସଲ କରିବା। ଏହି କାର୍ଯ୍ୟାନୁଷ୍ଠାନରେ ଅନେକ ଲୋକ ମୃତ୍ୟୁବରଣ କରିଥିଲେ, ଯାହା ବିଶ୍ୱରେ ଯୁଦ୍ଧ ଅପରାଧର ଅଭିଯୋଗ ଉଠାଇଛି।

ଟ୍ରମ୍ପ ଡେନମାର୍କର ଗ୍ରୀନଲ୍ୟାଣ୍ଡକୁ ଆମେରିକାରେ ଯୋଡ଼ିବାକୁ ଧମକ ଦେଇଛନ୍ତି, ଯାହାର ଉଦ୍ଦେଶ୍ୟ ହେଉଛି ଆର୍କଟିକ୍ ଅଞ୍ଚଳରେ ସାମରିକ ପ୍ରାଧାନ୍ୟ ହାସଲ କରିବା। ସେହିପରି ପାନାମା କେନାଲ୍ ଉପରେ ନିୟନ୍ତ୍ରଣ ପାଇଁ ଧମକ ଦେଇଛନ୍ତି। ଏହା ଆମେରିକାର ଭୂ-ରାଜନୈତିକ ସ୍ୱାର୍ଥ ରକ୍ଷା କରିବାକୁ ସହାୟକ ହେବ ବୋଲି ସେ ଯୁକ୍ତି ଦିଅନ୍ତି।

ଟ୍ରମ୍ପ କ୍ୟୁବାକୁ ଆମେରିକାର ରାଷ୍ଟ୍ରୀୟ ସୁରକ୍ଷା ପାଇଁ ଧମକ ବୋଲି ଘୋଷଣା କରିଛନ୍ତି, ଯେଉଁଥିରେ କ୍ୟୁବା ରୁଷିଆ, ଚୀନ୍ ଏବଂ ଇରାନ୍ ସହ ମିଳିତ ହୋଇ ଆମେରିକା ବିରୋଧୀ କାର୍ଯ୍ୟ କରୁଛି ବୋଲି ଅଭିଯୋଗ ରହିଛି। ଏହାର ଉଦ୍ଦେଶ୍ୟ ହେଉଛି ଆମେରିକାର ଶତ୍ରୁମାନଙ୍କୁ ଦୁର୍ବଳ କରିବା ଏବଂ ବାଣିଜ୍ୟିକ ଲାଭ ହାସଲ କରିବା।

ଟ୍ରମ୍ପ ଇରାନର ନ୍ୟୁକ୍ଲିୟର୍ ସୁବିଧା ଉପରେ ଆକ୍ରମଣ କରିଛନ୍ତି । ଅଧିକ ଆକ୍ରମଣର ଧମକ ଦେଇଛନ୍ତି। ଏହାର ପଛରେ ଉଦ୍ଦେଶ୍ୟ ହେଉଛି ଇରାନର ନ୍ୟୁକ୍ଲିୟର୍ କାର୍ଯ୍ୟକ୍ରମକୁ ରୋକିବା ଏବଂ ମଧ୍ୟପ୍ରାଚ୍ୟରେ ଆମେରିକାର ପ୍ରଭାବ ବଢ଼ାଇବା।

ଟ୍ରମ୍ପଙ୍କର ଏହି ନୀତିର ମୂଳ ଉଦ୍ଦେଶ୍ୟ ହେଉଛି ଆମେରିକାକୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଦର୍ଶାଇବା। ସେ ଧମକ ଏବଂ ସାମରିକ ବଳ ବ୍ୟବହାର କରି ବାଣିଜ୍ୟ ଚୁକ୍ତି, ସୁରକ୍ଷା ଏବଂ ସମ୍ପଦ ହାସଲ କରିବାକୁ ଚାହୁଁଛନ୍ତି। କିନ୍ତୁ ଏହା ଆମେରିକାର ମିତ୍ରଦେଶମାନଙ୍କୁ ମଧ୍ୟ ଅସନ୍ତୁଷ୍ଟ କରିଛି, ଯେପରିକି ଇଉରୋପୀୟ ସଂଘ ଏବଂ କାନାଡା।

ଗାଜାରେ ଯୁଦ୍ଧ ଚାଲୁ ରହିଛି, ଯେଉଁଥିରେ ୭୦,୦୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି। ଟ୍ରମ୍ପ ଗାଜାରେ ଏକ ଅସ୍ଥାୟୀ ଯୁଦ୍ଧବିରତି ଆଣିଛନ୍ତି, କିନ୍ତୁ ଇରାନ୍ ବିରୋଧୀ ନୀତି ଏହାକୁ ପ୍ରଭାବିତ କରୁଛି। ବିଶ୍ୱରେ ବର୍ତ୍ତମାନ ୩୨ଟି ଦେଶରେ ଯୁଦ୍ଧ ଚାଲୁ ରହିଛି। ଟ୍ରମ୍ପଙ୍କର ଧମକ ନୀତି ଏହି ସଂଘର୍ଷଗୁଡ଼ିକୁ ଆହୁରି ଉଗ୍ର କରିପାରେ, କାରଣ ଏହା ଅନ୍ତର୍ଜାତୀୟ ସହଯୋଗକୁ ଦୁର୍ବଳ କରୁଛି। କିନ୍ତୁ କେତେକ ବିଶ୍ଳେଷକ କହନ୍ତି ଯେ ଏହା କ୍ଷଣିକ ସଫଳତା ଦେଇପାରେ, ଯେପରିକି ଇଉରୋପୀୟ ଦେଶମାନଙ୍କୁ ସାମରିକ ଖର୍ଚ୍ଚ ବଢ଼ାଇବାକୁ ବାଧ କରିବା।

ସାରାଂଶରେ, ଟ୍ରମ୍ପଙ୍କର ଧମକ ନୀତି ଆମେରିକାର ସ୍ୱାର୍ଥରକ୍ଷା କରିବାକୁ ଉଦ୍ଦିଷ୍ଟ ହୋଇପାରେ, କିନ୍ତୁ ଏହା ବିଶ୍ୱରେ ଯୁଦ୍ଧ ଏବଂ ହିଂସାକୁ ଆହୁରି ବଢ଼ାଇପାରେ। ଅନ୍ତର୍ଜାତୀୟ ସମ୍ପର୍କରେ ସହଯୋଗ ଏବଂ କୂଟନୈତିକ ଉପାୟ ଆବଶ୍ୟକ ଯାହା ଶାନ୍ତି ଆଣିପାରିବ। ଟ୍ରମ୍ପ ଅନ୍ତତଃ ଏହାକୁ ବୁଝିବା ଉଚିତ। ବିଶ୍ୱରେ ବଡ଼ ଭାଇପଣିଆ ଦେଖାଉଥିବା ଆମେରିକା ଭାଇ ଭଳି କାର୍ଯ୍ୟ କରିବା ଉଚିତ। କାରଣ ବାହୁ ବଳ ଓ ଅର୍ଥ ବଳରେ ସିନା କାମ ହାସଲ କରିହୁଏ, ହେଲେ ଦ୍ୱନ୍ଦ୍ୱ ଅଶାନ୍ତି ଓ ଶତ୍ରୁତା ସୃଷ୍ଟି ହୋଇଥାଏ।

ଢେଙ୍କାନାଳ, ମୋ:୭୦୦୮୪୩୧୨୫୭

> ଟ୍ରାନ୍ସ କାସ୍ପିଆନ୍ ଅନ୍ତର୍ଜାତୀୟ ପରିବହନ ମାର୍ଗ ଯାହାକି ଦକ୍ଷିଣ ପୂର୍ବ ଏସିଆ ଏବଂ ଚୀନ୍‌ରୁ କାଜାଖସ୍ତାନ୍, କାସ୍ପିଆନ୍ ସାଗର, ଆଜର୍ ବାଇଜାନ୍, ଜର୍ଜିଆ ଏବଂ ତୁର୍କୀ ଦେଇ ୟୁରୋପକୁ ବାଣିଜ୍ୟ ମାର୍ଗ ରୂପେ ପରିଚିତ । ଜଳପଥ ସ୍ଥଳ ପଥ ଉଭୟ ପଥରେ ମଲ୍ଟି ମୋଡ଼ ଟ୍ରାନ୍ସପୋର୍ଟ ସିଷ୍ଟମ ଦ୍ୱାରା ଏହି ମାର୍ଗରେ ପରିବହନ କାର୍ଯ୍ୟ କରାହେଉଛି । ଯଦିଓ ସମୟ ସମୟରେ ଉକ୍ତ ମାର୍ଗରେ ପଣ୍ୟ ପରିବହନକୁ ନେଇ ରାଜନୈତିକ ଚାପ ସୃଷ୍ଟି ହେଉଛି ।

# ସାମୁଦ୍ରିକ ପରିବହନ ମାର୍ଗ

**ବିଷ୍ଣୁ ପ୍ରସାଦ ଦାସ**

ବିଶ୍ୱ ବାଣିଜ୍ୟ କାରବାର ନିମନ୍ତେ ଜଳପଥର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଜଳ ପଥରେ ସ୍ୱଳ୍ପ ବ୍ୟୟରେ ପରିବହନ ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚାଳନା କରିହୁଏ । ବିଶ୍ୱର ବିଭିନ୍ନ ଦେଶ ଜଳପଥ ଦ୍ୱାରା ସଂଯୁକ୍ତ ହୋଇଛି । ସାମୁଦ୍ରିକ ବନ୍ଦର ଗୁଡିକର ଆଧୁନିକୀକରଣ ବାଣିଜ୍ୟିକ କାରବାର ସହିତ ଯାତ୍ରୀ ସେବା ମଧ୍ୟ ସୁଚାରୁରୂପେ ଚଳାଇବା ନିମନ୍ତେ ସାମର୍ଥ ରଖିଛି । ଲ୍ୟାଣ୍ଡ ଲକ୍ ଦେଶ ଗୁଡିକ ମଲ୍ଟି ମୋଡ୍ ଟ୍ରାନ୍ସପୋର୍ଟ ବ୍ୟବସ୍ଥାକୁ ଆପଣେଇ ନେଉଛନ୍ତି ବା ଟ୍ରାନ୍ସସିପ୍ ମେଣ୍ଟ ଦ୍ୱାରା ନିଜ ଦେଶର ଚାହିଦା ମେଣ୍ଟାଉଛନ୍ତି। କିଛି ପ୍ରମୁଖ ଆନ୍ତର୍ଜାତିକ ବ୍ୟବସାୟିକ ଜଳ-ସ୍ଥଳ-ଜଳ ମାର୍ଗ ଉପରେ ଅବଲୋକନ କରିବା ଯାହାକି ବର୍ତ୍ତମାନ ସମୟରେ ବିଶ୍ୱ ରାଜନୀତିରେ ଏକ ସମ୍ବେଦନଶୀଳ ପରିସ୍ଥିତି ସୃଷ୍ଟି କରିଛି । ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ରମାନେ ନିଜ ସ୍ୱାର୍ଥ ସାଧନା ନିମନ୍ତେ ଅନ୍ୟ ଦେଶଗୁଡିକ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟି ଯାଇଛନ୍ତି । ବ୍ୟବସାୟ ବାଣିଜ୍ୟ ବିନା ଦେଶର ଆର୍ଥିକ ପରିସ୍ଥିତି ନିମ୍ନଗାମୀ ହେବା ସ୍ୱାଭାବିକ କଥା। ମୁଷ୍ଟିମେୟ/ ବିସ୍ତାରବାଦୀ ଦେଶ ବାଣିଜ୍ୟ ପାଇଁ ଉଦ୍ଦିଷ୍ଟ ଜଳ, ସ୍ଥଳ ଏବଂ ଆକାଶ ପଥ ଅବରୋଧ କରିବାକୁ ପଛାଉ ନାହାନ୍ତି । ଚୀନ୍, ଆମେରିକା , ରୁଷିଆ ଏହିସବୁ କାର୍ଯ୍ୟ ପାଇଁ ଚର୍ଚ୍ଚିତ ହେଉଛନ୍ତି । ଭାରତ, ବ୍ରିଟେନ, ମଧ୍ୟ-ପ୍ରାଚ୍ୟ ଦେଶ ସମୂହ ତଥା କିଛି ନାଟୋ ସଦସ୍ୟ ଭୁକ୍ତ ଦେଶ ନିଜ ଦେଶର ସୁରକ୍ଷା ତଥା ନୌବାଣିଜ୍ୟର ନିରାପତ୍ତା ପାଇଁ ଚିନ୍ତିତ । ନିକଟ ଅତୀତରେ ଯୁକ୍ତରାଷ୍ଟ୍ର ଆମେରିକା ଋଷୀୟ ତୈଳବାହୀ ଜାହାଜକୁ ଜୋର ଜବରଦସ୍ତ ନିଜ ଅକ୍ତିଆରକୁ ନେଇ ଯାଇଛି। ସେହିପରି ମଧ୍ୟପ୍ରାଚ୍ୟର ଅନେକ ତୈଳବାହୀ ଜାହାଜ ଉପରେ ଆକ୍ରମଣ, ସୋମାଲିଆ ଉପକୂଳରେ ଜଳପୋତଗୁଡିକୁ ଲୁଟିବା , କର୍ମଚାରୀମାନଙ୍କୁ ପଣବନ୍ଦୀ କରିବା ଭଳି କୁତ୍ସିତ କାର୍ଯ୍ୟ ଦେଖିବାକୁ ମିଳେ । ମଲ୍ଟିମୋଡ୍ ବା ବହୁମୁଖୀ ବାଣିଜ୍ୟିକ ପଥ ଦ୍ୱାରା କିଛି ଦେଶ ବ୍ୟବସାୟ ନିମନ୍ତେ ବିକଳ୍ପ ମାର୍ଗର ଅନ୍ୱେଷଣ କରୁଛନ୍ତି । ସମୟ ସମୟରେ ଯୁଦ୍ଧର ଭୟ, ପ୍ରାକୃତିକ ବିପର୍ଯ୍ୟୟ ତଥା ଦୁର୍ଘଟଣାଜନିତ କାରଣରୁ ପାନାମା କେନାଲ ଏବଂ ସୁଏଜ କେନାଲ ବନ୍ଦ ହୋଇଯାଉଛି। ଫଳରେ ବ୍ୟବସାୟିକ ପୋତଗୁଡିକ ଅନେକ ଖର୍ଚ୍ଚାନ୍ତ ହୋଇ ଦୀର୍ଘ ପଥ ଅତିକ୍ରମ କରି ନିଜର ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରୁଛି । ମୁଖ୍ୟ ବ୍ୟବସାୟିକ ଜଳ ମାର୍ଗ ଗୁଡିକ ମଧ୍ୟରୁ ୧୦ ଟି ମୁଖ୍ୟ ବାଣିଜ୍ୟିକ ମାର୍ଗ ଉପରେ କିଞ୍ଚିତ୍ ଆଲୋକପାତ କରିବା ।

୧. ଟ୍ରାନ୍ସ କାସ୍ପିଆନ୍ ଅନ୍ତର୍ଜାତୀୟ ପରିବହନ ମାର୍ଗ ଯାହାକି ଦକ୍ଷିଣ ପୂର୍ବ ଏସିଆ ଏବଂ ଚୀନ୍‌ରୁ କାଜାଖସ୍ତାନ୍, କାସ୍ପିଆନ୍ ସାଗର, ଆଜର୍ ବାଇଜାନ୍, ଜର୍ଜିଆ ଏବଂ ତୁର୍କୀ ଦେଇ ୟୁରୋପକୁ ବାଣିଜ୍ୟ ମାର୍ଗ ରୂପେ ପରିଚିତ । ଜଳପଥ ସ୍ଥଳ ପଥ ଉଭୟ ପଥରେ ମଲ୍ଟି ମୋଡ଼ ଟ୍ରାନ୍ସପୋର୍ଟ ସିଷ୍ଟମ ଦ୍ୱାରା ଏହି ମାର୍ଗରେ ପରିବହନ କାର୍ଯ୍ୟ କରାହେଉଛି । ଯଦିଓ ସମୟ ସମୟରେ ଉକ୍ତ ମାର୍ଗରେ ପଣ୍ୟ ପରିବହନକୁ ନେଇ ରାଜନୈତିକ ଚାପ ସୃଷ୍ଟି ହେଉଛି ।

୨. କେପ୍ ଅଫ୍ ଗୁଡ୍ ହୋପ୍ - ଏହି ମାର୍ଗ ୟୁରୋପୀୟ-ଏସୀୟ ସମୁଦ୍ର ପଥ ( ଦକ୍ଷିଣ ଆଫ୍ରିକା କେପ୍ ରୁଟ୍) ହେଉଛି ଆଟଲାଣ୍ଟିକ୍ ମହାସାଗରର ୟୁରୋପୀୟ ଉପକୂଳରୁ ଭାରତ ମହାସାଗରର ଏସିଆ ଉପକୂଳକୁ ଏକ ଜାହାଜ ଚଳାଚଳ ପଥ ରୂପେ ପରିଚିତ । ଏହା ଆଫ୍ରିକାର ଦକ୍ଷିଣ ଦିଗରେ କେପ୍ ଅଫ୍ ଗୁଡ୍ ହୋପ୍ ଏବଂ କେପ୍ ଆଗୁଲହାସ୍ ଦେଇ ସଂଯୁକ୍ତ ହୋଇଛି। କେପ୍ ରୁଟ୍ ଭାସ୍କୋଡା'ଗାମାଙ୍କ ଦ୍ୱାରା ଆବିଷ୍କୃତ ହୋଇଥିଲା । ସ୍ୱେଜ୍ କେନାଲ ପଥ ଖୋଲିବା ଫଳରେ ସମୟ ଏବଂ ବ୍ୟୟ ହ୍ରାସ ନିମନ୍ତେ ଲମ୍ବା କେପ୍ ଜଳପଥ ଦେଇ ଜାହାଜ ପରିବହନ ୯୦ ପ୍ରତିଶତ ହ୍ରାସ ପାଇଛି । ଯେଉଁ ବିଶାଳକାୟ ଜାହାଜ ଗୁଡିକ ସୁଏଜ୍ କେନାଲ ଦେଇ ଯାଇପାରେନାହିଁ ସେହିଗୁଡିକ କେପ୍ ରୁଟ୍ ବ୍ୟବହାର କରିଥାଏ । ଯଦି କୌଣସି କାରଣ ବଶତଃ ସ୍ୱେଜ କେନାଲ ବନ୍ଦ ହୋଇଯାଏ ତେବେ ବ୍ୟୟ ବହୁଳ ବିକଳ୍ପ ପଥ ହିସାବରେ କେପ୍ ଅଫ୍ ଗୁଡ୍ ହୋପ୍ ପଥକୁ ବ୍ୟବହାର କରିବାକୁ ହୁଏ ।

୩. ଟ୍ରାନ୍ସ ଆଟ୍ଲାଣ୍ଟିକ୍ ମାର୍ଗ - ଟ୍ରାନ୍ସଆଟଲାଣ୍ଟିକ୍ ମାର୍ଗଗୁଡ଼ିକ ହେଉଛି ୟୁରୋପ ଆଫ୍ରିକା ଏବଂ ଆମେରିକା ମଧ୍ୟରେ ଆଟଲାଣ୍ଟିକ୍ ମହାସାଗର ଦେଇ ଯାତ୍ରୀ ଏବଂ ମାଲ୍ ପରିବହନର ଅନ୍ୟତମ ପଥ । ଅଧିକାଂଶ ଯାତ୍ରୀ ପରିବହନ ପଶ୍ଚିମ ୟୁରୋପ ଏବଂ ଉତ୍ତର ଆମେରିକା ମଧ୍ୟରେ ଉତ୍ତର ଆଟଲାଣ୍ଟିକ୍ ମହାସାଗର ଦେଇ ହୋଇଥାଏ । ଯଦିଓ ବର୍ତ୍ତମାନ ଅନେକ ଯାତ୍ରୀ ବିମାନ ସେବା ଦ୍ୱାରା ନିଜ ଗନ୍ତବ୍ୟ ସ୍ଥଳରେ ଖୁବ୍ କମ୍ ସମୟରେ ପହଞ୍ଚି ପାରୁଛନ୍ତି । ତେଣୁ ଏହି ପଥରେ ତୈଳ ଏବଂ କଣ୍ଟେନରବାହୀ ଜାହାଜ ବେଶି ଚଳାଚଳ କରେ ।

୪. ଟ୍ରାନ୍ସ ପାସିଫିକ୍ ମାର୍ଗ --ଟ୍ରାନ୍ସ ପାସିଫିକ୍ କ୍ରସିଂ ହେଉଛି ଏସିଆ, ଓସେନିଆ ଏବଂ ଆମେରିକା ମଧ୍ୟରେ ପ୍ରଶାନ୍ତ ମହାସାଗର ଦେଇ ଯାତ୍ରୀ ଏବଂ ମାଲ ପରିବହନ ମାର୍ଗ । ଟ୍ରାନ୍ସ ପାସିଫିକ୍ ଯାତ୍ରା ଗୁଡ଼ିକ ପ୍ରାୟତଃ ଅନ୍ତର୍ଜାତୀୟ ତାରିଖ ରେଖା ଅତିକ୍ରମ କରେ । ମାର୍ଚ୍ଚ ୧୫୨୧ ରେ ସ୍ପେନର ଐତିହାସିକ ମାଗେଲାନ୍ ଅଭିଯାନ ଦ୍ୱାରା ପ୍ରଶାନ୍ତ ମହାସାଗରର ପାର କରିବାରେ ପ୍ରଥମ ରେକର୍ଡ ହାସଲ କରାଯାଇଥିଲା ।

୫. ଦକ୍ଷିଣ ଚାଇନା ସାମୁଦ୍ରିକ ମାର୍ଗ ---ଦକ୍ଷିଣ ଚୀନ୍ ସାଗର ହେଉଛି ପଶ୍ଚିମ ପ୍ରଶାନ୍ତ ମହାସାଗରର ଏକ ସୀମାନ୍ତ ସମୁଦ୍ର । ଏହା ଉତ୍ତରରେ ଦକ୍ଷିଣ ଚୀନ୍, ପଶ୍ଚିମରେ ଇଣ୍ଡୋଚୀନ୍ ଉପଦ୍ୱୀପ, ପୂର୍ବରେ ତାଇୱାନ ଏବଂ ଉତ୍ତର-ପଶ୍ଚିମ ଫିଲିପାଇନ୍ସ ଦ୍ୱୀପପୁଞ୍ଜ (ମୁଖ୍ୟତଃ ଲୁଜୋନ୍, ମିଣ୍ଡୋରୋ ଏବଂ ପାଲାୱାନ୍) ଏବଂ ଦକ୍ଷିଣରେ ବୋର୍ନିଓ, ପୂର୍ବ ସୁମାତ୍ରା ଏବଂ ବାଙ୍ଗକା ବେଲିଟୁଙ୍ଗ ଦ୍ୱୀପପୁଞ୍ଜ ଦ୍ୱାରା ଘେରି ରହିଛି, ଯାହା ପ୍ରାୟ ୩୫୦୦୦୦୦ ବର୍ଗ କିମି ଅଞ୍ଚଳ ପରିବ୍ୟାପ୍ତ । ଏହା ତାଇୱାନ୍ ସସେଫ୍ଟ/ ପ୍ରଣାଳୀ ମାଧ୍ୟମରେ ପୂର୍ବ ଚୀନ୍ ସାଗର, ଲୁଜୋନ୍ ପ୍ରଣାଳୀ ମାଧ୍ୟମରେ ଫିଲିପାଇନ୍ସ ସାଗର, ପାଲାୱାନ୍ ଚାରି ପାଖରେ ଥିବା ପ୍ରଣାଳୀ ମାଧ୍ୟମରେ ସୁଲୁ ସାଗର, କରିମାଟା ଏବଂ ବାଙ୍ଗକା ପ୍ରଣାଳୀ ମାଧ୍ୟମରେ ଜାଭା ସାଗର ଏବଂ ସିଧାସଳଖ ଥାଇଲ୍ୟାଣ୍ଡ ଉପସାଗର ସହିତ ଯୋଗାଯୋଗ କରିଥାଏ । ଏହା ସହିତ, ଟୋଙ୍କିନ୍ ଉପସାଗର ଦକ୍ଷିଣ ଚୀନ୍ ସାଗରର ଏହା ଏକ ଅଂଶ ବୋଲି ଧରାଯାଏ ।

୬.ପାନାମା କେନାଲ୍ --ପାନାମା କେନାଲ ହେଉଛି ପାନାମାର ଏକ କୃତ୍ରିମ ୮୨ କିଲୋମିଟର ଜଳପଥ ଯାହା କାରିବିୟାନ୍ ସାଗରକୁ ପ୍ରଶାନ୍ତ ମହାସାଗର ସହିତ ସଂଯୋଗ କରେ । ଏହା ପାନାମାର ସବୁଠାରୁ ସଂକୀର୍ଣ୍ଣ ଭୂଖଣ୍ଡକୁ କାଟି ଆଟଲାଣ୍ଟିକ୍ ମହାସାଗର ଏବଂ ପ୍ରଶାନ୍ତ ମହାସାଗର ମଧ୍ୟରେ ସାମୁଦ୍ରିକ ବାଣିଜ୍ୟ ପାଇଁ ଏକ ସୁଗମ ପଥ । ପ୍ରତ୍ୟେକ ପାର୍ଶ୍ୱରେ ଥିବା ଲକ୍ ଗେଟ୍ ଦ୍ୱାରା ଜଳ ପତ୍ତନ ବଢାଇ ଜାହାଜକୁ ଗାଟୁନ୍ ହ୍ରଦ ପର୍ଯ୍ୟନ୍ତ ଉଠାଯାଇଥାଏ । ଗାଟୁନ୍ ହ୍ରଦ ସମୁଦ୍ର ପତ୍ତନ ଠାରୁ ୨୬ ମିଟର ଉଚ୍ଚ ଏକ କୃତ୍ରିମ ମଧୁର ଜଳ ହ୍ରଦ । ଏହା ଚାଗ୍ରେସ୍ ନଦୀ ଏବଂ ଆଲାଜୁଏଲା ନଦୀ ଜଳ ଦ୍ୱାରା ସୃଷ୍ଟି ହୋଇ ଥିବା ହ୍ରଦ । ଗାଟୁନ୍ ହ୍ରଦ ଜଳକୁ ପାନାମା କେନାଲରେ ଜାହାଜ ଯାତାୟାତ ନିମନ୍ତେ ବ୍ୟବହାର କରାଯାଏ । ଦୁଇ ପଟ ସମୁଦ୍ର ପତନରେ ଅନେକ ତାରତମ୍ୟ ତଥା ଅସମତଳ ଭୂଖଣ୍ଡକୁ କେନାଲ୍ ଲକ୍ ଗେଟ୍ ମାଧ୍ୟମରେ ଉଚ୍ଚତମ ସ୍ତରକୁ ନେବା ପୁନଶ୍ଚ ଜଳ ନିଷ୍କାସନ କରି ଜାହାଜଗୁଡିକୁ ସ୍ୱସ୍ଥାନକୁ ଆଣି ପାନାମା କେନାଲ ପାର କରାଇବା କାର୍ଯ୍ୟ ସାଧିତ ହୁଏ । ମୂଳ ଲକ୍ ଗେଟ୍ ଗୁଡ଼ିକ ୩୩.୫ ମିଟର ଚଉଡା ହୋଇ ଥିବାରୁ କେବଳ ସେହି କ୍ଷମତା/ ଆକାରର ଜାହାଜଗୁଡ଼ିକୁ ତାହା ମଧ୍ୟରେ ଯିବାକୁ ଅନୁମତି ଦିଆଯାଏ । ସେପ୍ଟେମ୍ବର ୨୦୦୭ ଏବଂ ମେ ୨୦୧୬ ମଧ୍ୟରେ ଏକ ତୃତୀୟ, ପ୍ରଶସ୍ତ କେନାଲ୍ ଗେଟ୍ ନିର୍ମାଣ କରାଯାଇଛି, ଯାହା ଦ୍ୱାରା ବିଶାଳକାୟ ଜାହାଜ ଗୁଡିକ ଅନାୟାସରେ କେନାଲ୍ ପାରି ହୋଇ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରୁଛି । ବିସ୍ତାରିତ ପ୍ରଶସ୍ତ ଜଳପଥ ୨୬ ଜୁନ୍ ୨୦୧୬ ରେ ବାଣିଜ୍ୟିକ କେନାଲ୍ ପଥ ଭାବେ କାର୍ଯ୍ୟ ଆରମ୍ଭ କରିଛି। ଗୋଟିଏ ଜାହାଜ ଗୋଟିଏ ଥର ଯିବା ସମୟରେ ହାରାହାରି ୨୦୦,୦୦୦,୦୦୦ ଲିଟର ମଧୁର ଜଳ ବ୍ୟବହୃତ ହୁଏ । ସମୟ ସମୟରେ ହ୍ରଦ ଜଳ ସ୍ତର ନିମ୍ନଗାମୀ ହେବା ଦ୍ୱାରା ଜାହାଜ ଚଳାଚଳ ବାଧା ପ୍ରାପ୍ତ ହୋଇଥାଏ ।

୭.ସୁଏଜ କେନାଲ୍ ---ସ୍ୱେଜ୍ କେନାଲ୍ ହେଉଛି ଏକ ମାନବ ନିର୍ମିତ ଜଳପଥ ଯାହା ମିଶର/ ଇଜିପ୍ଟ ଦେଇ ଉତ୍ତର-ଦକ୍ଷିଣକୁ ଯୋଡ଼ି ଥାଏ । ସୁଏଜ କେନାଲ୍ ଭୂମଧ୍ୟ ସାଗରକୁ ଲୋହିତ ସାଗର ସହିତ ସଂଯୋଗ କରେ, ଏହାକୁ ୟୁରୋପରୁ ଏସିଆକୁ ଯିବା ପାଇଁ ସବୁଠାରୁ ଛୋଟ ସାମୁଦ୍ରିକ ପଥ ରୂପେ ମାନ୍ୟତା ଦିଆ ଯାଉଛି। ଏହା ଦ୍ୱାରା ସମୟ ସହିତ ବ୍ୟୟ ମଧ୍ୟ ହ୍ରାସ ପାଇଥାଏ । ୧୮୬୯ ରେ ଏହାର ନିର୍ମାଣ ସମାପ୍ତି ପରଠାରୁ, ଏହା ବିଶ୍ୱର ସବୁଠାରୁ ଅଧିକ ବ୍ୟବହୃତ ଜାହାଜ ପଥ ମଧ୍ୟରୁ ଗୋଟିଏ ହୋଇ ଯାଇଛି ।

୮.ଷ୍ଟ୍ରେଟ୍ ଅଫ୍ ହରମୁଜ୍--- ହରମୁଜ୍ ପ୍ରଣାଳୀ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ରାଜନୈତିକ ଜଳପଥ ମଧ୍ୟରୁ ଗୋଟିଏ । ଏହା ଇରାନର ଦକ୍ଷିଣ ଉପକୂଳ ଏବଂ ଓମାନର ଉତ୍ତର ଉପକୂଳ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ଅବସ୍ଥିତ ଏକ ସଂକୀର୍ଣ୍ଣ ଜଳପଥ । ଏହି ପ୍ରଣାଳୀ ପାରସ୍ୟ ଉପ ସାଗରକୁ ଓମାନ୍ ଉପସାଗର ଏବଂ ଆରବ ସାଗର ସହିତ ସଂଯୋଗ କରେ, ଯାହା ପାରସ୍ୟ ଉପସାଗର ଚାରିପାଖରେ ଥିବା ତୈଳ ସମୃଦ୍ଧ ଦେଶ ଗୁଡ଼ିକରୁ ବିଶ୍ୱର ଅନ୍ୟାନ୍ୟ ସ୍ଥାନକୁ ପ୍ରାକୃତିକ ଗ୍ୟାସ/ ତୈଳ ପରିବହନ କରୁଥିବା ତୈଳ ଟ୍ୟାଙ୍କର ଏବଂ ଜାହାଜ ପାଇଁ ଏକମାତ୍ର ସମୁଦ୍ର ପଥ । ସର୍ବଦା ଯୁଦ୍ଧର ବିଭୀଷିକା ଏହି ଅଞ୍ଚଳରେ ଦେଖାଯାଏ ଅନେକ ତୈଳ ବାହୀ ଜାହାଜ ନଷ୍ଟ ହୁଏ ।

୯.ଷ୍ଟ୍ରେଟ୍ ଅଫ୍ ମାଲାକା --ମାଲାକ୍କା ପ୍ରଣାଳୀ, ଆଣ୍ଡାମାନ ସାଗର (ଭାରତ ମହାସାଗର) ଏବଂ ଦକ୍ଷିଣ ଚୀନ୍ ସାଗର (ପ୍ରଶାନ୍ତ ମହାସାଗର)କୁ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ସଂକୀର୍ଣ୍ଣ ଜଳ ପଥ । ଏହା ପଶ୍ଚିମରେ ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପ ଏବଂ ପୂର୍ବରେ ଉପଦ୍ୱୀପ (ପଶ୍ଚିମ) ମାଲେସିଆ ଏବଂ ଅତି ଦକ୍ଷିଣ ଥାଇଲ୍ୟାଣ୍ଡ ମଧ୍ୟରେ ଅବସ୍ଥିତ ଏବଂ ଏହାର କ୍ଷେତ୍ରଫଳ ପ୍ରାୟ ୬୫୦୦୦ ବର୍ଗ କିଲୋମିଟର । ଏହି ପ୍ରଣାଳୀ ୮୦୦ କିଲୋମିଟର ଲମ୍ବା ଏବଂ କାହାଳୀ ବା ଫନେଲ୍ ଆକୃତିର ।(ପ୍ରଥମ ଭାଗ)

କଟକ -୭୫୩୦୦୯
ମୋ: ୯୯୩୭୧୭୪୦୯୭

## ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି

ହିଞ୍ଜିଳିକାଟୁ,(ନିପ୍ର): ଜିଲ୍ଲା ପ୍ରଶାସନ, ଗଞ୍ଜାମ ଆନୁକୁଲ୍ୟରେ ସୋମବାର ହିଞ୍ଜିଳିକାଟୁ ବ୍ଲକ ବଡଖଣ୍ଡି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରିକା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଝୁନୁ ନାୟକ, ସମିତିସଭ୍ୟା କ. ନର୍ମଦା, ଅତିରିକ୍ତ ତହସିଲଦାର ସୁରଜ ନାୟକ ବେହେରା, ହିଞ୍ଜିଳି ଥାନା ଏସଆଇ ସିଦ୍ଧାର୍ଥ ଶଙ୍କର ଜେନା, ଜିଲ୍ଲା ପରିଷଦ ସଭ୍ୟା ବି. ଗିତାଞ୍ଜଳି, ବ୍ଲକ ଉପାଧ୍ୟକ୍ଷ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସଂପୃକ୍ତ ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ କାରୀ ଯୋଜନାରୁ ବଞ୍ଚିତ ଓ ସରକାରୀ ସୁବିଧାରୁ ଉପେକ୍ଷିତ ହୋଇଥିବା ହିତାଧିକାରୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ରାସନ୍ କାର୍ଡ, ଗ୍ରାମୀଣ ଆବାସ, ସ୍ୱାସ୍ଥ୍ୟ, ବାର୍ଦ୍ଧକ୍ୟ ଭତ୍ତା, ରାଜସ୍ୱ, ମନରେଗା ,ବିଦ୍ୟୁତ୍ ଓ ସୁଭଦ୍ରା ଆଦି ଭିନ୍ନ ଭିନ୍ନ ଯୋଜନା ପାଇଁ ସମୁଦାୟ ୩୧ଟି ଅଭିଯୋଗ ଦାଖଲ ହୋଇଥିଲା । ସେଥିମଧ୍ୟରୁ ରାସନ୍ କାର୍ଡ ୧୩, ସାମାଜିକ ସୁରକ୍ଷା ୧୨, ସୁଭଦ୍ରା ଯୋଜନା ସମ୍ପର୍କିତ ୪ଟି, କମ୍ୟୁନିଟି ବିଭାଗୀୟ ୨ଟି ଅଭିଯୋଗ ଦାଖଲ ହୋଇଥିଲା । ଶିବିରରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ସାହିତ୍ୟ ରତ୍ନ ସମ୍ମାନ ପାଇଲେ ଡକ୍ଟର ଆର୍ତ୍ତତ୍ରାଣ ସାହୁ

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳର ଜଣାଶୁଣା ଲଳିତ କବି ଆର୍ତ୍ତତ୍ରାଣ ସାହୁଙ୍କୁ ସମ୍ମାନଜନକ ସାହିତ୍ୟ ରତ୍ନ ୨୦୨୬ ପୁରସ୍କାର ସାହିତ୍ୟ



ସେବା କାଉନସିଲ ତରଫରୁ ଦିଲ୍ଲୀ କେନ୍ଦ୍ରୀୟ ବିଦ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଦାନ କରାଯାଇଛି । ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥିମାନେ ଲଳିତ କବି ଡ ଆର୍ତ୍ତତ୍ରାଣ ସାହୁଙ୍କୁ ଚଳିତ ବର୍ଷ ସାହିତ୍ୟ କ୍ଷେତ୍ରରେ ସାହିତ୍ୟ ସେବା ରତ୍ନରେ ସମ୍ମାନ ସମ୍ମାନୀତ କରିଛନ୍ତି । ତାଙ୍କର ୨୦୧୮ ରୁ ୨୦୨୫ ମସିହା ମଧ୍ୟରେ ସତ୍ୟାନୁସରଣ, ସତ୍ୟାନୁସନ୍ଧାନ, ସତୀ ଉପାଖ୍ୟାନ, ସତ୍ୟ ଧର୍ମ, ଶିବ ସ୍ୱରୂପ, ସଙ୍କଟ ମୋଚନ, ସକଳ ତୀର୍ଥ ସରିତ, ଶାଶ୍ୱତ, ଶ୍ରୀ ଗଣେଶ ଓ ଅଭୁଲା ସ୍ମୃତି ଭଳି ୧୨ ଖଣ୍ଡ ପ୍ରମୁଖ ପୁସ୍ତକ ଗୁଡ଼ିକ ପ୍ରକାଶିତ ହୋଇଯାଇଛି । ଏହି ଆୱାର୍ଡ଼ ପାଇଥିବାରୁ ଶ୍ରୀ ସାହୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟିବାରେ ଲାଗିଛି । ଡ ସାହୁ ଜଣେ ବ୍ୟବସାୟୀ ହୋଇଥିଲେ ବି ତାଙ୍କର ଧର୍ମ ସାହିତ୍ୟରେ ରୁଚି ରଖି ୧୨ ଖଣ୍ଡ ପୁସ୍ତକ ରଚନା କରିଛନ୍ତି ।

## ପିପୁଲ୍ସ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ବୁଗୁଡା,(ନିପ୍ର): ସ୍ଥାନୀୟ ପିପୁଲ୍ସ କଲେଜର ୪୮ତମ ବାର୍ଷିକ କ୍ରୀଡାର ଶୁଭାରମ୍ଭ ହୋଇଯାଇଛି । ନିକଟସ୍ଥ ଠାକୁରାଣୀ ମନ୍ଦିରରୁ କ୍ରୀଡା ଜ୍ୟୋତି ଆସି ପହଞ୍ଚିବା ପରେ କଲେଜ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ ସହ ପ୍ରତିଯୋଗୀଙ୍କ ସାମୁହିକ ଶପଥ ପାଠ କରାଯାଇଥିଲା । ଉକ୍ତ ବାର୍ଷିକ କ୍ରୀଡାର ଉଦ୍‌ଘାଟନୀ ଉତ୍ସବରେ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ, ପ୍ରଶାସନିକ ଅଧିକାରୀ ଡ.ପ୍ରଦୀପ କୁମାର ଦାଶ, ଯୁକ୍ତ ତିନି କ୍ରୀଡା ସଂସଦ ଉପସଭାପତି ଅଧ୍ୟାପକ ଅକ୍ଷୟ କୁମାର ସାହୁ , ଯୁକ୍ତ ଦୁଇ କ୍ରୀଡା ସଂସଦ ଉପସଭାପତି ଅଧ୍ୟାପକ ଆତ୍ମ ପ୍ରକାଶ ନାୟକ, ସହକାରୀ ଉପସଭାପତି ଦିଲ୍ଲୀପ କୁମାର ସେଠୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲା ବେଳେ ଏ ଅବସରରେ ଉଭୟ ପୁରୁଷ ଓ ମହିଳା ବିଭାଗର ଦୌଡ, ଲଙ୍ଗଜମ୍ପ, ହାଇଜମ୍ପ , ସଟପୁଟ୍ ଥ୍ରୋ, ଡିସକ୍ ଥ୍ରୋ, ଜାଭେଲିନ୍ ଥ୍ରୋ ଆଦି ପ୍ରତିଯୋଗିତା ଆୟୋଜିତ ହୋଇ କୃତି ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା । କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ପ୍ରତିଯୋଗିତା ଗୁଡିକୁ କ୍ରୀଡା ଶିକ୍ଷକ ଶ୍ରୀନିବାସ ଦୋରା ପରିଚାଳନା କରି କୃତି ପ୍ରତିଯୋଗୀଙ୍କୁ ଚୟନ କରିଥିବା ବେଳେ ଅଧ୍ୟାପକ କିଶୋର ଚନ୍ଦ୍ର ଶବର,ଅଧ୍ୟାପିକା ରଶ୍ମିତା କୁମାରୀ ପଟ୍ଟନାୟକ, ସସ୍ମିତା ସାମନ୍ତରା, ଭି.ସନ୍ତୋଷୀ ରାଜୁ ଓ ସୁରଜିତା ସାହୁ ପ୍ରମୁଖ ଏଥିରେ ସକ୍ରିୟ ସହଯୋଗ କରିଥିଲେ ।

## ଛାତ୍ରଛାତ୍ରୀଙ୍କୁ ଉତ୍ତମ ଚରିତ୍ର ଗଠନ ଲାଗି ପରାମର୍ଶ

ଆସିକା,(ନିପ୍ର): ଆସିକା ବ୍ଲକ ସ୍ଥିତ ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଅଧ୍ୟକ୍ଷ ଅମର ପ୍ରସାଦ ବିଷୋୟୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନର ୪୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲା ବେଳେ ମୁଖ୍ୟବକ୍ତା ଭାବେ ଚିନିଶିଲ୍ପର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟଅତିଥି ମହାବିଦ୍ୟାଳୟର ମୁଖ୍ୟ ଫାଟକ ନିମନ୍ତେ ୫ ଲକ୍ଷ ଧନ ରାଶି ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି ଡ଼କ୍ଟର ପଣ୍ଡା ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ଉତ୍ତମ ଚରିତ୍ର ଗଠନ ଓ ଭବିଷ୍ୟତ ଗଢ଼ିବା ପାଇଁ ଅତି ମହତ୍ୱପୂର୍ଣ୍ଣ ଉପଦେଶମାନ ପ୍ରଦାନ କରି ପ୍ରୋତ୍ସାହିତ କରିଛନ୍ତି ।

# ନିୟମଗିରିରେ ପିଇବା ପାଣି ସମସ୍ୟା

ରାୟଗଡା,(ନି :ପ୍ର): ରାୟଗଡା ଜିଲ୍ଲାର ନିୟମଗିରି ପାହାଡ଼ ଅଞ୍ଚଳରେ ପାଣି ସମସ୍ୟା ଲାଗିରହୁଛି । ଏକ ମାତ୍ର ଭରଷା ଝରଣା ପାଣି । ଝରଣା ପାଣି ପିଇ ଲୋକେ ରୋଗ ଦାଉରେ ସାଧି ହେଇ ଯାଉଛନ୍ତି ।ଏହାର ସମାଧାନ ପାଇଁ ଡିକେଡିଏ ସଂସ୍ଥା (ଡଙ୍ଗରିଆ କନ୍ଧ ଡେଭେଲପମେଣ୍ଟ ଏଜେନସି)କୌଣସି ପ୍ରକାର ସମାଧାନର ବାଟ ବାହାର କରୁନି ।ଲୋକେ ଝରଣା ପାଣିକୁ ସାହାରା କରି କାଳ କାଟୁଛନ୍ତି ।ଡ଼ଙ୍ଗାମାଟି ଗାଁ, ଏହି ଗାଁ'ଟି ରହିଛି ରାୟଗଡା ଜିଲ୍ଲାର କଲ୍ୟାଣସିଂପୁର ବ୍ଲକ ଅନ୍ତର୍ଗତ ପାର୍ଶାଲି ପଞ୍ଚାୟତ ସ୍ଥିତ ଉକ୍ତ ଗ୍ରାମଟି ହେଲା ଡ଼ଙ୍ଗାମାଠି । ଏହି ଗ୍ରାମରେ ବସବାସ କରୁଥିବା ସବୁ ପରିବାର ଆଦିମ ଜନଜାତି ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର । ଏହି ଆଦିମ ଜନଜାତିଙ୍କ ପାଇଁ ଅନେକ ସରକାରୀ ଯୋଜନା କରାଯାଉଛି । ବେସରକାରୀ ସଂସ୍ଥା ମଧ୍ୟ ଏହାଙ୍କ ଜୀବନ ଶୈଳୀରେ ଉନ୍ନତ୍ତି ଆଣିବା ପାଇଁ ଅନେକ କାର୍ଯ୍ୟ କରୁଛନ୍ତି । ଏମାନଙ୍କ ପାଇଁ ଡିକେଡିଏ, ଓପିଲିପି, ଆଇଟିଡିଏ, ଆଇଫଡ଼, ପ୍ରଧାନମନ୍ତ୍ରୀ ଜନମନ ଯୋଜନା ଆଦି ଦଶନ୍ଧି ଦଶନ୍ଧି ଧରି କାମ କରୁଛନ୍ତି ତୃଣମୂଳ ସ୍ତରରୁ, ହେଲେ ଆଖି ଦୃଶିଆ କିଛି ପରିବର୍ତ୍ତନ ପରିଲକ୍ଷିତ ହେଇନି । ହେଲେ ଏ ଅଞ୍ଚଳରେ ସେମିତି କିଛି ଚିରସ୍ଥାୟୀ କାର୍ଯ୍ୟ କରାଯାଇନଥିବାରୁ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ରହି ଝରଣା ପାଣି ଉପରେ ନିର୍ଭର କରି ଚଳୁଛନ୍ତି ବୋଲି ଅଭିଯୋଗ କରି



ଆସୁଥିଲେ ମଧ୍ୟ କେହି ଏମାନଙ୍କ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେଉନଥିବା ଜଣାପଡିଛି । ଏ ଅଞ୍ଚଳରେ ସରକାରୀ ବାବୁ ମାନଙ୍କର ପାଦ ପଡ଼େନି । ଆଭ୍ୟନ୍ତରୀଣ ଅଞ୍ଚଳକୁ କେହି କେବେ ସରକାରୀ ବାବୁ ଯାଇନଥିବା ସେମାନେ ଅନେକ ଥର ଅଭିଯୋଗ କରିଆସିଛନ୍ତି ଗ୍ରାମର ଡଙ୍ଗରିଆମାନେ । ଗ୍ରାମରେ ରହିଛି ଏକ ସୌରଶକ୍ତି ଚାଳିତ ନଳକୂପ । ବର୍ଷକ ତଳେ ସରକାର ଏହି ସୌରଶକ୍ତି ଚାଳିତ ନଳକୂପ ବସାଇ ଥିଲେ । ଉକ୍ତ ନଳକୂପଟି ଆଠଲକ୍ଷ ଟଙ୍କା ବ୍ୟୟରେ ବସା ଯାଇଥିଲା ହେଲେ, କିନ୍ତୁ କିଛି ମାସ ଠିକ ଭାବେ ଚାଲିବା ପରେ ଏଥିରେ ଆଉ ପାଣି ଆସିଲା ନାହିଁ । ଯାହା ଫଳରେ ଗ୍ରାମବାସୀ ପାଣି ପାଇଁ ଝରଣା ପାଣି ଉପରେ ନିର୍ଭର କରି ଚଳୁଛନ୍ତି । ଏହି ନଳକୂପକୁ କେଉଁ ସଂସ୍ଥା ବସାଇ ଥିଲା ତାହା ସେମାନେ ଜାଣିନଥିବା ଜଣାପଡିଛି । ବ୍ଲକ ପ୍ରଶାସନ ଅଧୀନସ୍ଥ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଏହି ପାନୀୟଜଳ ସମସ୍ୟା କୌଣସି ପଦକ୍ଷେପ ନ ନେଇ ନିରବ ରହିଥିବା ସମସ୍ତଙ୍କୁ ଚକିତ କରିଥିବା ବେଳେ ବିଭାଗୀୟ ଦାୟିତ୍ୱ ହୀନତା ପାଇଁ ଅଭିଯୋଗ କରିଛନ୍ତି ଗାଁ ଲୋକେ । ଜିଲ୍ଲାପାଳଙ୍କ ନେର୍ଦ୍ଦେଶକୁ ବ୍ଲକ ପ୍ରଶାସନ ଶୁଣୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଜିଲ୍ଲା ପ୍ରଶାସନ ଉକ୍ତ ଅଂଚଳରେ ଲାଗି ରହିଥିବା ଜଳ ସମସ୍ୟାର ସମାଧାନ ପାଇଁ ଆଶୁ ପଦକ୍ଷେପ ନେବେ ବୋଲି ଗ୍ରାମବାସୀ ଆଶାବାନ୍ଧି ଅପେକ୍ଷା କରିରହିଛନ୍ତି ।

## ଦନ୍ତାହାତୀ ଉପଦ୍ରବରେ ୨୩ ରୁ ଅଧିକ ନଡ଼ିଆ ଗଛ ନଷ୍ଟ, ଚାଷୀ ହତାଶ

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ବୁର୍ଡା ଗ୍ରାମ ପଞ୍ଚାୟତ ଅଧୀନ ଆମ୍ବଝରିଆ ଗାଁରେ ବିଳମ୍ବିତ ରାତ୍ରୀରେ ଦନ୍ତା ହାତୀ ଉପଦ୍ରବରେ ୨୩ ରୁ ଊର୍ଦ୍ଧ୍ୱ ନଡ଼ିଆ ଗଛ ନଷ୍ଟ ହୋଇଥିବା ବେଳେ ଚାଷୀ ହତାଶ ହୋଇ ଚିନ୍ତାରେ ପଡିଛି । ସୂଚନା ଯୋଗ୍ୟ ଯେ ଆମ୍ବଝରିଆ ଗାଁର ବାସିନ୍ଦା ଚାଷୀ ଅଖିଳ କୁମାର ପୁରୋହିତଙ୍କ ଏକ ବଗିଚାରେ ବିଳମ୍ବିତ



ରାତ୍ରୀରେ ଏକ ଦନ୍ତା ହାତୀ ସୋଲାର ବାଡ଼ ଭାଙ୍ଗି ବଗିଚା ଭିତରେ ରହିଥିବା ୨୩ ରୁ ଊର୍ଦ୍ଧ୍ୱ ନଡ଼ିଆ ଗଛଗୁଡ଼ିକୁ ଉପାଡ଼ି ଭାଙ୍ଗି ନଷ୍ଟ କରି ଦେଇଛନ୍ତି । ଏହି ବଗିଚାରେ ଜଣେ ଜଗୁଆଳି ଉପସ୍ଥିତ ରହିଥିବା ବେଳେ ଦନ୍ତା ହାତୀ ଦେଖି ଜଗୁଆଳି ଜଣଙ୍କ ଭୟଭୀତ ହୋଇ ଏକ ଘର ଭିତରେ ଲୁଚି ରହିଥିଲେ । ଉପଦ୍ରବ କରି ହାତୀ ସେଠାରୁ ଗଲା ପରେ ସକାଳୁ ମାଲିକଙ୍କୁ ଖବର ଦେଇଥିଲେ । ଏଥିରେ ଚାଷୀ ଜଣଙ୍କ ହତାଶ ହୋଇ କହିଛନ୍ତି ଯେ ଏଥିରେ ମୋର ୫ ବର୍ଷର ପରିଶ୍ରମ ବୃଥା ହୋଇଯାଇଛି । ନଡ଼ିଆ ଗଛ ଗୁଡ଼ିକରେ ବଉଳ ଲାଗିଥିଲା । ସେଗୁଡିକ ନଷ୍ଟ ହୋଇଗଲା । ଗତବର୍ଷ ଏହିପରି ହାତୀ ଉପଦ୍ରବ ଯୋଗୁଁ ୮ ଟି ନଡ଼ିଆ ଗଛ ନଷ୍ଟ ହୋଇଥିଲା । ଏ ସମ୍ପର୍କରେ ବନ ବିଭାଗ କୁ ଜଣାଇଛି । ମୁଁ ଜଣେ ବୃକ୍ଷ ପ୍ରେମୀ ମୋତେ ଆର୍ଥିକ ସହାୟତା ଦରକାର ନାହିଁ, ପ୍ରଶାସନ ପକ୍ଷରୁ ଏହିପରି ହାଇବ୍ରିଡ଼ ନଡ଼ିଆ ଗଛ ମତେ ପ୍ରଦାନ କଲେ ମୁଁ ଉପକୃତ ହେବି ବୋଲି ପ୍ରତିକ୍ରିୟା ଦେଇଥିଲେ ।

## ବିଦ୍ୟାଳୟରେ ଛାତ୍ରୀ ଅସଦାଚରଣ ପ୍ରସଙ୍ଗ, କାର୍ଯ୍ୟାନୁଷ୍ଠାନ ଦାବି

ଭବାନୀପାଟଣା,(ନି.ପ୍ର): ଭବାନୀପାଟଣା ରେଡ୍ କ୍ରସ୍ ଅନ୍ଧ, ମୂକ, ବଧିର ବିଦ୍ୟାଳୟ ପରିସରରେ ସବୁ କିଛି ଠିକ୍ ଚାଲୁନାହିଁ ବୋଲି ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ଛାତ୍ରଛାତ୍ରୀମାନେ ଭିତରେ ଚାଲିଥିବା ଅନେକ ଅନ୍ୟାୟ ସମ୍ପର୍କରେ ହାତଲେଖା ଚିଠି ମାଧ୍ୟମରେ କିଛି ବ୍ୟକ୍ତି ବିଶେଷଙ୍କୁ ଜଣାଇଛନ୍ତି । ଜଣେ ଶିକ୍ଷକ ଏଠି ଭକ୍ଷକ ସାଜି ଛାତ୍ରୀମାନଙ୍କୁ ଶାରୀରିକ ଶୋଷଣ ପାଇଁ ପ୍ରୟାସ କରୁଥିବା ନେଇ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି । ଏ ନେଇ ପୂର୍ବତନ ଛାତ୍ର ବିଜେଡି କାର୍ଯକାରୀ ସଭାପତି ଅବିନାଶ ଠାକୁରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏହାର ନିରପେକ୍ଷ ତଦନ୍ତ ସହ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି । ସୂଚନାଯୋଗ୍ୟ ଯେ, ଦୃଷ୍ଟିହୀନ ବିଦ୍ୟାଳୟର ଅସହାୟ ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ୱାର୍ଡେନ ଦ୍ୱାରା ଜଣେ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରୁଥିବା ଏକ ଭିଡିଓ ଓ ଫଟୋ ଚିତ୍ର ସାମ୍ନାକୁ ଆସିବା ପରେ ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇଛି । କିନ୍ତୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ । ଏହି ସମ୍ବେଦନଶୀଳ ଘଟଣାକୁ ଜିଲ୍ଲା ପ୍ରଶାସନ ନ ଚପାଇ ତୁରନ୍ତ ୱାର୍ଡେନକୁ ବରଖାସ୍ତ କରିବା ସହ ତାଙ୍କ ବିରୋଧରେ ପୋକ୍ସୋ ଆକ୍ଟ ଲଗାଯାଉ ବୋଲି ଛାତ୍ର ବିଜେଡି ଦାବିପତ୍ରରେ ଉଲ୍ଲେଖ କରିଛି ।

## ଧାନର ଅଭାବୀ ବିକ୍ରି : ବିଜେଡି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଭବାନୀପାଟଣା,(ନିପ୍ର): ରାଜ୍ୟରେ ଧାନର ଅଭାବି ବିକ୍ରି ଓ ମଣ୍ଡି ପରଚଳନା ତ୍ରୁଟିକୁ ନେଇ ଜିଲ୍ଲା ବିଜେଡି ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଜିଲ୍ଲା ସଭାପତିଙ୍କ ନେତୃତ୍ୱରେ ଶହ ଶହ ନେତା ଓ କର୍ମୀଙ୍କ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଥିରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ନର୍ଲା ବିଧାୟିକା ମନୋରମା ମହାନ୍ତି, ପୂର୍ବତନ ବିଧାୟକ ପୁଷ୍ପେନ୍ଦ୍ର ସିଂହ ଦେଓ, ଦୁଷ୍ମନ୍ତ ନାଏକ, ଗୋବର୍ଦ୍ଧନ ଦାସ,ମୌସଧି ବାଗ, ଜିଲ୍ଲା ମହିଳା ନେତ୍ରୀ ଲଳିତା ନାଏକ, ମହିଳା ନେତ୍ରୀ କଲ୍ୟାଣୀ ନାଏକ,ଯୁବ ସଭାପତି ଆଦିତ୍ୟ ନନ୍ଦ, ଛାତ୍ର ନେତା ଅବିନାଶ ଠାକୁର, ମଣ୍ଟୁ ନାଏକ,ବରିଷ୍ଠ ନେତା ଭବାନୀ ଶଙ୍କର ମିଶ୍ର, ପ୍ରଦୀପ ମୁଣ୍ଡ,ବଦ୍ରି ନାରାୟଣ ପଟ୍ଟନାୟକ, ଭବାନୀପାଟଣା ପୌର



ଅଧ୍ୟକ୍ଷ ବିଷ୍ଣୁ ପଧାନ ପ୍ରମୁଖ ଯୋଧର୍ମେନ୍ଦ୍ର ନାଏକ, କେନ୍ଦ୍ର ଓ ରାଜ୍ୟ ସରକାରକୁ କଟୁ ସମାଲୋଚନା କରିଥିଲେ । ରାଜ୍ୟ ସରକାର ମଣ୍ଡିପରିଚାଳନାରେ ଫେଲ, ମହିଳା ସୁରକ୍ଷାରେ ଫେଲ ମାରିଛି । କେବଳ ବିଜେଡି ସରକାରର ସମୟରେ ହୋଇଥିବା କାର୍ଯ୍ୟର ରଙ୍ଗ ବଦଳାଇ ବା ଛଡା କିଛି କାମକୁ ନାହିଁ ବୋଲି ସମାଲୋଚନା କରିଥିଲେ । ଆଗକୁ ପଂଚାୟତ ନିର୍ବାଚନ ଥିବା ବେଳେ ବିଜେଡିର ଏହି ଶକ୍ତି ପ୍ରଦର୍ଶନ ଜିଲ୍ଲା ରାଜନୀତିକୁ ଚଳଚଞ୍ଚଳ କରିଛି । ବିଜେଡିର ଏହି ରାଲିକୁ ଦେଖି ବିଜେପି ଛାନିଆ ହୋଇପଡିଛି ।

## ଜିଲ୍ଲାସ୍ତରୀୟ ସମ୍ପୂର୍ଣତା ଅଭିଯାନ ୨.୦ ର ଶୁଭାରମ୍ଭ

ଭବାନୀପାଟଣା,(ନି.ପ୍ର): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ସ୍ଥିତ ଟାଉନ ହଲ ଠାରେ ଭାରତ ସରକାରଙ୍କ ନିତି ଆୟୋଗ ଦ୍ୱାରା ନିର୍ଦ୍ଧାରିତ ସମ୍ପୂର୍ଣତା ଅଭିଯାନ ୨.୦ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା । ଏଥିରେ ଯୋଗଦେଇ ଜିଲ୍ଲାପାଳ କହିଥିଲେଯେ ଜାନୁଆରୀ ୨୮ ରୁ ୧୪ ଏପ୍ରିଲ ପର ?ୟନ୍ତ ଚାଲୁଥିବା ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ ତଥା ରାଜ୍ୟରେ କଳାହାଣ୍ଡି ଜିଲ୍ଲାକୁ ଏକ ଅଗ୍ରଣୀ ଜିଲ୍ଲା ଭାବେ ଗଢି ତୋଳିବା ପାଇଁ ଜିଲ୍ଲା ଓ ବ୍ଲକ କର୍ମଚାରୀ



ମାନଙ୍କୁ ପରାମର୍ଶ ଦେଇଥିଲେ । ନିତି ଆୟୋଗ ଦ୍ୱାରା ନିର୍ଦ୍ଧାରିତ ସମୁଦାୟ ୧୧ ଟି ସୁଚକାଙ୍କ କୁ ୨୮ ରୁ ୧୪ ଏପ୍ରିଲ ମଧ୍ୟରେ ଶତପ୍ରତିଶତ ହାସଲ କରିବା ପାଇଁ ଏକ ଶପଥ ପାଠ ମଧ୍ୟ କରାଯାଇଥିଲା । ଏହି ଅଭିଯାନ ଜିଲ୍ଲା ତଥା ଥୁଆମୂଳ ରାମପୁର ଓ ମଦନପୁର ରାମପୁରରେ ୨୮ ଜାନୁଆରୀରୁ ୧୪ ଏପ୍ରିଲ ଯାଏ ପାଳନ କରାଯିବ । ଏଥିରେ ବିଭିନ୍ନ ପ୍ରକାରର ଦୈନିକ ଉତ୍ସବ ପାଳନ କରାଯିବ ପାଇଁ ନିର୍ଦ୍ଧାରଣ କରାଯାଇଛି । ଏଥିରେ ଶିଶୁଙ୍କ ପାଇଁ ପୁଷ୍ଟିକର ଖାଦ୍ୟ, ପଶୁଙ୍କୁ ଟୀକାକରଣ, ସ୍କୁଲରେ ବାଳିକାମାନଙ୍କୁ ସ୍ୱଚ୍ଛ ଓ ପରିଷ୍କାର ଶୌଚାଳର ସୁବିଧା, ସୁସ୍ଥ ଶିଶୁଙ୍କ ଓଜନ ମାପ, ଗ୍ରାମ ସ୍ୱାସ୍ଥ୍ୟ ଓ ପୋଷଣ ଦିନ ପାଳନ, ଟି.ବି ରୋଗୀ ଚିହ୍ନଟ କରଣ, ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ପାନୀୟ ଜଳର ସୁବିଧା, ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ସ୍ୱଚ୍ଛ ଓ ପରିଷ୍କାର ଶୌଚାଳୟର ସୁବିଧା, ଶିଶୁଙ୍କ ସଠିକ ଓଜନ ମାପକୁ ନେଇ ୫ ଟି ଷ୍ଟଲ ପ୍ରଦର୍ଶିତ କରାଯାଇଥିଲା । ଜିଲ୍ଲା ଯୋଜନା ଓ ସଂଯୋଜନା ବିଭାଗ ର ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ । ଏଥିରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ହରେକୃଷ୍ଣ ଶତପଥୀ, ଜିଲ୍ଲା ମୁଖ୍ୟ ସମାଜ ମଙ୍ଗଳ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକତ୍ସା ଅଧିକାରୀ ଡାକ୍ତର ନିରଦ ଚନ୍ଦ୍ର କହଁର ଓ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ତପିମଣି ଜାନି ପ୍ରମୁଖ ଯୋଗଦେଇଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ସ୍ତରୀୟ ସମସ୍ତ ଆଶା , ଅଙ୍ଗନବାଡି କର୍ମୀ, ନର୍ସ ପ୍ରମୁଖ ଯୋଗଦାନ କରିଥିଲେ ।

## ଜଳ ପରିଚାଳନା ସମ୍ପର୍କିତ ଦୁଇଦିନିଆ କର୍ମଶାଳା

ଦେବଗଡ଼,(ନିପ୍ର): ଜିତା ଅନୁଷ୍ଠାନ ତରଫରୁ ଜଳସଖୀ କାର୍ଯ୍ୟକ୍ରମ ଯାହାକି ମହିଳା ମାନଂକ ଦ୍ୱାରା ଜଳପରିଚାଳନା ସମ୍ପର୍କିତ ଏକ ଦୁଇ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇ ଥିଲା ଓ ଦେବଗଡ ଜିଲ୍ଲା, ବାରକୋଟ୍ ବ୍ଲକ୍ ଅନ୍ତର୍ଗତ ଗୁରୁସଂଗ ଏବଂ ସରୁଆଳି ଗ୍ରାମ ପଂଚାୟତର ସିନ୍ଦୁରମୁଣ୍ଡା , ନୂଆମୁଣ୍ଡା ଏବଂ ତାଳଡିହି ଗ୍ରାମର ପ୍ରାୟ ୫୦ ଜଣ ମହିଳା ଯୋଗ ଦେଇଥିଲେ । ଜଳ ଉତ୍ସର ସମସ୍ୟା ଓ ତାର ସମାଧାନ ଦିଗରେ ଜଳସଖୀ ତଥା ମହିଳାମାନଙ୍କର ଭୂମିକା ଉପରେ ପ୍ରଗତି ଯୁବକ ସଂଘ ର ସମ୍ପାଦକ ଦେବବ୍ରତ ଦାଶ ତାଲିମ୍ ପ୍ରଦାନ କରିଥିଲେ । ଜଳ ଉତ୍ସର ଚିହ୍ନଟିକରଣ, ଜଳର ଗୁଣ ପରୀକ୍ଷା ତଥା ନୂତନ ଜଳ ଉତ୍ସ ତିଆରି ଉପରେ ମଧ୍ୟ ଆଲୋଚନା କରାଯାଇ ଥିଲା । ଜଳସଖୀ କାର୍ଯ୍ୟକ୍ରମର ସୁପରିଚାଳନା ତଥା ଜଳ ସଖୀମାନଙ୍କର ଭୂମିକା ସମ୍ପର୍କରେ ବିକାଶ କୁମାର ପତି ଆଲୋକପାତ କରିଥିଲେ । ଜିତା ଅନୁଷ୍ଠାନର ଉପଦେଷ୍ଟା ସଚ୍ଚିଦାନନ୍ଦ ମିଶ୍ର ମଧ୍ୟ ଜଳସଖୀ କାର୍ଯ୍ୟକ୍ରମର ସୁପରିଚାଳନା ଓ ଜଳ ଉତ୍ସର ସୁରକ୍ଷା ଦିଗରେ ନିଜର ମତବ୍ୟକ୍ତ କରିଥିଲେ । ଜିତା ଅନୁଷ୍ଠାନର ସମ୍ପାଦିକା ଅନୁପମା




ରାଉତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଅନୁଷ୍ଠାନର କର୍ମୀ ରୁପେଶ ବେହେରା, ପଂଚାନନ ବିଶ୍ୱାଳ, ଶ୍ରଦ୍ଧାଞ୍ଜଳି ସାହୁ, ମନ୍ଦୋଦରୀ ସାହୁ, ସୁମନ କୁମାର ସାହୁ, ମନୋରଞ୍ଜନ ସାହୁ, ନିରାକାର ଓଝା, ଜୋତି ରଞ୍ଜନ ସକ୍ରିୟ ସହଯୋଗ କରି ଥିଲେ ।

## ଜିଲ୍ଲା ମୁଖ୍ୟ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ତି ଜିଲ୍ଲା ସଦ ସଦର ମହକୁମା ପାରଳାଖେମୁଣ୍ଡିରେ ଥିବା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ କାର୍ଯ୍ୟାଳୟରେ ନୂତନ ଭାବେ ଦୁଷ୍ମନ୍ତ କୁମାର ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଏଥିପୂର୍ବରୁ ପାନପୋଷରେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ । । ବର୍ତ୍ତମାନ ପଦନ୍ନତି ହୋଇ ସେ ଗଜପତି ପତି ଜିଲ୍ଲାର ଜିଲ୍ଲା ମୁଖ୍ୟ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ରୂପେ କାର୍ଯ୍ୟରତ ଅଛନ୍ତି । ପ୍ରକାଶ ଥାଉକି ଜିଲ୍ଲା ମୁଖ୍ୟ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସୁଶାନ୍ତ ରଞ୍ଜନ ଦାଶଙ୍କ ଅବସର ପରେ ଅକାରୀ ପଦବୀଟି ଖାଲି ପଡିଥିଲା ଓ ବର୍ତ୍ତମାନ୍ ଦୁଷ୍ମନ୍ତ କୁମାର ବେହେରା ପାନପୋଷରୁ ପଦନ୍ନତି ହୋଇ ଗଜପତି ଜିଲ୍ଲାରେ ରେ ଜିଲ୍ଲା ମୁଖ୍ୟ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି । ଜିଲ୍ଲାରେ ବିଭାଗ ପକ୍ଷରୁ ହେଉଥିବା ସରକାରୀ ଯୋଜନା କିପରି ତୃଣମୂଳ ସ୍ତରରେ ଚାଷୀଙ୍କ ନିକଟରେ ପହଞ୍ଚି ତା ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି ।

# ବଲାଙ୍ଗିର ପୌରପରିଷଦରେ 'ମୁକ୍ତା' ଖୋଜୁଛି ମୁକ୍ତିର ବାଟ, ଭିଜିଲାନ୍ସ ତଦନ୍ତ ଦାବି

ବଲାଙ୍ଗିର,(ନିପ୍ର): ଗତ ସରକାରଙ୍କ ସମୟରେ ରାଜ୍ୟ ଓ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବର୍ଷା ଜଳ ଓ ଭୂତଳ ଜଳ ସଂରକ୍ଷଣ ପାଇଁ ଏବଂ ସହରର ଶ୍ରମିକମାନଙ୍କୁ ରୋଜଗାର ଦେବା ପାଇଁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା (ମୁକ୍ତା) କାର୍ଯ୍ୟକାରୀ କରାଯାଇଥିଲା । କିନ୍ତୁ ବଲାଙ୍ଗିର ପୌରାଚଂଳରେ ଉକ୍ତ ଯୋଜନାଟି ବାଟବଣା ହେବା ସହ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ବର୍ଷା ଜଳ ସଂରକ୍ଷଣ ନାଁରେ କରାଯାଇଥିବା କାର୍ଯ୍ୟଗୁଡିକ କେଉଁଠି ପୋତି ହୋଇଯାଇଥିବା ବେଳେ କେଉଁଠି ମଇଳା ଗଦାରେ ପରିଣତ ହୋଇଗଲାଣି ।

ରାଜ୍ୟ ସରକାର ମୁକ୍ତା ଯୋଜନା ମାଧ୍ୟମରେ ରାଜ୍ୟର ଅନ୍ୟାନ୍ୟ ଅଂଚଳ ଭଳି ବଲାଙ୍ଗିର ପୌରାଚଂଳରେ ଏହାକୁ କାର୍ଯ୍ୟକାରୀ କଲେ । ମିଶନ ଶକ୍ତି ମାଧ୍ୟମରେ ଏଥିରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠିର ମହିଳାଙ୍କୁ ସାମିଲ କଲେ । ୨୧ଟି ୱାର୍ଡ ବିଶିଷ୍ଟ ବଲାଙ୍ଗିର ପୌରାଚଂଳର ବିଭିନ୍ନ ୱାର୍ଡରେ ଜଳ ଅମଳ ପ୍ରକଳ୍ପ ନିର୍ମାଣ କରାଗଲା ତାହା ପୁଣି ନିମ୍ନମାନର । ବର୍ଷା ଜଳ ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ଭାବେ ଲାଗୁ ହୋଇଥିବା ଯୋଜନାରେ ସହର ଭିତରେ ଖାଲି ସ୍ଥାନ ଦେଖି ପ୍ରକଳ୍ପ ନିର୍ମାଣ କରାଗଲା । ଭୂତଳ ଜଳ ପାଇଁ ନିଆରା ଭାବେ ଏହି ଅଭିଯାନ ଆରମ୍ଭ କରାଯାଇଥିବା ବେଳେ ସ୍କୁଲ,



କଲେଜ, କଲୋନୀ, ଖାଲି ସ୍ଥାନ ଗୁଡିକକୁ ପ୍ରକଳ୍ପ ସ୍ଥାନ ଭାବେ ନିଆଗଲା । ଭବିଷ୍ୟତରେ ଜଳସଂକଟ ଦୂର କରିବା ଯୋଜନାର ଲକ୍ଷ୍ୟରେ ଏଥିପାଇଁ ରାଜ୍ୟ ରାଜକୋଷରୁ ପ୍ରତି ପ୍ରକଳ୍ପ ପିଛା ୩୦ହାଜର ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଗଲା । ଏପରିକି ସହରାଚଂଳରେ ଶହଶହ ସଂଖ୍ୟାରେ ଏହି ପ୍ରକଳ୍ପ ଗୁଡିକ ତିଆରି କରାଯାଇଥିବା ବେଳେ ଲୋକଙ୍କୁ କର୍ମ ନିଯୁକ୍ତି ଯୋଗାଇ ଦିଆଯାଇଥିଲା ବୋଲି ସରକାରୀସ୍ତରରେ ଡିଣ୍ଡିମ ପିଟାଗଲା । କିଛି ଅଧିକାରୀ ଏବଂ ସ୍ଥାନୀୟ ରାଜନେତାଙ୍କ ସଲାସୁତୁରାରେ ବନ୍ଧ ହିଡ, ବନ୍ଧର ତଳି ଅଚଂଳ, ସରକାରୀ କାର୍ଯ୍ୟାଳୟ ପରିସର, ଖାଲି ସ୍ଥାନ ସମେତ ବେସରକାରୀ ଯାଗାରେ ମଧ୍ୟ ଏହି ପ୍ରକଳ୍ପ ଗୁଡିକ ତିଆରି କରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଗଲା ।

ଏପରିକି ବଲାଙ୍ଗିର ପୌରାଚଂଳରେ ଏହି ଯୋଜନା କାର୍ଯ୍ୟକାରୀ ହେବାର ମାତ୍ର ୨ବର୍ଷ ମଧ୍ୟରେ ମରିମରି ଯାଉଥିବା ପରିଲକ୍ଷିତ ହୋଇଛି । ଯେଉଁଠି ମୁକ୍ତା ଯୋଜନାରେ ପ୍ରକଳ୍ପ ନିର୍ମାଣ କରାଯାଇଛି ସେଠାରେ ଆଉ ପ୍ରକଳ୍ପ ନିଜ ଅସ୍ତିତ୍ୱ ରଖିବାରେ ସଫଳ ହୋଇନି । ଅଧିକାଂଶ ପୋତି ହୋଇଯାଇଥିବା ବେଳେ କିଛି ସ୍ଥାନରେ ଏହାକୁ ଜାଣିଶୁଣି ପୋତି ଦିଆଯାଇଛି । କିଛି ସ୍ଥାନରେ ତ ଏହାର ଚିହ୍ନବର୍ଣ୍ଣ ନାହିଁ । ତାର ଜ୍ୱଳନ୍ତ ଉଦାହରଣ ମହାରାଣୀ ସାଗର ତଳେ ତିଆରି ହୋଇଥିବା ଭୂତଳ ଜଳ ସଂରକ୍ଷଣ ପ୍ରକଳ୍ପ ଗୁଡିକ । ଏହି ପ୍ରକଳ୍ପଗୁଡିକର ସମସ୍ତ ସୂଚନା ଫଳକରେ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ ପ୍ରକଳ୍ପ, ନାମ-ବର୍ଷା ଜଳ ଅମଳ ପ୍ରକଳ୍ପ ୨୦୨୨-୨୦୨୩, କାର୍ଯ୍ୟକାରୀ ସଂସ୍ଥାର ନାମ ଏସ.ଡି.ଏ ଫଲାସାପତ୍ରି ସ୍ଥାନ-ୱାଡ ନ.୧୯, ପୌରାଂଚଳ ନାମ- ବଲାଙ୍ଗିର, ପ୍ରକଳ୍ପ ଆରମ୍ଭ- ୦୧.୦୭.୨୦୨୨ ସେଶ ତା- ୦୪.୦୭.୨୦୨୨ କୋଡ ନଂ- ଆରଡବ୍ଲୁଏଚ୨-ବିଏଲ-ବିଏନ-୧୯-୨୫ ଅଟକଳ ମୂଲ୍ୟ ୩୦୦୦୦ ହଜାର, ପରିଚାଳନା ଯନ୍ତ୍ରୀଙ୍କ ନାମ ରୋଜାଲୀସା ରାଉତ ମୋଟ ମଜୁରୀ ଦେୟ ପ୍ରଦାନ ୬,୯୪୦, ପିଚ ସଂଖ୍ୟା-୧, ମୋଟ ମଜୁରୀ ଦିବସ ସୃଷ୍ଟି-୨୦ ଓଡିଶା ସରକାର ଲେଖା ହୋଇଛି । ଫଳକରେ ପ୍ରକଳ୍ପ ଆରମ୍ଭ ୦୧.୦୭.୨୦୨୨ ଶେଷ ତା- ୦୪.୦୭.୨୦୨୨ ଲେଖା ହୋଇଛି । ତା ଅର୍ଥ କାମ ୩ଦିନ ଭିତରେ ସମାପ୍ତ ହୋଇଛି । କିନ୍ତୁ ମୋଟ କାର୍ଯ୍ୟ ଦିବସ ସୃଷ୍ଟି ୨୦ ଦିନ ଲେଖା ହୋଇଛି । ଏଥିରୁ ଜଣାପଡୁଛି କି ପ୍ରକାର ଦୁର୍ନୀତି ଏଠାରେ ହୋଇଛି । ଯେଉଁ ଉଦ୍ଦେଶ୍ୟ ନେଇ ପ୍ରକଳ୍ପ କରାଯାଇଥିଲା ତାହା ପ୍ରକୃତରେ କାମରେ ଆସିଲା ନାହିଁ ।

ଏସଏଚଜି ମାନଙ୍କୁ କିଛି ଟଙ୍କା ଦେଇ କେବଳ ଠିକାଦାର ପୋସା ଏବଂ ପିସି କାରବାର ପାଇଁ ଯୋଜନା କରାଯାଇଥିଲା ବୋଲି ସଚେତନ ମହଲରେ ଆଲୋଚନା ହେଉଛି । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ତିଆରି କରାଯାଇଥିବା ପ୍ରକଳ୍ପ ଯେଉଁ ଅଂଚଳରେ ତିଆରି କରାଗଲା ସେହି ଅଂଚଳରେ ଟଙ୍କାଟାଏ ବି ଲାଭ ମିଳିଳା ନାହିଁ । ଏପରିକି ପ୍ରକଳ୍ପ ଗୁଡିକ ନିମ୍ନମାନର ହୋଇଥିବାରୁ କେଉଁଠି ଭାଙ୍ଗି ଗଲାଣି ତ କେଉଁଠି ପୋତି ହୋଇଗଲାଣି । ବଲାଙ୍ଗିର ସହରର ମୁକ୍ତା ମୁକ୍ତିର ବାଟ ଖୋଜୁଥିବା ଚର୍ଚ୍ଚା ହେଉଛି । କାର୍ଯ୍ୟକାରୀ ଦାୟିତ୍ୱରେ ଥିବା ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଦିଶୁଥିବା ବେଳେ ଏହାର ଭିଜିଲାନ୍ସ ତଦନ୍ତ ହେଲେ ଅନେକ ଗୁମର ଫିଟିବ ବୋଲି ସାଧାରଣରେ ଦାବି ହେଉଛି ।

## ବାଚସ୍ପତି ବିର୍ଲାଙ୍କୁ ଚିଠି ଲେଖିଲେ ରାହୁଲ

# ଗୃହରେ ଜାଣିଶୁଣି କହିବାକୁ ଦିଆଯାଇନି, ଗଣତନ୍ତ୍ରରେ ଦାଗ




ନୂଆଦିଲ୍ଲୀ,୩।୨: ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଆଜି ଗୃହରେ କହିବାକୁ ଅନୁମତି ନ ମିଳିବାରୁ ସେ ଏହାର ତୀବ୍ର ବିରୋଧ କରିଛନ୍ତି ଏବଂ ଏନେଇ ବାଚସ୍ପତି ଓମ୍ ବିର୍ଲାଙ୍କ ନିକଟକୁ ଏକ ଚିଠି ଲେଖିଛନ୍ତି। ରାହୁଲ ଗାନ୍ଧୀ ଗୃହରେ ପୂର୍ବତନ ସେନାମୁଖ୍ୟ ଜେନେରାଲ ଏମ୍ଏମ୍ ନରବଣେଙ୍କର ଏକ ଅପ୍ରକାଶିତ ଆତ୍ମଜୀବନୀକୁ ଉଦ୍ଧୃତ କରି ଲଗାତାର ଦ୍ୱିତୀୟ ଦିନରେ ଗୃହରେ ଭାଷଣ ଦେବାକୁ ଉଦ୍ୟମ କରିଥିବାବେଳେ ତାଙ୍କୁ ବିରୋଧ କରାଯାଇଥିଲା। ତେବେ ରାହୁଲ କହିଛନ୍ତି, ତାଙ୍କୁ ଗୃହରେ କହିବାର ଅନୁମତି ନ ମିଳିବା କେବଳ ପରମ୍ପରାର ଉଲ୍ଲଂଘନ କରୁନାହିଁ ବରଂ ଜାଣିଶୁଣି ତାଙ୍କୁ ଗୃହରେ ଉଦ୍‌ବୋଧନ ଦେବା ପାଇଁ ଅଟକାଯାଇଛି। ସେ କହିଛନ୍ତି, ବିରୋଧୀ ଦଳ ନେତା ଓ ପ୍ରତ୍ୟେକ ସଦସ୍ୟଙ୍କ କଥା କହିବାର ଅଧିକାର ଗଣତନ୍ତ୍ରରେ ଏକ ଅବିଚ୍ଛେଦ୍ୟ ଅଂଶ। ଏହି ମୌଳିକ ଗଣତାନ୍ତ୍ରିକ ଅଧିକାରକୁ ନା' କରିବା ଦ୍ୱାରା ଅପ୍ରତ୍ୟାଶିତ ସ୍ଥିତି ସୃଷ୍ଟି ହେଉଛି। ଏହା ଆମ ଗଣତନ୍ତ୍ର ଉପରେ ଏକ ଦାଗ ଏବଂ ଏହାକୁ ମୁଁ ଦୃଢ଼ ଭାବେ ବିରୋଧ କରୁଛି ବୋଲି ରାହୁଲ ଗାନ୍ଧୀ କହିଛନ୍ତି। ପୁସ୍ତକରେ ଯାହା ଲେଖା ଅଛି ସରକାର ତାକୁ ଭୟ କରୁଛନ୍ତି ବୋଲି ରାହୁଲ ଦାବି କରିଛନ୍ତି। ଚିଠିରେ କଂଗ୍ରେସ ନେତା କହିଛନ୍ତି ଯେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ପ୍ରସ୍ତାବ ଉପରେ ଆଲୋଚନା ସମୟରେ ତାଙ୍କୁ କହିବାକୁ ଅନୁମତି ଦିଆଯାଇ ନାହିଁ। ଗାନ୍ଧୀ କହିଛନ୍ତି, ଲୋକସଭାରେ ମୋତେ କହିବାରୁ ବାରଣ କରିବା କେବଳ ପରମ୍ପରାର ଉଲ୍ଲଂଘନ ନୁହେଁ ବରଂ ବିରୋଧୀ ଦଳ ନେତା ଭାବରେ ମୋତେ ଜାତୀୟ ସୁରକ୍ଷା ପ୍ରସଙ୍ଗରେ କହିବାରୁ ବାରଣ କରିବା ପାଇଁ ଜାଣିଶୁଣି ଏକ ପ୍ରୟାସ କରାଯାଇଛି। ଅନ୍ୟପକ୍ଷେ ଆଜି ରାହୁଲଙ୍କୁ ଗୃହରେ କିଛି କହିବା ପାଇଁ ଅନୁମତି ନ ମିଳିବା ଘଟଣାକୁ କଂଗ୍ରେସ ସାଂସଦମାନେ ବିରୋଧ କରି ଗୃହରେ ହୋହଲ୍ଲା କରିବାରୁ ୮ ଜଣ କଂଗ୍ରେସ ସାଂସଦ ଆଜି ଗୃହରୁ ନିଲମ୍ବିତ ହୋଇଛନ୍ତି।

## ଏନଡିଏ ସଂସଦୀୟ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

# ଭାରତ ସପକ୍ଷରେ ବିଶ୍ୱ ବ୍ୟବସ୍ଥା



ନୂଆଦିଲ୍ଲୀ,୩/୨; ''ମୁଁ କହିଥିଲି ଯେ ବିଶ୍ୱ ବ୍ୟବସ୍ଥା ବଦଳିବ, ଏବେ ଏହା ଭାରତର ସପକ୍ଷରେ ।'' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନଡିଏ ସାଂସଦ ମାନଙ୍କ ବୈଠକରେ ଏହା କହିବା ମାତ୍ରେ ସମଗ୍ର ହଲ୍ 'ଭାରତ ମାତା କି ଜୟ ପ୍ରଧାନମନ୍ତ୍ରୀ' ଏବଂ 'ବନ୍ଦେ ମାତରମ୍' ଧ୍ୱନିରେ ପ୍ରକମ୍ପିତ ହୋଇଗଲା । ଭାରତ-ଆମେରିକା ଶୁଳ୍କ ଚୁକ୍ତି ପରେ ଅନୁଷ୍ଠିତ ଏହି ଏନଡିଏ ସଂସଦୀୟ ବୈଠକରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମାଲ୍ୟାର୍ପଣ ପକାଇ ସ୍ୱାଗତ କରାଯାଇଥିଲା । ଏନଡିଏ ସାଂସଦଙ୍କ ମଧ୍ୟରେ ଉତ୍ସାହ ଖେଳାଯାଇଥିଲା । ବୈଠକକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ମୋଦି ଏନଡିଏ ସହଯୋଗୀମାନଙ୍କୁ କହିଥିଲେ ଯେ, ଏନଡିଏ ପରିବାର ନିର୍ବାଚନ ପରେ ନିର୍ବାଚନ ଜିତିବାରେ ଲାଗିଛି । ନିର୍ବାଚନ ଏତେ ସହଜରେ ଜିତି ହୁଏ ନାହିଁ । ନିର୍ବାଚନ ଜିତିବା ପାଇଁ ମାଟିରେ କାମ କରିବା ଏବଂ ଦୃଢ଼ ନୀତି ସହିତ ଆଗକୁ ବଢ଼ିବା ଆବଶ୍ୟକ । 'ଭାରତ ସପକ୍ଷରେ ବିଶ୍ୱ ବ୍ୟବସ୍ଥା '- ଏନଡିଏ ବୈଠକରେ ପ୍ରଧାନମନ୍ତ୍ରୀ କହିଛନ୍ତି, 'ମୁଁ କହିଥିଲି ଯେ ବିଶ୍ୱ ବ୍ୟବସ୍ଥା ପରିବର୍ତ୍ତନ ହେବ, ଏବଂ ଏବେ ତାହା ଘଟୁଛି । କୋଭିଡ୍ ପରଠାରୁ ଏହା ସ୍ପଷ୍ଟ ହୋଇଛି । ଆଜି ବିଶ୍ୱ ବ୍ୟବସ୍ଥା ଭାରତ ସପକ୍ଷରେ । ଆମେରିକା ବାଣିଜ୍ୟ ଚୁକ୍ତି ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିଥିଲା ।

## 'ଲଡକି ବେହେନ' ଯୋଜନାର ନାମ ପରିବର୍ତ୍ତନ ପାଇଁ ଏନସିପି ନେତାଙ୍କ ଦାବି

ମୁମ୍ବାଇ,୩।୨: ମହାରାଷ୍ଟ୍ରରେ ଚାଲିଥିବା 'ଲଡକି ବେହେନ' ଯୋଜନାର ନାମ ପରିବର୍ତ୍ତନ ପାଇଁ ମଙ୍ଗଳବାର ଦାବି ଉଠିଛି। ଏନସିପି ନେତା ଅମୋଲ ମିଟକାରୀ କହିଛନ୍ତି, ଅଜିତ ଦାଦା ମହିଳାମାନଙ୍କ ପ୍ରିୟ ଭାଇ ରହିଥିଲେ। ସେ ଯେତେବେଳେ ରାଜ୍ୟର ବିଭିନ୍ନ ଅଞ୍ଚଳ ଗସ୍ତ କରୁଥିଲେ ମା' ଉଭଣୀମାନେ ତାଙ୍କ ହାତରେ ରାଖୀ ବାନ୍ଧି ସ୍ୱାଗତ କରୁଥିଲେ। ଏହା ଅଜିତ ଦାଦାଙ୍କ ପ୍ରତି ମା' ଉଭଣୀଙ୍କ ଅତୁଟ ସ୍ନେହ ଏବଂ ଭଲ ପାଇବା ରହିଥିଲା। ଏନେଇ 'ଲଡକି ବେହେନ' ଯୋଜନାର ନାମ ପରିବର୍ତ୍ତନ କରି ଅଜିତ ଦାଦାଙ୍କ ନାମରେ ନାମିତ କଲେ ଏହା ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ଏନେଇ ଏନସିପି ନେତା ଅଜିତ ଦାଦା ଲଡକି ବାହିନୀ ଯୋଜନା ନାମ କରଣ କରିବାକୁ ଦେବେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ଆସିନାହିଁ।

ସୂଚନା ଯୋଗ୍ୟ, ଅଜିତ ପାୱାରଙ୍କ ଦେହାନ୍ତ ପରେ ଶୁକ୍ରବାର ତାଙ୍କ ପତ୍ନୀ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି।

## ଡେଲିଭରୀ ବୟଙ୍କୁ ଛୁରି ଭୁସି ହତ୍ୟା କଲେ ନାବାଳକ

ନୂଆଦିଲ୍ଲୀ,୩।୨: ଦିଲ୍ଲୀରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଛି। ପୂର୍ବ ଦିଲ୍ଲୀର ପାଣ୍ଡବ ନଗର ଅଞ୍ଚଳରେ ନାବାଳକମାନେ ଝଗଡ଼ା ପରେ ଜଣେ ଡେଲିଭରୀ ବୟଙ୍କୁ ଛୁରି ଭୁସି ହତ୍ୟା କରିଛନ୍ତି। ପୋଲିସ ତିନି ଜଣଙ୍କୁ ଗିରଫ କରିଛି। ଦିଲ୍ଲୀ ପୋଲିସର ସୂଚନା ଅନୁଯାୟୀ, ଫେବୃଆରୀ ୨ତାରିଖ ରାତି ୮ଟା ସମୟରେ, ପାଣ୍ଡବ ନଗରର ଆଚାର୍ଯ୍ୟ ନିକେତନରେ ଏକ ଛୁରି ମାଡ଼ ଘଟଣା ବିଷୟରେ ଏକ ଚଉଜ କଲ ଆସିଥିଲା। ଘଟଣାସ୍ଥଳରେ ପହଞ୍ଚି ଡେଲିଭରୀ ଏକଜିକ୍ୟୁଟିଭ ଅରୁଣ ରାଜ ଆହତ ଅବସ୍ଥାରେ ପାଇଥିଲେ। ଅରୁଣଙ୍କ ବୟସ ୨୨ ବର୍ଷ। ଅରୁଣଙ୍କୁ ଆହତ ଅବସ୍ଥାରେ ହସ୍ପିଟାଲକୁ ନିଆଯାଇଥିଲା। ଅରୁଣଙ୍କ ବେକ ଏବଂ ଛାତିରେ ଅନେକ ଛୁରି କ୍ଷତ ଚିହ୍ନ ମିଳିଥିଲା। ଡାକ୍ତରମାନେ ହସ୍ପିଟାଲରେ ଅରୁଣଙ୍କୁ ମୃତ ଘୋଷଣା କରିଥିଲେ। ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ ତିନି ଜଣ ନାବାଳକ ଏକ ମୋଟରସାଇକେଲରେ ଆସିଥିଲେ। କିଛି ସମୟ ଝଗଡ଼ା ପରେ ସେମାନେ ଅରୁଣଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ପୋଲିସ ଘଟଣାସ୍ଥଳ ଯାଞ୍ଚ କରିଛି। ପୋଲିସ କହିଛି ଯେ ଘଟଣାସ୍ଥଳ ଏବଂ ଆଖପାଖ ରାସ୍ତାର ସିସିଟିଭି ଫୁଟେଜ ଯାଞ୍ଚ କରାଯାଇଛି। ଆକ୍ରମଣରେ ସମ୍ପୃକ୍ତ ସମସ୍ତ ତିନି ଜଣ ନାବାଳକଙ୍କୁ ଗିରଫ କରାଯାଇଛି। ଅଧିକ ତଦନ୍ତ ଜାରି ରହିଛି।

## ଦିଲ୍ଲୀରେ ହୋଲି ଏବଂ ଦୀପାବଳି ପାଇଁ ମାଗଣା ଗ୍ୟାସ ସିଲିଣ୍ଡର ଘୋଷଣା

ନୂଆଦିଲ୍ଲୀ,୩।୨: ଦିଲ୍ଲୀମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ବଡ଼ ଘୋଷଣା କରିଛନ୍ତି। ଚଳିତ ବର୍ଷ ହୋଲି ଏବଂ ଦୀପାବଳିରେ ବିଜେପି ସରକାର ଗରିବ ଲୋକଙ୍କୁ ମାଗଣା ଗ୍ୟାସ ସିଲିଣ୍ଡର ଯୋଗାଇବ। ଏନେଇ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଦିଲ୍ଲୀରେ ରେଖା ଗୁପ୍ତା ସରକାରଙ୍କ ଗୋଟିଏ ବର୍ଷ ପୂରଣ ହେବା ପରେ, ଦିଲ୍ଲୀ ସରକାର ଗରିବ ଲୋକଙ୍କୁ ଏକ ଉପହାର ଦେବାକୁ ଯାଉଛି। ବିଜେପି ତାର ନିର୍ବାଚନୀ ଇସ୍ତାହାରରେ ଘୋଷଣା କରିଥିଲା ଯେ ଯଦି ଦିଲ୍ଲୀରେ ତାଙ୍କର ସରକାର ଗଠନ ହୁଏ, ତେବେ ଗରିବମାନଙ୍କୁ ହୋଲି ଏବଂ ଦୀପାବଳିରେ ମାଗଣା ଗ୍ୟାସ ସିଲିଣ୍ଡର ଦିଆଯିବ।କ୍ୟାବିନେଟରେ ୨୪୨ କୋଟି ଟଙ୍କା ପାରିତ ହୋଇଛି।ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି, "ଦିଲ୍ଲୀର ପରିବାରକୁ ଅଭିନନ୍ଦନ। ଆମେ ଆଜି ଏକ ପ୍ରତିଶ୍ରୁତି ପୂରଣ କରୁଛୁ। ହୋଲି ଏବଂ ଦୀପାବଳି ସମୟରେ ମାଗଣା ସିଲିଣ୍ଡର ଦିଆଯିବ। ଏଥିପାଇଁ କ୍ୟାବିନେଟରେ ୨୪୨ କୋଟି ଟଙ୍କାର ପାଣ୍ଠିକୁ ଅନୁମୋଦନ କରାଯାଇଛି।"ଯୋଗ୍ୟ ଲୋକଙ୍କୁ ୮୫୩ ଟଙ୍କା ଦିଆଯିବ।

# ସେନସେକ୍ସ ୨୪୦୦ ପଏଣ୍ଟ ଟପିଛି, ବୃଦ୍ଧି ପାଇଛି ନିଫ୍ଟି



ନୂଆଦିଲ୍ଲୀ,୩।୨: ଆମେରିକା ବାଣିଜ୍ୟ ଚୁକ୍ତିର ପ୍ରଭାବ ଭାରତୀୟ ଷ୍ଟକ ବଜାରରେ ଅନୁଭୂତ ହେଉଛି। ମଙ୍ଗଳବାର ପ୍ରାରମ୍ଭିକ କାରବାରରେ ଭାରତୀୟ ଷ୍ଟକ ବଜାରରେ ଏକ ବଡ଼ ବୃଦ୍ଧି ଦେଖିବାକୁ ମିଳିଛି। ପ୍ରାରମ୍ଭିକ ସେସନରେ ସେନସେକ୍ସ ୩,୩୦୦ ପଏଣ୍ଟରୁ ଅଧିକ ବୃଦ୍ଧି ପାଇଥିଲା, ଯେତେବେଳେ ନିଫ୍ଟି ୧,୨୦୦ ପଏଣ୍ଟରୁ ଅଧିକ ବୃଦ୍ଧି ପାଇଥିଲା। ଏହା ଉଲ୍ଲେଖନୀୟ ଯେ ଭାରତୀୟ ନିବେଶକମାନେ ଫେବୃଆରୀ ୧ରେ ଉପସ୍ଥାପିତ ବଜେଟ ପାଇଁ ଉଚ୍ଚ ଆଶା ରଖିଥିଲେ, କିନ୍ତୁ ଅର୍ଥମନ୍ତ୍ରୀଙ୍କ ବଜେଟ ଭାଷଣ ପରେ ଭାରତୀୟ ଷ୍ଟକ ବଜାରରେ ତୀବ୍ର ହ୍ରାସ ଦେଖାଦେଇଥିଲା। ତଥାପି, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଏହି ଅଭାବକୁ ପୂରଣ କରିଛି। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଏବଂ ଗୁରୁତ୍ୱପୂର୍ଣ୍ଣ ଟିକସ ହ୍ରାସ ପରେ, ମଙ୍ଗଳବାର ଷ୍ଟକ ବଜାର ଏକ ବଡ଼ ବୃଦ୍ଧି ସହିତ ଖୋଲିଥିଲା। ସେନସେକ୍ସ ୨,୪୦୦ ପଏଣ୍ଟରୁ ଅଧିକ ବୃଦ୍ଧି ପାଇଥିଲା, ଯେତେବେଳେ ନିଫ୍ଟି ୭୦୦ ପଏଣ୍ଟରୁ ଅଧିକ ବୃଦ୍ଧି ପାଇଥିଲା। ପରବର୍ତ୍ତୀ ସମୟରେ, ସେନସେକ୍ସ ୮୪,୦୦୦ ପଏଣ୍ଟରୁ ଅଧିକ କାରବାର କରିଥିଲା, ଯାହା ୨୫,୮୦୦ ପଏଣ୍ଟ ଅତିକ୍ରମ କରିଥିଲା। ଏହା ଉଲ୍ଲେଖନୀୟ ଯେ ସୋମବାର ଭାରତ ଏବଂ ଆମେରିକା ମଧ୍ୟରେ ଟ୍ରେଡ ଡିଲ ହୋଇଥିଲା। ଆମେରିକା ଭାରତ ଉପରେ ଲାଗୁ ହୋଇଥିବା ୫୦% ଶୁଳ୍କକୁ ୧୮% କୁ ହ୍ରାସ କରିଥିଲା। ଏହାର ପ୍ରଭାବ ପ୍ରାକ-ଉପନିଂ ଅଧିବେଶନରେ ମଧ୍ୟ ଦେଖାଯାଇଥିଲା। ପ୍ରାକ-ଉପନିଂ ଅଧିବେଶନରେ ସେନସେକ୍ସ ଏବଂ ନିଫ୍ଟିରେ ଏକ ବଡ଼ ବୃଦ୍ଧି ଦେଖାଯାଇଥିଲା। ସେନସେକ୍ସ ୩,୩୦୦ ପଏଣ୍ଟ ଏବଂ ନିଫ୍ଟି ୧,୨୦୦ ପଏଣ୍ଟ ବୃଦ୍ଧି ପାଇଥିଲା, ଯାହା ଆଜି ଭାରତୀୟ ଷ୍ଟକ ବଜାରରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧିକୁ ସୂଚିତ କରୁଛି। ଆମେରିକା ବାଣିଜ୍ୟ ଚୁକ୍ତିରେ ୩୨% ଶୁଳ୍କ ହ୍ରାସ ପରେ, ରିଲାଏନ୍ସ ଏବଂ ଆଦାନୀ ଶେୟାର ସର୍ବାଧିକ ବୃଦ୍ଧି ପାଇଥିଲା। ଅନ୍ୟ ଅନେକ ପ୍ରମୁଖ କମ୍ପାନୀର ଶେୟାର ମଧ୍ୟ ବୃଦ୍ଧି ପାଇଥିଲା। ଆଦାନୀ ପୋର୍ଟର ଶେୟାର ୭% ରୁ ଅଧିକ ବୃଦ୍ଧି ପାଇଥିଲା, ଯେତେବେଳେ ରିଲାଏନ୍ସର ଶେୟାର ପ୍ରାୟ ୪% ବୃଦ୍ଧି ପାଇଥିଲା।

## ନିର୍ବାଚନ ବର୍ଜନ କରିବାକୁ ଦେଶବାସୀଙ୍କୁ ହସିନାଙ୍କ ପୁଅଙ୍କ ଅପିଲ୍

ନୂଆଦିଲ୍ଲୀ,୩।୨: ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ପୁଅ ସଜୀବ ୱାଜେଦ୍ ଜୟ ନିର୍ବାଚନ ବର୍ଜନ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ସଜୀବ କହିଛନ୍ତି ଯେ, ବାଂଲାଦେଶରେ ଫେବ୍ରୁଆରି ୧୨ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ପକ୍ଷପାତିତା ଓ ଜାଲିଆତି ହେବା ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି । ସେ ଲୋକମାନଙ୍କୁ ନିର୍ବାଚନରୁ ଦୂରେଇ ରହିବାକୁ ଓ ଭୋଟ ଦେଇ ଏକ ମିଥ୍ୟା ନିର୍ବାଚନକୁ ଆଇନଗତ ନକରିବାକୁ ଅନୁରୋଧ କରିଛନ୍ତି। ଶେଖ୍ ହସିନାଙ୍କ ଆୱାମୀ ଲିଗକୁ ବାଂଲାଦେଶରେ ହେବାକୁ ଥିବା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଅନୁମତି ଦିଆଯାଇ ନାହିଁ । ଏହି ନିଷ୍ପତ୍ତି ଆଗାମୀ ଲିଗ୍ ନେତାଙ୍କ ଅସନ୍ତୋଷକୁ ବଢ଼ାଇ ଦେଇଛି । ଏକ କାର୍ଯ୍ୟକ୍ରମରେ ଭିଡିଓ କଲ୍ ମାଧ୍ୟମରେ ଭାଷଣ ଦେଇ ସଜୀବ କହିଛନ୍ତି, ଆତଙ୍କବାଦୀମାନେ ପ୍ରକୃତରେ ବାଂଲାଦେଶକୁ ଶାସନ କରୁଛନ୍ତି । ମହମ୍ମଦ ୟୁନୁସ୍ ଇସଲାମିକ୍ ଉଗ୍ରବାଦୀଙ୍କ ପାଇଁ ଏକ ମୋର୍ଚ୍ଚା କରିଛନ୍ତି । ଦେଶରେ ଲୋକଙ୍କୁ ହତ୍ୟା କରାଯାଉଛି । ଆୱାମୀ ଲିଗ୍ କର୍ମୀ ଓ ନେତାଙ୍କ ବିରୋଧରେ ଅତ୍ୟାଚାର ସମସ୍ତ ସୀମା ଅତିକ୍ରମ କରୁଛି । ଆଗାମୀ ନିର୍ବାଚନ ବାଂଲାଦେଶର ସବୁଠାରୁ ଜାଲିଆତି ହୋଇଥିବା ନିର୍ବାଚନ ହେବାକୁ ଯାଉଛି । ଆମେରିକାର ଦୀର୍ଘଦିନ ଧରି ବାସ କରୁଥିବା ସଜୀବ କହିଛନ୍ତି ଯେ, ବାଂଲାଦେଶରେ କେବଳ ଆୱାମୀ ଲିଗକୁ ନିର୍ବାଚନ ଲଢ଼ିବା ପାଇଁ ବାରଣ କରାଯାଇଛି । ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀକାଳୀନ ସରକାର ସମସ୍ତ ପ୍ରଗତିଶୀଳ ଦଳକୁ ନିଷିଦ୍ଧ କରିଛନ୍ତି। ଏହା ସ୍ପଷ୍ଟ ଯେ, ନିର୍ବାଚନ କେବଳ ଏକ ପ୍ରହସନ ହେବାକୁ ଯାଉଛି । ନିର୍ବାଚନ ବର୍ଜନ କରି ସଜୀବ କହିଛନ୍ତି, ବାଂଲାଦେଶର ଲୋକଙ୍କ ପାଇଁ ନିଜ ଦେଶକୁ ବଞ୍ଚାଇବା ପାଇଁ ଏହା ଶେଷ ସୁଯୋଗ । ଏହି ନିର୍ବାଚନରେ ବିଏନପି ପ୍ରାୟ ୧୫୦ ଓ ଜମାତ ୧୩୦ ଆସନ ଜିତିବା ନିଶ୍ଚିତ ହୋଇସାରିଛି ।

## ଅଷ୍ଟ୍ରେଲିଆରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଚୋରି ଘଟଣାକୁ କଡ଼ା ନିନ୍ଦା କଲା ଭାରତ




ନୂଆଦିଲ୍ଲୀ,୩।୨: ଅଷ୍ଟ୍ରେଲିଆର ମେଲବର୍ଣ୍ଣରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଏକ କାଂସ୍ୟ ପ୍ରତିମୂର୍ତ୍ତି ଚୋରି ହେବା ଘଟଣାକୁ ଭାରତ କଡ଼ା ନିନ୍ଦା କରିଛି। ବିଦେଶ ବ୍ୟାପାର ମନ୍ତ୍ରାଳୟ କହିଛି ଯେ, ଭାରତ ଉକ୍ତ ପ୍ରସଙ୍ଗକୁ ଅଷ୍ଟ୍ରେଲୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ଼ଭାବେ ଉଠାଇଛି ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛି। ଅଷ୍ଟ୍ରେଲିଆ ପୁଲିସ ଉକ୍ତ ଘଟଣାରେ ତଦନ୍ତ ଆରମ୍ଭ କରିଛି। ବିଦେଶ ବ୍ୟାପାର ମୁଖପାତ୍ର ରଣଧୀର ଜୈସ୍ୱାଲ କହିଛନ୍ତି, ଅଷ୍ଟ୍ରେଲିଆରେ ୩ ଜଣ ଦୁର୍ବୃତ୍ତଙ୍କ ଦ୍ୱାରା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଭଙ୍ଗାରୁଜା ଘଟଣାକୁ ଭାରତ କଡ଼ା ନିନ୍ଦା କରୁଛି ଏବଂ ଉକ୍ତ ଘଟଣାରେ ତଦନ୍ତ ଦାବି କରୁଛି। ଏହି ଘଟଣା ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାରତ ଦାବି କରିଛି। ଅଷ୍ଟ୍ରେଲିଆ ଟୁଡେ ଅନୁଯାୟୀ, ଉକ୍ତ ପ୍ରତିମୂର୍ତ୍ତିଟିକୁ ଆଇସିସିଆର (ଇଣ୍ଡିଆନ କାଉନସିଲ ଫର୍ କଲଜରାଲ୍ ରିଲେସନ୍ସ) ଦ୍ୱାରା ଉପହାର ଭାବେ ଦିଆଯାଇଥିଲା ଏବଂ ଅଷ୍ଟ୍ରେଲିଆର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍କଟ୍ ମରିସନ୍ ଏହାକୁ ୨୦୨୧ ନଭେମ୍ବର ୧୨ ତାରିଖରେ ଉନ୍ମୋଚନ କରିଥିଲେ। ରୋଭିଲେସ୍ଥିତ ଅଷ୍ଟ୍ରେଲିଆନ୍ ଇଣ୍ଡିଆନ କମ୍ୟୁନିଟି ସେଣ୍ଟରରେ ଏହି ଗାନ୍ଧୀ ପ୍ରତିମୂର୍ତ୍ତି ଥିଲା।

## ଆଇ- ପ୍ୟାକ ଚଢାଉ ମାମଲାରେ ସୁପ୍ରିମକୋର୍ଟଙ୍କ ଶୁଣାଣି ସ୍ଥଗିତ




ନୂଆଦିଲ୍ଲୀ,୩।୨: ସୁପ୍ରିମକୋର୍ଟ ରାଜନୈତିକ ପରାମର୍ଶଦାତା ସଂସ୍ଥା ଆଇ- ପ୍ୟାକ ଉପରେ ଚଢାଉ ମାମଲାର ଶୁଣାଣି ଫେବୃଆରୀ ୧୦ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ସୁପ୍ରିମକୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଦାୟର ଏକ ଆବେଦନର ଶୁଣାଣି କରୁଛନ୍ତି ଯେଉଁଥିରେ ଅଭିଯୋଗ କରାଯାଇଛି ଯେ କୋଇଲା ଚୋରି ଦୁର୍ନୀତିରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ପଶ୍ଚିମବଙ୍ଗ ସରକାର ଆଇ- ପ୍ୟାକ ର କାର୍ଯ୍ୟାଳୟ ଏବଂ ଏହାର ନିର୍ଦ୍ଦେଶକ ପ୍ରତୀକ ଜୈନଙ୍କ ପରିସରରେ ତଲାସ ଅଭିଯାନରେ ବାଧା ସୃଷ୍ଟି କରିଥିଲେ।ରିପୋର୍ଟ ଅନୁଯାୟୀ, ଇଡି ପକ୍ଷରୁ ହାଜର ହୋଇ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ ରାଜ୍ୟ ସରକାର ଏହି ମାମଲାରେ ସତ୍ୟପାଠ ଦାଖଲ କରିଛନ୍ତି ଏବଂ ସମୟ ମାଗିଛନ୍ତି। ବିଚାରପତି ପ୍ରଶାନ୍ତ କୁମାର ମିଶ୍ର ଏବଂ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଏହି ମାମଲାକୁ ସ୍ଥଗିତ ରଖିଛନ୍ତି। ଜାନୁଆରୀ ୧୫ ତାରିଖରେ ଶେଷ ଶୁଣାଣିରେ, ସୁପ୍ରିମକୋର୍ଟ ଇଡିର ଏହି ଯୁକ୍ତି ଉପରେ ଚିନ୍ତା ପ୍ରକାଶ କରିଥିଲେ ଯେ ମୁଖ୍ୟମନ୍ତ୍ରୀ ତଦନ୍ତରେ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ। କୋର୍ଟ ଏହାକୁ ଏକ ଗମ୍ଭୀର ମାମଲା ବୋଲି କହିଥିଲେ।

## ନାସାକୁ ମଙ୍ଗଳ ଗ୍ରହରେ ମିଳିଲା ଜୀବନର ସନ୍ଧାନ ରୋଭର ଖୋଜି ବାହାର କଲା ସମୁଦ୍ର ତଟ

ନୂଆଦିଲ୍ଲୀ,୩।୨: ନାସାର ପର୍ସେଭରେନ୍ସ ରୋଭର ମଙ୍ଗଳ ଗ୍ରହରେ ଏକ ପ୍ରାଚୀନ ସମୁଦ୍ର ତଟର ମଜବୁତ ପ୍ରମାଣ ପାଇଛି। ଏହି ସନ୍ଧାନରୁ ଏହା ଜଣାପଡିଛି ଯେ, ପ୍ରାୟ ୩.୫ ବିଲିୟନ ବର୍ଷ ପୂର୍ବରୁ ଜେଜେରୋ କ୍ରେଟରରେ ଏକ ବିଶାଳ ହ୍ରଦ ଥିଲା। ଏହି ସନ୍ଧାନ ମଙ୍ଗଳର ଅତୀତରେ ଅଧିକ ଲମ୍ବା ସମୟ ପର୍ଯ୍ୟନ୍ତ ରହିବା ଯୋଗ୍ୟ ପରିବେଶର ସମ୍ଭାବନାକୁ ବଢାଉଛି। ରିସର୍ଚ୍ଚରେ ଏହା ମଧ୍ୟ ଜଣାପଡିଛି ଯେ, କେବେ ଏହି ଲାଲ୍ ଗ୍ରହର ପୃଷ୍ଠରେ ପାଣି ଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ଅଧ୍ୟୟନ ଇମ୍ପେରିୟଲ କଲେଜ ଲଣ୍ଡନର ନେତୃତ୍ୱରେ ନିଆଯାଇଥିଲା। ଏହାଛଡା ଜର୍ଣ୍ଣାଲ ଅଫ୍ ଜିଓଫିଜିକାଲ ରିସର୍ଚ୍ଚ ପ୍ଲାନେଟରେ ନିକଟରେ ଏହା ପ୍ରକାଶିତ ହୋଇଛି। ରିସର୍ଚ୍ଚର ପର୍ସିଭରେନ୍ସ ରୋଭର ଜରିଆରେ କଏଦ କରାଯାଇଥିବା ହାଇ-ରିଜୋଲ୍ୟୁସନ୍ ଫଟୋର ବିଶ୍ଳେଷଣ କରିଥିଲେ। ଯେଉଁଥିରେ ମାର୍ଜିନ ୟୁନିଟ୍ ନାମକ କ୍ଷେତ୍ରରେ ଲହରରେ ତିଆରି ସମୁଦ୍ର ତଟର ସଙ୍କେତ ଓ ଭୂମିଗତ ପାଣିରୁ ବଦଳୁଥିବା ଚଟାଣ ମିଳିଛି। ମାର୍ଜିନ ୟୁନିଟ୍ ଜେଜେରୋ କ୍ରେଟରର ଆଭ୍ୟନ୍ତରୀଣ କୂଳରେ ରହିଛି। ଏଥିରୁ ଓଲିଭିନ୍ ଓ କାର୍ବୋନେଟରେ ଭରପୁର ଗୋଲାକାର ବାଲିର ଦାନା ମିଳିଛି, ଯାହାକି ଲହରର କ୍ରିୟାରୁ ଘେରି ହୋଇଥିବାର ଲାଗୁଛି। ସ୍ଥାନୀୟ ଚଟାଣରେ କ୍ଷୟ ଦେଖିବାକୁ ମିଳିଛି,ଯାହାକି ଏକ ପ୍ରାଚୀନ ତଟ ରେଖା ବୋଲି ଜଣାପଡୁଛି। ଷ୍ଟଡିର ମୁଖ୍ୟ ଲେଖକ ଓ ଇମ୍ପେରିଅଲ୍ କଲେଜର ପିଏଚଡି ରିସର୍ଚ୍ଚର ଆଲେକ୍ସ ଜୋନ୍ସ କହିଛନ୍ତି, ସମୁଦ୍ର ତଟରେ ପୃଥିବୀରେ ରହିବା ଯୋଗ୍ୟଯୋଗ୍ୟ ପରିବେଶ ରହିଥାଏ।

## ବିବାଦରୁ ନିଜକୁ ଦୂରେଇ ରଖିଲା ରୁଷ

# ଭାରତ, ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଆମେ ମଧ୍ୟସ୍ଥି ନୁହଁ



ନୂଆଦିଲ୍ଲୀ,୩।୨: ଭାରତ-ପାକିସ୍ତାନ ବିବାଦରୁ ରୁଷ ନିଜକୁ ଦୂରେଇ ରଖିଛି । ଦିଲ୍ଲୀ ଓ ଇସଲାମାବାଦ ସେମାନଙ୍କର ସମସ୍ୟାଗୁଡ଼ିକୁ ପୂର୍ବ ସିମଲା ଚୁକ୍ତି ତଥା ଲାହୋର ଘୋଷଣାନାମା ଅନୁଯାୟୀ ସମାଧାନ କରିବାକୁ କହିଛି । ରୁଷ ସ୍ପଷ୍ଟ କରିଛି, ଆମେ ଭାରତ ଓ ପାକିସ୍ତାନ ଅବା ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ସମାଧାନ ପାଇଁ ମଧ୍ୟସ୍ଥତା କରୁନାହୁଁ। ରୁଷ ସରକାର କହିଛନ୍ତି, ଯଦି କୌଣସି ପକ୍ଷ ଅନୁରୋଧ କରନ୍ତି ତେବେ ଆମେ ସହାୟତା କରିବାକୁ ପ୍ରସ୍ତୁତ। ତେବେ ବର୍ତ୍ତମାନ ଏପରି କୌଣସି ପ୍ରକ୍ରିୟା ନାହିଁ । ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ଅଧିକାଂଶ ସମୟ ଉତ୍ତେଜନାପୂର୍ଣ୍ଣ ରହିଛି। ସେହିପରି ଆଫଗାନିସ୍ତାନ ସହିତ ପାକିସ୍ତାନର ସମ୍ପର୍କ ମଧ୍ୟ ବର୍ତ୍ତମାନ ତିକ୍ତ ହେବାରେ ଲାଗିଛି । ରୁଷ ବୈଦେଶିକ ମନ୍ତ୍ରୀ ସେରଗେ ଲାଭରୋଭଙ୍କୁ ପଚରାଯାଇଥିଲା ଯେ, ପାକିସ୍ତାନ, ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଉତ୍ତେଜନା ହ୍ରାସ କରିବାରେ ମଧ୍ୟସ୍ଥତାର ଭୂମିକାକୁ ରୁଷ କିପରି ଦେଖେ । ଏହାର ଉତ୍ତରରେ ରୁଷ ବୈଦେଶିକ ମନ୍ତ୍ରଣାଳୟ କହିଛି, ରୁଷ ଏହି ଦେଶଗୁଡ଼ିକ ମଧ୍ୟରେ ମଧ୍ୟସ୍ଥତା ଭାବରେ କାର୍ଯ୍ୟ କରେ ନାହିଁ । ଯଦି ଏହି ଦେଶଗୁଡ଼ିକ ଅନୁରୋଧ କରନ୍ତି, ତେବେ ଆମେ ଯେକୌଣସି ମତଭେଦ ସମାଧାନରେ ସମସ୍ତ ପ୍ରକାରର ସହାୟତା ଯୋଗାଇବାକୁ ସର୍ବଦା ପ୍ରସ୍ତୁତ ରହିଛୁ । ରୁଷର ବୈଦେଶିକ ମନ୍ତ୍ରଣାଳୟ କହିଛି, ୨୦୨୫ ମସିହାରେ ପାକିସ୍ତାନ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା । ସେଥିରେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ମଧ୍ୟରେ ଏକ ବୈଠକ ମଧ୍ୟ ସାମିଲ ଥିଲା । ଏହା ଉଭୟ ଦେଶର ସହଯୋଗ ବିସ୍ତାର କରିବାର ଇଚ୍ଛାକୁ ଦର୍ଶାଇଥିଲା । ୨୦୩୦ ପର୍ଯ୍ୟନ୍ତ ରଷ ଓ ପାକିସ୍ତାନ ବାଣିଜ୍ୟ ତଥା ଆର୍ଥିକ ସହଯୋଗର ବିକାଶ ପାଇଁ ଏକ କାର୍ଯ୍ୟକ୍ରମ ଗ୍ରହଣ କରିବେ ବୋଲି ଆଶା କରାଯାଉଛି।

## ୟୁକ୍ରେନ୍ ଉପରେ ରୁଷର ଆକ୍ରମଣ

# ୭୦ରୁ ଅଧିକ କ୍ଷେପଣାସ୍ତ୍ର, ୪୫୦ ଡ୍ରୋନ୍ ମାଡ଼



କିଭ,୩।୨: ରୁଷ୍ ଗତକାଲି ରାତି ସାରା ୟୁକ୍ରେନ୍ ରାଜଧାନୀ କିଭ ଉପରେ ଅତି ଭୟଙ୍କର ଆକ୍ରମଣ କରିଛି। ୟୁକ୍ରେନର ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ହୋଇଛି। ରୁଷ୍ ୟୁକ୍ରେନ୍ ଉପରେ ୭୦ରୁ ଅଧିକ କ୍ଷେପଣାସ୍ତ୍ର ଓ ୪୫୦ ଡ୍ରୋନ୍ ମାଡ଼ କରିଛି। ୟୁକ୍ରେନରେ ବିଯୁକ୍ତ ୨୦ ଡିଗ୍ରି ତାପମାତ୍ରା ଥିବାବେଳେ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ଦ୍ୱାରା ହଜାର ହଜାର ଲୋକ ଏବେ ଥଣ୍ଡା କବଳରୁ ନିଜକୁ ରକ୍ଷା କରିବା ପାଇଁ ହନ୍ତସନ୍ତ ହେଉଛନ୍ତି। କିଭରେ ଏବେ ୧ ହଜାରରୁ ଅଧିକ ଘର ଅନ୍ଧାର ବୋଲି ୟୁକ୍ରେନ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କି କହିଛନ୍ତି। ରୁଷ୍ ଆକ୍ରମଣ ଫଳରେ ୟୁକ୍ରେନର ଏକ ସ୍ମାରକୀ ଧ୍ୱଂସ ହୋଇଯାଇଛି। ଜେଲେନସ୍କି କହିଛନ୍ତି, ରୁଷ୍ ଜାଣିଶୁଣି ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟ୍ କରୁଛି। ଏବେ ବିଭିନ୍ନ ଅଞ୍ଚଳରେ ସ୍ୱାଭାବିକ ସ୍ଥିତି ଫେରାଇବା ପାଇଁ ଉଦ୍ୟମ ଜାରି ରହିଥିବା ସେ କହିଛନ୍ତି। ଏକ୍ସରେ ଏକ ପୋଷ୍ଟ କରି ଜେଲେନସ୍କି କହିଛନ୍ତି, ରୁଷ୍ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ସହ ୭୦ରୁ ଅଧିକ କ୍ଷେପଣାସ୍ତ୍ର ଏବଂ ୪୦୦ରୁ ଅଧିକ ଡ୍ରୋନ୍ ଦ୍ୱାରା ଆକ୍ରମଣ କରିଛି। ସମି, ଖାରକିବ ଓ ରାଜଧାନୀ କିବ୍ ସମେତ ନିପ୍ରୋ, ଓଡ଼େସାର ବିଭିନ୍ନ ଅଞ୍ଚଳକୁ ଟାର୍ଗେଟ୍ କରି ରୁଷ୍ ଆକ୍ରମଣ କରିଥିବା ସେ କହିଛନ୍ତି। ରୁଷ୍ ଆକ୍ରମଣରେ କିଭରେ ୯ ଜଣ ଆହତ ହୋଇଥିବା ଜଣାପଡ଼ିଛି। ତେବେ ଆବୁଧାବିରେ ଆମେରିକା ନେତୃତ୍ୱରେ ରୁଷ୍-ୟୁକ୍ରେନ୍ ବୈଠକର ଦିନକ ପୂର୍ବରୁ ୟୁକ୍ରେନ୍ ଉପରେ ଆଜି ରୁଷ୍ ଏଭଳି ଭୟଙ୍କର ଆକ୍ରମଣ କରିଛି।

### ମରଣାନ୍ତକ ଆକ୍ରମଣ ଅଭିଯୋଗ

# ବିଜେପି ନେତା ସହ ୩ ଗିରଫ

ଭୁବନେଶ୍ୱର(ନିପ୍ର): ପୂର୍ବ ବିବାଦକୁ କେନ୍ଦ୍ର କରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ବଡଗଡ ଥାନା ପୁଲିସ ବିଜେପି କର୍ପୋରେଟର ପ୍ରାର୍ଥୀ ସମେତ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବିଜେପି ନେତା ପ୍ରଶାନ୍ତ ନାୟକ ଓରଫ ବଂଟି, ରାକେଶ ବେହେରା ଓ ପ୍ରିୟରଂଜନ ଦାସ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ତଥ୍ୟାନୁସାରେ, ଅଭିଯୋଗକାରୀ ଦେବେନ୍ଦ୍ର କୁମାର ଭୋଳ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଚିନ୍ତାମଣିଶ୍ୱର ପ୍ଲଟ ନମ୍ବର-୨୦୯୦ ରେ ପରିବାର ସହ ରୁହନ୍ତି । ଗତ ୦୧.୦୨.୨୦୨୬ ଦିନ ପ୍ରାୟ ୧ ଟା ରୁ ୧.୪୫ ମଧ୍ୟରେ ଅଭିଯୋଗକାରୀ ସ୍କୁଟି ଯୋଗେ ତାଙ୍କ ଘରକୁ ଫେରୁଥିବା ବେଳେ, ଗୁରୁକୁଳ ସ୍କୁଲ ନିକଟରେ ତିନିଜଣ ଦୁର୍ବୃତ୍ତ ଏକ ମୋଟରସାଇକେଲ ଯୋଗେ ସମ୍ମୁଖ ପାର୍ଶ୍ୱରୁ ଆସି ଜୋରଜବରଦସ୍ତ ତାଙ୍କୁ ରାସ୍ତାରେ ଅଟକାଇଥିଲେ । ହଠାତ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି କରିବା ସହ ପିନ୍ଧିଥିବା ସୁନା ଚେନ ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗକାରୀ ଘଟଣା ସମ୍ପର୍କରେ ପ୍ରଶ୍ନ କରିବାରୁ, ସେମାନଙ୍କ ମଧ୍ୟରୁ ଜଣେ ହଠାତ ଏକ ଖଣ୍ଡା ବାହାର କରି ଆକ୍ରମଣ କରିଥିଲେ । କିନ୍ତୁ ଅଭିଯୋଗକାରୀ ନିଜକୁ ବଞ୍ଚାଇବା ଲାଗି ହାତ ଦେଖାଇ ଦେଇଥିଲେ । ଯାହାଫଳରେ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ସେ ବଡ ପାଟି କରି ସାହାଯ୍ୟ ମାଗିବାରୁ ସ୍ଥାନୀୟ କିଛି ଲୋକ ଘଟଣା ସ୍ଥଳକୁ ଦୌଡି ଆସିଥିଲେ । ଏହା ଦେଖି ଦୁର୍ବୃତ୍ତମାନେ ମୋଟରସାଇକେଲ ନେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ । ତଦନ୍ତ ସମୟରେ ଜଣା ପଡିଥିଲା ଯେ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୋଗକାରୀଙ୍କ ଉପରେ ଏହି ମରଣାନ୍ତକ ଆକ୍ରମଣ ହୋଇଥିଲା । ମାମଲାର ଅଧିକ ତଦନ୍ତ ଚାଲିଥିବା ବେଳେ, ପୁଲିସ ଏକ ନିର୍ଭରଯୋଗ୍ୟ ସୂଚନା ଆଧାରରେ ଚଢଉ କରିବା ସହ ନିମ୍ନୋକ୍ତ ତିନି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ପଚରାଉଚରା ସମୟରେ ଅଭିଯୁକ୍ତମାନେ ନିଜର ଅପରାଧ ସ୍ୱୀକାର କରିଥିଲେ ।

## ବାପାଙ୍କୁ ଆକ୍ରମଣ କରି ପୁଅ ଧରାପଡ଼ିଲା

ଭୁବନେଶ୍ୱର(ନିପ୍ର): ପାରିବାରିକ କଳହକୁ କେନ୍ଦ୍ର କରି ବାପାଙ୍କୁ ମାଡ ମାରିବା ଅଭିଯୋଗରେ ନୂଆପଲ୍ଲୀ ପୁଲିସ ପୁଅକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଶିବପ୍ରସାଦ ଓଝା । ପୁଲିସ ଏନେଇ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ବୈଷ୍ଣବ ଚରଣ ଓଝା ଆଇଆରସି ଭିଲେଜ ସ୍ଥିତ ପ୍ଲଟ ନମ୍ବର-୧୦୦୨/୨୪୩୦ ରେ ପତ୍ନୀ ଏବଂ ବଡପୁଅ ଶିବ ପ୍ରସାଦ ଓଝାଙ୍କ ସହ ରୁହନ୍ତି । ପୂର୍ବରୁ ପରିବାର ମଧ୍ୟରେ ବିବାଦ ଲାଗିରହିଥିଲା । ଗତକାଲି ସକାଳ ପ୍ରାୟ ୧୦:୦୦ ରୁ ୧୦:୩୦ ମଧ୍ୟରେ, କୌଣସି ଯୁକ୍ତିଯୁକ୍ତ କାରଣ ବିନା ତାଲା ପକାଇ ରଖିଥିବା ଘରର ଏକ ଅଂଶର ଚାବି ଦେବାକୁ ଅଭିଯୋଗକାରୀ ବଡପୁଅକୁ ଅନୁରୋଧ କରିଥିଲେ । ଏଥିରେ ହଠାତ ଉତ୍ତ୍ୟକ୍ତ ହୋଇ ବଡପୁଅ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଏହି ଆକ୍ରମଣ ଯୋଗୁଁ ଛାତି ଓ ମୁଣ୍ଡରେ ଯନ୍ତ୍ରଣା ହେଉଥିବା ବେଳେ, ଅଭିଯୋଗକାରୀ ପାଣି ମାଗିଥିଲେ । ଏହି ସମୟରେ ତାଙ୍କ ପତ୍ନୀ ସକୁନ୍ତଳା ଓଝା, ବଡ଼ ପୁଅ ସହ ମିଶି ହତ୍ୟା କରିବା ଉଦ୍ଦେଶ୍ୟରେ ତାଙ୍କ ବେକକୁ ଚିପି ଦେଇଥିଲେ । ଫଳରେ ସେ ଚେତାଶୂନ୍ୟ ହୋଇଯାଇଥିଲେ । ସ୍ଥାନୀୟ ଲୋକେ ପିସିଆରକୁ ସୂଚନା ଦେବା ସହ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ହସ୍ପିଟାଲରେ ଅଭିଯୋଗକାରୀ ତାଙ୍କର ପତ୍ନୀ ଏବଂ ବଡ଼ ପୁଅଙ୍କୁ ସେଠାରେ ଦେଖିବାକୁ ପାଇଥିଲେ । ସେଠାରେ ତାଙ୍କ ପତ୍ନୀ ଏବଂ ପୁଅ ତାଙ୍କୁ ଭୟଙ୍କର ପରିଣାମ ଭୋଗିବାକୁ ଧମକ ଦେଇଥିଲେ । କୌଣସି ଅଭିଯୋଗ କଲେ, ସେମାନେ ତାଙ୍କୁ ଜୀବନରୁ ମାରିଦେବାର ଧମକ ମଧ୍ୟ ଦେଇଥିଲେ । ପୂର୍ବରୁ ମଧ୍ୟ ସେମାନେ ଅନେକଥର ତାଙ୍କୁ ମାଡ ମାରିବା ସହ ନିର୍ଯାତନା ଦେଇଆସୁଥିଲେ । ପରେ ସେ ତୁରନ୍ତ ହାଇଦ୍ରାବାଦରେ ରହୁଥିବା ସାନ ପୁଅ ଦେବୀ ପ୍ରସାଦ ଓଝାଙ୍କୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇଥିଲେ ଏବଂ ଏନେଇ ଥାନାରେ ଅଭିଯୋଗ କରିଥିଲେ । ମାମଲାର ତଦନ୍ତ କରିବା ସହ ପୁଲିସ ଅଭିଯୁକ୍ତ ପୁଅ ଶିବ ପ୍ରସାଦ ଓଝାଙ୍କୁ ଗିରଫ କରିଥିଲେ ।

## ଏକତରଫା ପ୍ରେମ: ନାବାଳିକାକୁ ଆକ୍ରମଣ

ପିପିଲି(ନିପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ୧୭ ବର୍ଷୀୟା ନାବାଳିକାକୁ ଏକ ତରଫା ପ୍ରେମକୁ କେନ୍ଦ୍ରକରି ମାଡ ମାରିବା ସହ ନାବାଳିକାର ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ଧମକ ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ବଳଙ୍ଗା ପୁଲିସ ପକ୍ଷରୁ ତଦନ୍ତ ଜାରିରହିଛି । ସୂଚନା ମୁତାବକ ନାବାଳିକାକୁ ସେହି ଗ୍ରାମର ଜଣେ ଯୁବକ ଏକ ତରଫା ପ୍ରେମ କରିଆସୁଥିଲା ବେଳେ ନାବାଳିକାର ଫୋନରେ ଜୋରଜବରଦସ୍ତ ବିବାହ କରିବା ପାଇଁ କହୁଥିଲା । ନାବାଳିକା ଜଣକ ମନା କରିବାରୁ ଯୁବକ ଜଣକ ନାବାଳିକାର ଫଟୋକୁ ନିଜ ଫଟୋକୁ ଅଶ୍ଳୀଳ ଭାବେ ଏଡିଟିଂ କରି ବିବାହ ନକଲେ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଧମକ ଦେଇଥିଲା । ଗତ ସୋମବାର ନାବାଳିକା ଜଣକ ତାଙ୍କ ସାଙ୍ଗମାନଙ୍କ ସହ ସାଇକେଲ ଯୋଗେ ଗ୍ରାମ ରାସ୍ତାରେ ଯାଉଥିବା ସମୟରେ ଯୁବକ ଜଣକ ଏକ ବାଇକରେ ଆସି ନାବାଳିକାକୁ ଓଗାଳି ତା ସହିତ ଯିବା ପାଇଁ ବାଧ୍ୟ କରିଥିଲା । ନାବାଳିକା ଜଣକ ପ୍ରତିବାଦ କରିବାରୁ ଯୁବକ ଜଣକ ନାବାଳିକାକୁ ମାଡ ମାରିବା ସହ ନାବାଳିକାର ଫୋନକୁ ନେଇ ଯାଇଥିଲା ବୋଲି ନାବାଳିକାର ପରିବାର ପକ୍ଷରୁ ଦିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି ।

## ଜୁଆଡି ସଜବାଜ: କୁମ୍ଭକର୍ଣ୍ଣ ନିଦ୍ରାରେ ପୋଲିସ !




ଡାବୁଗାଁ(ନିପ୍ର): ରାଇଘର ବ୍ଲକ ଅନ୍ତର୍ଗତ ୩ଟି ଗ୍ରାମ ଯଥା ସର୍ଗୁଲୀ କୁରାବେଢ଼ା, ବୋରଗାଁଠାରେ ଆଦିବାସୀ ମଣ୍ଡେଇ ପର୍ବ ହେଉଛି । ଏଠାରେ ବଜାର ମଧ୍ୟ ବସିଛି ଏବଂ ରାତ୍ରିରେ ଆଦିବାସୀ ନାଟକ ମଧ୍ୟ ଆୟଜନ କରିଥିବା ଜଣା ପଡିଛି । ଏହି ଆଦିବାସୀ ମଣ୍ଡେଇରେ ନିରୀହ ଜନସାଧାରଣଙ୍କ ପଇସା ଆତ୍ମସାତ କରିବା ପାଇଁ ବର୍ତ୍ତମାନଠାରୁ ପ୍ରସ୍ତୁତି ଆରମ୍ଭ କରିଦେଲେଣି ଖୁଡ଼ ଖୁଡି ଏବଂ ଜୁଆଡିମାନେ । ସୂଚନା ଥାଉକି କୁନ୍ଦାଇ ଥାନାରୁ ଅଳ୍ପ ଦୂରରେ ବୋରଗାଁ ରହିଛି । ସେହିଭଳି ସର୍ଗୁଲୀ କୁରାବେଢ଼ା ରାଇଘର ଥାନାରୁ ମାତ୍ର ୪/୫ କିଲୋମିଟର ହେବ । ତଥାପି ସ୍ଥାନୀୟ ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ । ଏକ ପଦରେ କହିବାକୁ ଗଲେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ସ୍ଥାନୀୟ ପୋଲିସ ପ୍ରଶାସନ ବୋଲି ଆଲୋଚନା ହେଉଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଲେ ନିରୀହ ଆଦିବାସୀମାନଙ୍କ ମଙ୍ଗଳ ହୋଇପାରନ୍ତା ।

### ମହାନଦୀରୁ ମହିଳାଙ୍କ ମୃତ ଦେହ ଉଦ୍ଧାର

## ମୃତ୍ୟୁର କାରଣ ଅସ୍ପଷ୍ଟ, ପୋଲିସର ତଦନ୍ତ ଜାରି

କଟକ(ନିପ୍ର): ମହାନଦୀରୁ ମହିଳାଙ୍କ ମୃତ ଦେହ ଉଦ୍ଧାର । ସ୍ଥାନୀୟ ଚହଟା ଛକ ନିକଟରେ ଜଣେ ବୟସ୍କ ମହିଳାଙ୍କ ମୃତ ଦେହ ଉଦ୍ଧାର ହୋଇଛି । ଚହଟା ଛକ ନିକଟ କାଳି ମନ୍ଦିର ପଛପଟେ ମହାନଦୀରେ ମୃତ ଦେହ ଆସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ । ପରେ ଏ ନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ଖବର ପାଇଁ ବିଡ଼ାନାସୀ ଥାନା ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ ଉଦ୍ଧାର କରିଥିଲେ । ମୃତ ମହିଳା ଜଣକ ହେଉଛନ୍ତି ତୁଳସୀପୁର ପୋଲିସ କଲୋନୀର ବାସନ୍ତି କର (୭୦) । ସୂଚନା ଯୋଗ୍ୟ ମୃତ ମହିଳା ବାସନ୍ତି କର ଗତ ଶନିବାର ଠାରୁ ନିଖୋଜ ଥିଲେ । ଏ ନେଇ ପରିବାର ଲୋକଙ୍କ ପକ୍ଷରୁ ବିଡ଼ାନାସୀ ଥାନାରେ ଅଭିଯୋଗ କରାଯାଇଥିଲା । ପରିବାର ଲୋକଙ୍କ କହିବା ଅନୁଯାୟୀ, ବାସନ୍ତି ଶନିବାର ଦିନ ସଂପୂର୍ଣ୍ଣ ସ୍ୱଭାବିକ ଥିଲେ ଓ ନିଜର ନିତ୍ୟକ୍ରମ ସ୍ୱଭାବିକ ଭାବେ କରିଥିଲେ । ମାତ୍ର ଅପରାହ୍ନ ସାଢ଼େ ୧ଟା ବେଳକୁ ବାସନ୍ତି ଘରେ ନଥିବା ପରିବାର ଲୋକେ ଦେଖିଥିଲେ । ବହୁ ଖୋଜାଖୋଜି ପରେ ବାସନ୍ତିଙ୍କୁ ପରିବାର ଲୋକେ ନପାଇବାରୁ ତାଙ୍କ ନିଖୋଜ ନେଇ ଥାନାରେ ସୂଚନା ଦେଇଥିଲେ । ଅଭିଯୋଗ ପାଇ ପୋଲିସ ତନାଘନା ଆରମ୍ଭ କରିଥିଲା । ତେବେ ମଂଗଳବାର ତାଙ୍କ ମୃତ ଦେହ ମହାନଦୀରେ ଭାସୁଥିବା ସ୍ଥାନୀୟ ଲୋକମାନେ ପୋଲିସକୁ ଖବର ଦେଇଥିଲେ । ଖବର ପାଇଁ ବିଡ଼ାନାସୀ ଥାନା ପୋଲିସ ମହିଳାଙ୍କ ଉଦ୍ଧାର କରିଛି । ତେବେ ମହିଳାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ପୋଲିସ ତଦନ୍ତ ଜାରି ରଖିଛି ।

## ଚାକିରି ନାଁରେ ଦିବ୍ୟାଙ୍ଗଙ୍କୁ ଠକେଇ: ନ୍ୟାୟ ପାଇଁ ଡିଏସପିଙ୍କ ଦ୍ୱାରସ୍ଥ

ପିପିଲି(ନିପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ପୁରୁଣା ବୁଢାକେରା ଗ୍ରାମର ଦିବ୍ୟାଙ୍ଗ ବ୍ୟକ୍ତି ଗନ୍ଧର୍ବ ପରିଡାଙ୍କ ପୁଅକୁ ଚାକିରି କରାଇ ଦେବା ଆଳରେ ୨୦ହଜାର ଠକେଇ କରାଯାଇଥିବା ଅଭିଯୋଗ ହୋଇଛି । ଟଙ୍କା ମାଗିବାରୁ ଟଙ୍କା ନେଇଥିବା ଯୁବକଙ୍କ ପରିବାର ଲୋକେ ଗନ୍ଧର୍ବଙ୍କ ପରିବାରକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଜୀବନରେ ମାରିଦେବାକୁ ଧମକ ଦିଆଯାଉଥିବା ନେଇ ଗନ୍ଧର୍ବ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯିବାରୁ ଗନ୍ଧର୍ବ ନିଜ ପତ୍ନୀଙ୍କ ସହ ପିପିଲି ଡିଏସପିଙ୍କ ନିକଟରେ ଅଭିଯୋଗ କରିଛନ୍ତି । ସୂଚନା ମୁତାବକ ଗନ୍ଧର୍ବଙ୍କ ପତ୍ନୀ ମନି ପରିଡାଙ୍କ ଅଭିଯୋଗ ଅନୁଯାୟୀ ଗନ୍ଧର୍ବଙ୍କ ପୁଅକୁ ସମ୍ବଲପୁରରେ ଚାକିରି କରାଇ ଦେବାର ପ୍ରତିଶ୍ରୁତି ଦେଇ ସେହି ଗ୍ରାମର ଜନୈକ ବ୍ୟକ୍ତି ୨୦ହଜାର ଟଙ୍କା ନେଇଥିଲେ । ପରେ ଗନ୍ଧର୍ବଙ୍କ ପୁଅକୁ ନେଇ ବିକାଶ ସମ୍ବଲପୁରରେ ରଖୁଥିଲା ବେଳେ କୌଣସି ଚାକିରି ଦେଇନଥିଲା । ଗନ୍ଧର୍ବଙ୍କ ପୁଅ ସେଠାରେ ଟଙ୍କା ଫେରସ୍ତ ମାଗିବାରୁ ଗ୍ରାମର ଅନ୍ୟ ଯୁବକଙ୍କୁ ଚାକିରି ଦିଆଯିବ ବୋଲି କହିଥିଲା । ଏଭଳି କଥାରେ ଗନ୍ଧର୍ବଙ୍କ ପୁଅ ସେଠାରୁ ଘରକୁ ଚାଲିଆସି ସମସ୍ତ କଥା କହିଥିଲା ।

## ନାବାଳିକାକୁ ଅସଦାଚରଣ, ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର(ନିପ୍ର): ଜଣେ ନାବାଳିକାକୁ ଅସଦାଚରଣ କରିବା ମାମଲାର ବିଚାର କରି ଆଜି ଆଡ୍‌ହକ୍ ଆଡିସନାଲ ସେସନ୍ସ ଜଜ୍, ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ (ପୋକସୋ), ଭୁବନେଶ୍ୱରର ମାନ୍ୟବର ବିଚାରପତି ସରୋଜ କୁମାର ସାହୁ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଗତ ୨୦୨୫ ମସିହା ମଇ ମାସରେ ବାଲିପାଟଣା ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ଅସଦାଚରଣ ମାମଲାର ବିଚାର କରି ଆସାମୀ ସାଜିତ ଖାଁଙ୍କୁ ସଜା ଶୁଣାଇଛନ୍ତି । ଘଟଣାରଅନ୍ତରାଳେ:ଉଲ୍ଲେଖଯୋଗ୍ୟ ଯେ, ଅଭିଯୋଗକରିଣୀ ସ୍ୱର୍ଣଲତା ଭୋଇ ପରିବାର ସହ ବାଲିପାଟଣା ଥାନା ଅଞ୍ଚଳରେ ରୁହନ୍ତି । ଅଭିଯୁକ୍ତ ସାଜିତ ଖାଁ ତାଙ୍କ ଘର ନିକଟରେ ଭଡା ସୂତ୍ରରେ ରହିଆସୁଥିଲେ । ଗତ ୩୦.୦୫.୨୦୨୫ ରାତ୍ରି ପ୍ରାୟ ୮ ଟା ସମୟରେ ଅଭିଯୋଗକାରିଣୀ ପାଖ ପଡ ?ଶୀଙ୍କ ଛୋଟ ଛୁଆକୁ ଟ୍ୟୁସନ କରିସାରିବା ପରେ ତାଙ୍କ ଘରକୁ ଛାଡିବା ଲାଗି ଯାଇଥିଲେ । ଏହି ସମୟରେ ଘରେ ତାଙ୍କର ୯ ବର୍ଷ ବୟସ୍କା ନାବାଳିକା ଝିଅ ଥିଲେ । ପଡୋଶୀଙ୍କ ଘରୁ ଫେରିବା ବେଳେ, ଘର ନିକଟସ୍ଥ ଏକ ଅନ୍ଧାରୁଆ ସ୍ଥାନରେ ଅଭିଯୁକ୍ତ ସାଜିତ ଖାଁ, ତାଙ୍କ ଝିଅ ସହ ଅସଦାଚରଣ କରିଥିବା ନେଇ ପୀଡିତା ନାବାଳିକା କାନ୍ଦିକାନ୍ଦି ଆସି ମା ଙ୍କୁ ସବୁ କଥା କହିଥିଲେ । ଝିଅ ନିକଟରୁ ଘଟଣା ସମ୍ପର୍କରେ ଅବଗତ ହେବାପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗକାରିଣୀ ବାଲିପାଟଣା ଥାନାର ଦ୍ୱାରସ୍ଥ ହୋଇଥିଲେ । ଉକ୍ତ ଅଭିଯୋଗକୁ ଭିତ୍ତିକରି ଥାନା କେସ ନଂ-୨୪୯/୨୦୨୫, ଧାରା-୭୫(୨)/୭୬ ବିଏନଏସ ଓ ପୋକସୋ ଆଇନର ଧାରା-୮/୧୨ ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ, ଏସଆଇ ପାୟଲ ପ୍ରଧାନଙ୍କ ଉପରେ ଏହାର ତଦନ୍ତ ଭାର ନ୍ୟସ୍ତ କରାଯାଇଥିଲା । ଏସଆଇ ପାୟଲ ପ୍ରଧାନ ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ଅଭିଯୁକ୍ତ ସାଜିତ ଖାଁଙ୍କୁ ଗିରଫ କରି ଅଦାଲତ ପଠାଇ ଦେଇଥିଲେ । ଉପରୋକ୍ତ ମାମଲାର ବିଚାର କରି, ମାନ୍ୟବର ଅଦାଲତ ଘଟଣା ସହିତ ସଂପୃକ୍ତ ୯ ଜଣ ସାକ୍ଷୀଙ୍କ ଜବାନବନ୍ଦି, ଏବଂ ୧୭ଟି ପ୍ରାସଙ୍ଗିକ ଦସ୍ତାବିଜ ଅଧ୍ୟୟନ କରି, ବିଚାରକାର୍ଯ୍ୟର ପରିସମାପ୍ତି କରିଛନ୍ତି । ଆଜି ମାନ୍ୟବର ଅଦାଲତ ତାଙ୍କ ରାୟରେ ଆସାମୀ ସାଜିତ ଖାଁଙ୍କୁ ଭାରତୀୟ ନ୍ୟାୟ ସଂହିତାର ଧାରା-୭୫(୨) ଅନୁଯାୟୀ ୩ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧,୦୦୦/- ଟଙ୍କା ଜୋରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଏବଂ ଜୋରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୧ ମାସର ସଶ୍ରମ କାରାଦଣ୍ଡ ଭୋଗ କରିବାକୁ ଆଦେଶ ଦେଇଛନ୍ତି । ସେହିପରି ପୋକସୋ ଆଇନର ଧାରା-୧୦ ଅନୁଯାୟୀ ୫ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୩,୦୦୦/- ଟଙ୍କା ଜୋରିମାନା ଦଣ୍ଡାଦେଶ ଦେଇଛନ୍ତି ଏବଂ ଜୋରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୨ ମାସର କାରାଦଣ୍ଡ ଲାଗି ଆଦେଶ ଦେଇଛନ୍ତି । ଉଭୟ ଦଣ୍ଡାଦେଶ ସମବର୍ତ୍ତୀ ଭାବେ ଲାଗୁ ହେବା ନେଇ ମାନ୍ୟବର ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ଶ୍ରୀ ରାଜୀବ ସସମଲ ଏବଂ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବଳରାମ ଦେଓ ପ୍ରମୁଖ ସଫଳତାର ସହ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ, ଗତବର୍ଷ ୧୦୦ଟି ରୁ ଊର୍ଦ୍ଧ୍ୱ ମାମଲାରେ ଦୋଷୀ ମାନଙ୍କୁ ସଜା ଦିଆଯାଇ ପାରିଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ତରଫରୁ ଦୋଷୀଙ୍କୁ ସଜା ହୋଇଥିବା ଚଳିତ ବର୍ଷର ଏହା ହେଉଛି ୧୩ ତମ ମାମଲା ।

## ବିଡ଼ିଓଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ

ଭାପୁର(ନିପ୍ର): ଭାପୁର ବ୍ଲକ ବିଡ଼ିଓ ଉଦ୍ଦେଶ୍ୟମୂଳକ ଭାବରେ ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ତଥା ଜନପ୍ରତିନିଧି ମାନଙ୍କୁ ଅସମ୍ମାନ ସୂଚକ ବ୍ୟବହାର କରିବା ସହିତ ସରକାରୀ କାର୍ଯ୍ୟ ସମ୍ପାଦନ ପାଇଁ ଯଥା ବିଧି ପ୍ରଦାନ କରାଯାଉଥିବା ଚିଠି, ଅନୁରୋଧ ପତ୍ର, ସୁପାରିସ ପତ୍ରଗୁଡିକୁ ଲୁକ୍କାୟିତ ସ୍ୱରୂପ ଜଣାଉ ନଥିବାରୁ ଜିଲ୍ଲାପାଳଙ୍କ ମଙ୍ଗଳବାର ଭାପୁର ବ୍ଲକ ଗସ୍ତ ସମୟରେ ଅଧ୍ୟକ୍ଷା ଭେଟି ଲିଖିତ ଅଭିଯୋଗ କରିଛନ୍ତି । ଭାରତୀୟ ସମ୍ବିଧାନର ଧାରା ଏବଂ ଓଡିଶା ପଂଚାୟତ ସମିତି ଆଇନକୁ ଭାପୁର ବ୍ଲକର ପ୍ରଶାସନିକ ଅଧିକାରୀ ଖୋଲାଖୋଲି ଭାବରେ ଉଂଲଘନ କରୁଥିବା ନେଇ ସେ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ଭାପୁର ବ୍ଲକର ସମସ୍ତ ବିଭାଗରେ ଦୁର୍ନୀତି ଚରମସୀମାରେ ପହଞ୍ଚି ଥିବାବେଳେ ସେଗୁଡିକର ନଥିପତ୍ର ପ୍ରଘଟ କରିବାକୁ ଦିଆଯାଉନଥିବା ଦେଖିବାକୁ ମିଳିଛି । ବ୍ଲକର ତଳିଆ କର୍ମଚାରୀମାନେ ବିଡ଼ିଓଙ୍କ ବିନା ଅନୁମତିରେ କୌଣସି ନଥିପତ୍ର ପ୍ରକାଶ କରୁ ନ ଥିବା ଦେଖିବାକୁ ମିଳିଥିଲା । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେବା ସହିତ ଏ ସମ୍ପର୍କରେ ସମସ୍ତ ଦୁର୍ନୀତିର ତଥ୍ୟ ଜିଲ୍ଲାପାଳଙ୍କୁ ବ୍ଲକ ଅଧ୍ୟକ୍ଷା ପ୍ରଦାନ କରିଥିଲେ ।

## ୩୮ ଚୋରି ମୋବାଇଲ ଜବତ, ଜଣେ ଗିରଫ

କଟକ(ନିପ୍ର): ଜଗତପୁର ଥାନା ପୋଲିସ ଜଣେ ପେଶାଦାର ମୋବାଇଲ ଚୋରକୁ ଗିରଫ କରିବା ସହ ତା ନିକଟରୁ ୩୮ଟି ଚୋରି ମୋବାଇଲ ଜବତ କରିଛି । ଗିରଫ ଅଭିଯୁକ୍ତ ହେଲେ ପଶ୍ଚିମବଂଗ ପୁରୁଲିଆ ଜିଲ୍ଲା ବଳରାମପୁର ଥାନା ଅନ୍ତର୍ଗତ ଚୁଟକିଡିହର ମଂଗଳ ସିଂହ (୨୦) । ମିଳିଥିବା ସୂଚନା ଅନୁଯାୟୀ ଜଗତପୁର ଓଭରବ୍ରିଜ ନିକଟରୁ ଜଣେ ବ୍ୟକ୍ତି ବହୁତ ଗୁଡ଼ିଏ ମୋବାଇଲ ଫୋନ ବିକ୍ରି କରିବା ପାଇଁ ଅପେକ୍ଷା କରିଥିବା ସଂପର୍କରେ ସୂଚନା ପାଇ ଏଏସଆଇ ମଞ୍ଜୁଲତା ସେନାପତି ସଦଳବଳେ ଚଢ଼ାଉ କରି ସାକ୍ଷ ମାନଙ୍କ ସମ୍ମୁଖରେ ପଚରା ଉଚୁରା କରିଥିଲେ । ଅଭିଯୁକ୍ତ ମଂଗଳ ଫୋନର କୌଣସି କାଗଜପତ୍ର ଦେଖାଇ ନପାରିବାରୁ ସେ ଥାନାରେ ଅଭିଯୋଗ କରିଥିଲେ । ତଦନୁଯାୟୀ ଏକ ମାମଲା ରୁଜୁ କରାଯାଇଥିଲା । ଜବତ ୩୮ମୋବାଇଲ ମଧ୍ୟରୁ ୩୫ଟି ସ୍ମାର୍ଟ ଫୋନ ଥିବାବେଳେ ୩ଟି କିପ୍ୟାଡ଼ ମୋବାଇଲ ରହିଛି । ଅଭିଯୁକ୍ତ ଜଣେ ପେଶାଦାର ମୋବାଇଲ ଚୋର ବୋଲି ତଦନ୍ତ ସମୟରେ ଜଣା ପଡ଼ିଛି । ଆଜି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।

## ଆଦିବାସୀ ବୋହୂ ଆଜି ଅନ୍ୟ ପାଇଁ ଉଦାହରଣ

### ଅଟୋ ଚଳାଇ ପିଲାଙ୍କୁ କରୁଛି ମଣିଷ

କେନ୍ଦୁଝର(ନିପ୍ର): ଆଦିବାସୀ ଝିଅଟି, ସେ ବି ସ୍ୱପ୍ନ ଦେଖିଥିଲା ସ୍ୱାମୀ, ସଂସାର କରି ସୁଖରେ ରହିବ ବୋଲି । ହେଲେ ବିଧିର କରୁଣ ବିଧାନ ଆଜକୁ ତିନିବର୍ଷ ହେବ ସ୍ୱାମୀ ଦୁରାରୋଗ୍ୟରେ ପଡ଼ି ଆରପାରିକୁ ଚାଲିଗଲେ । ସେ ତ ଚାଲିଗଲେ ହେଲେ ଦୁଇ ପିଲାଙ୍କ ଦାୟିତ୍ୱକୁ ତାଙ୍କ ସ୍ତ୍ରୀ ହାତରେ ଦେଇ ଚାଲିଗଲେ । ବର୍ତ୍ତମାନ ଦୁଇ ପିଲାଙ୍କୁ ମଣିଷ କରିବା ପାଇଁ ସେ ବିବାହିତା ଆଦିବାସୀ ମହିଳା ଅଟୋ ଚଳାଇ ପରିବାର ପ୍ରତିପୋଷଣ କରିବା ନିଶ୍ଚିତ ଅନ୍ୟ ପାଇଁ ଉଦାହରଣ ପାଲଟିଛି । ଘଟଗାଁ ବ୍ଲକ ଭୋଳବେଢ଼ା ପଞ୍ଚାୟତ ଅନ୍ତର୍ଗତ ରଙ୍ଗାମାଟିଆ ସାହିର ସ୍ୱର୍ଗତ କାଳୀ ଚରଣ ବିରୁଆଙ୍କ ସ୍ତ୍ରୀ ତୁଳସୀ (୩୪) ଆଜି ଆତ୍ମ ସ୍ୱାଭିମାନୀ ଓ ସ୍ୱାବଲମ୍ବୀ ହୋଇ ଅଟୋ ଚଳାଇ ପିଲାଙ୍କୁ ମଣିଷ କରୁଛି । ଯେତେବେଳେ ଯିଏ ଯୁଆଡେ ଡାକିଲେ ସେ ଅଟୋ ନେଇ ଯାଉଛି । ପାଣିକୋଇଲି, ବାରିପଦା ଠାରୁ ଅନ୍ୟ ଜିଲାକୁ ସେ ନିଜ ଦାୟିତ୍ୱରେ ଯାତ୍ରୀମାନଙ୍କୁ ନେଇ ଅର୍ଥ ରୋଜଗାର କରୁଛି । ପୁଅକୁ ଓ ଝିଅକୁ ପାଠ ପଢାଇବା ସହିତ ନିଜେ ବଞ୍ଚି,



ଶାଶୁଙ୍କୁ ଦେଖାଶୁଣା କରୁଛି ଓ କିଛି ଅର୍ଥ ସଞ୍ଚୁଛି । ସେ ମୁଣ୍ଡା ସମ୍ପ୍ରଦାୟର ଝିଅ ତାର କଥାବାର୍ତ୍ତା, ବ୍ୟବହାର ଅନେକ ମାର୍ଜିତ । ସ୍ୱାମୀ ଚାଲିଗଲା ପରେ ଆଖିର ଲୁହକୁ ଓଠରେ ପିଇ ଘର କୋଣରେ ନ ରହି ନିଜ ଜୀବନ ସହିତ ସଂଘର୍ଷ କରୁଛି । ଦୈନିକ ଯାହା ରୋଜଗାର ହେଉଛି ଖୁସିରେ ପରିବାର ଚଳୁଛି । ପାଠ ମଧ୍ୟ ନବମ ଶ୍ରେଣୀ ପର୍ଯ୍ୟନ୍ତ ପଢିଛି ତେଣୁ ହିସାବପତ୍ର କରିବାରେ କିଛି ଅସୁବିଧା ହୁଏନି । ପିଲାମାନଙ୍କୁ ମଣିଷ କରିବା ଏବେ ଲକ୍ଷ୍ୟ ହୋଇପଡିଛି । କେବେ କେବେ ଯେଉଁ ଯାତ୍ରୀଭଡା ବାବଦରେ କମ୍ ପଇସା ଦେଲେବି ସେ ଖୁସିରେ ଗ୍ରହଣ କରନ୍ତି । ଜୀବନରେ ସୁଖ କରିବା ସମୟରେ ସ୍ୱାମୀ ଚାଲିଗଲେ ସେ କିନ୍ତୁ ଜୀବନ ଯୁଦ୍ଧରେ ହାରିନାହାନ୍ତି । ତେବେ ତାଙ୍କ ନାଁ ତୁଳସୀ ବିରୁଆ, ସେ ତୁଳସୀ ପରି ପବିତ୍ର ସେ କଥା ସ୍ଥାନୀୟ ଲୋକ କୁହନ୍ତି ।

## ମୋବାଇଲ ଫୋନ୍ ଚୋରି କରି ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ଘରେ ପଶି ମୋବାଇଲ ଚୋରି କରିବା ଅଭିଯୋଗରେ ନୂଆପଲ୍ଲୀ ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ସାଲିଆସାହିରେ ରହୁଥିବା ତୋଫାନ ଦାସ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ରୁଦ୍ର କୁମାର ଲେଙ୍କା ବେହେରା ସାହି ପ୍ଲଟ ନମ୍ବର-୬୮୪ ରେ ରୁହନ୍ତି । ଗତକାଲି ବିଳମ୍ବିତ ରାତିରେ ସେ ଘରେ ନିଦରେ ଶୋଇଥିବା ବେଳେ, ଅଭିଯୁକ୍ତ ତୋଫାନ ଏହାର ଫାଇଦା ଉଠାଇ କୌଶଳ କ୍ରମେ ଘର ଭିତରେ ପଶି ତାଙ୍କ ମୋବାଇଲ ଫୋନକୁ ଚୋରୀକରି ନେଇଯାଇଥିଲେ । ଭୋର ୬.୪୦ ସମୟରେ ଅଭିଯୋଗକାରୀ ନିଦରୁ ଉଠିବା ପରେ ବେଡ ନିକଟରେ ରଖିଥିବା ମୋବାଇଲ ଫୋନକୁ ଆଉ ପାଇନଥିଲେ । ଘରୁ ମୋବାଇଲ ଫୋନଟି ଚୋରି ହୋଇଥିବା ଜାଣିବା ପରେ ଅଭିଯୁକ୍ତଙ୍କ ବିରୋଧରେ ବିହୀତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଥାନାରେ ଅଭିଯୋଗ କରିଥିଲେ ।

### ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପାରମ୍ପରିକ ଖାଦ୍ୟପେୟ ସଂପର୍କିତ ଆଲୋଚନାଚକ୍ର

## ଓଡ଼ିଆର ଖାଦ୍ୟ ସାରା ବିଶ୍ୱରେ ଲୋକପ୍ରିୟ: ବାଚସ୍ପତି

ଭୁବନେଶ୍ୱର(ନିପ୍ର): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଓଡ଼ିଶାର ପାରମ୍ପରିକ ଖାଦ୍ୟପେୟ ସଂପର୍କରେ ଏକଦିବସୀୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଦ୍‌ଘାଟିକା ଓ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଓଡ଼ିଆ ଜାତିର ଖାଦ୍ୟପେୟ କିପରି ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ସେ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଓଡ଼ିଶାର ପରମ୍ପରିକ ଛୁଞ୍ଚିପତ୍ରପିଠା, ପୋଡପିଠା, ଏଣ୍ଡୁରିପିଠା ଆମର ଖାଦ୍ୟପେୟରେ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି । ଓଡ଼ିଶାର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଷାଠିଏ ପଉଟି ଭୋଗ ଓଡ଼ିଆ ଜାତିର ଖାଦ୍ୟରୁଚିର ଗୌରବକୁ ମହିମାନ୍ୱିତ କରିଛି । ଓଡ଼ିଆର ଖାଦ୍ୟ ସାରା ବିଶ୍ୱରେ ଲୋକପ୍ରିୟ ହେବା ସହ ପଖାଳ ଦିବସ, ରସଗୋଲା ଦିବସ ପାଳନ ଏ ଜାତିର ଖାଦ୍ୟ ସଂସ୍କୃତିକୁ ନୂଆ ଶିଖରରେ ପହଞ୍ଚାଇଛି ବୋଲି ଶ୍ରୀମତୀ ପାଢ଼ୀ ନିଜର ବକ୍ତବ୍ୟରେ ଉଲ୍ଲେଖ କରିଥିଲେ ।




ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବିଶ୍ୱ ଓଡ଼ିଆ ପରିବାରର ଅଧ୍ୟକ୍ଷ ସଜନ ଶର୍ମା ଘରେ ମାଆର ହାଣ୍ଡିଶାଳର ମହତ୍ୱକୁ ବଖାଣିଥିଲେ । ହଜିଯାଉଥିବା ଅନେକ ଖାଦ୍ୟପେୟକୁ ପୁଣିଥରେ ଆମ ଚଳଣି ଓ ସଂସ୍କୃତି ସହ ଯୋଡ଼ିବା ନିମନ୍ତେ ଶ୍ରୀ ଶର୍ମା ନିଜ ବକ୍ତବ୍ୟରେ ଆହ୍ୱାନ ଦେଇଥିଲେ । ସଭାପତିତ୍ୱ ଅଭିଭାଷଣରେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଆମ ପାରମ୍ପରିକ ଖାଦ୍ୟରୁଚି ଓ ଶ୍ରୀଜଗନ୍ନାଥଙ୍କ ବିବିଧ ଭୋଗ ସମର୍ପଣ ଭିତରେ ଓଡ଼ିଶାର ସାଂସ୍କୃତିକ ବିଭବ କିପରି ଗୌରବାନ୍ୱିତ ହୋଇଛି ସେ ସଂପର୍କରେ ଉଲ୍ଲେଖ କରିଥିଲେ । କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ପ୍ରାରମ୍ଭିକ ସୂଚନା ଦେବା ଅବସରରେ ବିଶ୍ୱବିଦ୍ୟାଳୟରେ ଏପରି ଉତ୍ସବ ଆୟୋଜନର ଆଭିମୁଖ୍ୟ ସଂପର୍କରେ ଉଲ୍ଲେଖ କରିଥିଲେ । ଏହି ଅବସରରେ ଜୈନ ଚେୟାର ଆନୁକୂଲ୍ୟରେ ଗବେଷଣାତ୍ମକ ପୁସ୍ତକ 'ଓଡ଼ିଶାର ଜୈନ ଧର୍ମ ଓ ସଂସ୍କୃତି' ଲୋକାର୍ପିତ ହୋଇଥିଲା । ଏହି ଆଲୋଚନାଚକ୍ରରେ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ୩୬ଗୋଟି ହୋଟେଲ ମ୍ୟାନେଜମେଣ୍ଟ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇ ଓଡ଼ିଶାର ପାରମ୍ପରିକ ଖାଦ୍ୟ ସଂପର୍କରେ ବିଶଦ ଆଲୋଚନା କରିବା ସହ ନିବନ୍ଧ ଉପସ୍ଥାପନ କରିଥିଲେ । ପରୀକ୍ଷା ନିୟନ୍ତ୍ରକ ତଥା ଆଲୋଚନାଚକ୍ରର ଆବାହକ ପ୍ରଫେସର ଧରଣୀଧର ରଣା ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

## ମେଲୋଡି କଳାକାରଙ୍କୁ ମାଡ଼

ତିଗିରିଆ(ନିପ୍ର):: ଶୁଣ୍ଡୀପାଳ ଗ୍ରାମଠାରେ ମେଲୋଡି କଳାକାରମାନେ ନାଚ ସାରି ଫେରୁଥିବାବେଳେ ବାଙ୍କି ଥାନା ଅନ୍ତର୍ଗତ ପାଲପୁଟ ଠାରେ କିଛି ଯୁବକ କଳାକାରଙ୍କ ଗାଡି ଅଟକାଇ ମାଡମାରି ମୁଣ୍ଡ ଫଟାଇ ଦେଇଛନ୍ତି । ଏଥିପାଇଁ ମେଲୋଡି ମାଲିକ ଓ କଳାକାର ତିଗିରିଆ ଥାନାରେ ଏତେଲା ଦେଇଛନ୍ତି । ସେମାନେ ଏତଲାରେ ଉଲେଖ କରିଛନ୍ତି ଯେ ସେମାନଙ୍କୁ ମାଡ଼ ମାରିବା ସହ ସୁନା ଚେନ ଓ ଟଙ୍କା ଛଡାଇ ନେଇଛନ୍ତି । ପ୍ରାପ୍ତ ବିବରଣୀରୁ ପ୍ରକାଶ ମେଲୋଡି ଗ୍ରୁପ୍ ମ୍ୟାନେଜେରଙ୍କ ସମେତ ୬ଜଣ ପୁଅ ଓ ୬ଜଣ ଝିଅ ୨ଦିନ ନାଚ କରିବା ପାଇଁ ଶୁଣ୍ଡୀପାଳ ଗ୍ରାମକୁ ଆସିଥିଲେ । ଆସିବାବେଳେ ବାଙ୍କି ବ୍ଲକ ପାଲପୁଟଠାରେ କିଛି ଯୁବକଙ୍କ ସହ କୌଣସି କାରଣରୁ ବଚସା ହୋଇଥିଲା । ଗ୍ରାମ କମିଟି ଆପୋଷ ସମାଧାନ କରାଇଥିଲେ । ଫେରିବାବେଳେ କେତେଜଣ ଯୁବକ ବାଇକରେ ଆସି ଆକ୍ରମଣ କରିଥିଲେ । ୨ଜଣ ପୁଅ ଓ ୨ଜଣ ଝିଅ ଆହତ ହୋଇଥିବା ଅଭିଯୋଗ କରିଛନ୍ତି ।




## ମା' ବିରଜାଙ୍କୁ ଦର୍ଶନ କଲେ ରାଷ୍ଟ୍ରପତି

# ନାଭିଗୟାରେ ଦେଲେ ପିତୃପୁରୁଷଙ୍କୁ ପିଣ୍ଡ



ଯାଜପୁର, ୩।୨(ନିପ୍ର): ଦେଶର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯାଜପୁର ବିରଜା ମନ୍ଦିର ଗସ୍ତରେ ଆସିଛନ୍ତି। ସମଗ୍ର ଜିଲ୍ଲାବାସୀ ମହାମହିମ ରାଷ୍ଟ୍ରପତିଙ୍କୁ ଗସ୍ତକୁ ନେଇ ଉତ୍ସାହିତ ଥିଲେ। ରାଷ୍ଟ୍ରପତି ମୁର୍ମୁଙ୍କ ଏହା ପ୍ରଥମ ଯାଜପୁର ଗସ୍ତ ଥିଲା। ଯାଜପୁରବାସୀ ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହୋଇଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରାଷ୍ଟ୍ରପତି ମୁର୍ମୁ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ମଙ୍ଗଳବାର ୯.୩୦ ମିନିଟ ସମୟରେ ଯାଜପୁରର ପ୍ରଶାସନିକ ଭବନ ପଡ଼ିଆର ହେଲିପ୍ୟାଡରେ ଅବତରଣ କରିଥିଲେ। ସେଠାରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମବାୟ ହସ୍ତତନ୍ତ, ବୟନ ଶିଳ୍ପ,ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଯାଜପୁର ସାଂସଦ ଡା.ରବୀନ୍ଦ୍ର ନାରାୟଣ ବେହେରା, ଯାଜପୁର ଜିଲ୍ଲାର ସମସ୍ତ ନିର୍ବାଚନମଣ୍ଡଳୀର ବିଧାୟକ ଓ ବିଧାୟିକା, ଜିଲ୍ଲାପରିଷଦ ଅଧ୍ୟକ୍ଷା, ଯାଜପୁର ପୌରାଧ୍ୟକ୍ଷା. ଡି.ଆଇ.ଜି ପୋଲିସ ଚରଣ ସିଂ ମୀନା, ଅତିରିକ୍ତ ମହାନିର୍ଦ୍ଦେଶକ ପୋଲିସ ରେଳବାଇ ଓ ଉପକୂଳ ସୁରକ୍ଷା ଅରୁଣ ବୋଥ୍ରା, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର, ଜିଲ୍ଲାପାଳ ଅମ୍ବର କୁମାର କର, ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମାଲଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ଯାଜପୁର ମାଟିକୁ ଭବ୍ୟ ସ୍ୱାଗତ କରିଥିଲେ। ରାଷ୍ଟ୍ରପତିଙ୍କ ଏହି ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ସମସ୍ତ ପ୍ରକାର ଆନୁଷଙ୍ଗିକ ଆୟୋଜନ କରାଯାଇଥିଲା। ହେଲିପ୍ୟାଡରୁ ରାଷ୍ଟ୍ରପତି ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ମା' ବିରଜାଙ୍କ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ବିରଜା ମନ୍ଦିରରେ ପହଞ୍ଚି ହସ୍ତପଦ ପ୍ରକ୍ଷାଳନ କରି ମନ୍ଦିର ପ୍ରବେଶ କରିଥିଲେ। ପ୍ରଥମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନାଭିଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଥିଲେ। ପ୍ରାୟ ୧ ଘଣ୍ଟା ଧରି ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଚାରି ଜଣ ସେବାୟତ ବ୍ରାହ୍ମଣ ନିୟୋଜିତ ଥିଲେ। ପିଣ୍ଡଦାନ ସରିବା ପରେ ରାଷ୍ଟ୍ରପତି ମାଆ ବିରଜାଙ୍କ ଦର୍ଶନ କରିଥିଲେ ଏବଂ ଏହା ପରେ ବେଢ଼ା ପରିକ୍ରମା କରି ଗଙ୍ଗେଶ୍ୱର, ମୁକ୍ତେଶ୍ୱର, ସଂହାର ଭୈରବ, ୧୦୮ ଶିବ ଲିଙ୍ଗ ପାର୍ଶ୍ୱ ଦେବା ଦେବୀଙ୍କ ଦର୍ଶନ କରିଥିଲେ ଏବଂ ମୁକ୍ତି ମଣ୍ଡପ ସଭାରେ ଆଶୀର୍ବାଦ ଗ୍ରହଣ କରିଥିଲେ। ରାଷ୍ଟ୍ରପତିଙ୍କ ମନ୍ଦିର ପରିଦର୍ଶନ ସମୟରେ ଚତୁର୍ଦ୍ଦିଗ ବେଦ ମନ୍ତ୍ର ଉଚ୍ଚାରଣ ଓ ହୁଳହୁଳି ନାଦରେ ଗୁଞ୍ଜରିତ ହେଉଥିଲା। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ବୌଦ୍ଧ ମୂର୍ତ୍ତି ଏବଂ ଟସର ଶାଢ଼ି ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ପରେ ନିମନ୍ତ୍ରିତ ବ୍ରହ୍ମକୁମାରୀମାନେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଥିଲେ। ପରେ ରାଷ୍ଟ୍ରପତି ମୁର୍ମୁ ପ୍ରଶାସନିକ ଭବନ ହେଲିପ୍ୟାଡକୁ ଯାତ୍ରା କରିଥିଲେ ଏବଂ ଦିନ ୧୧.୪୦ ମିନିଟ ସମୟରେ ବିମାନ ଯୋଗେ ବାଲେଶ୍ୱର ଅଭିମୁଖେ ପ୍ରସ୍ଥାନ କରିଥିଲେ।

## ଡିଆରଡିଓର ସଫଳତା

### କ୍ଷେପଣାସ୍ତ୍ର ସଫଳ ପରୀକ୍ଷଣ

ବାଲେଶ୍ୱର, ୩/୨(ନିପ୍ର): ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ ମଙ୍ଗବାର ସକାଳ ୧୦:୪୫ ସମୟରେ ଓଡ଼ିଶା ଉପକୂଳର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ରେଞ୍ଜରୁ ସଲିଡ୍ ଇନ୍ଧନ ଡକ୍ଟେଡ୍ ରାମଜେଟ୍ ପ୍ରଯୁକ୍ତିବିଦ୍ୟାର ସଫଳତାପୂର୍ବକ ପ୍ରଦର୍ଶନ କରିଥିଲା। ଏହି ସଫଳ ପରୀକ୍ଷଣ ସହିତ, ଭାରତ ଏହି ଉନ୍ନତ ପ୍ରଯୁକ୍ତିବିଦ୍ୟାର



ଅଧିକାରୀ ଦେଶମାନଙ୍କ ମଧ୍ୟରୁ କିଛି ଚୟନିତ ଗୋଷ୍ଠୀରେ ଯୋଗ ଦେଇଛି। ଏହି ପ୍ରଯୁକ୍ତିବିଦ୍ୟା ଦୀର୍ଘ ଦୂରଗାମୀ ବାୟୁରୁ ବାୟୁ କ୍ଷେପଣାସ୍ତ୍ର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ଏବଂ ସମ୍ଭାବ୍ୟ ପ୍ରତିଦ୍ୱନ୍ଦ୍ୱୀ ମାନଙ୍କ ଉପରେ ଏକ ରଣନୈତିକ ଲାଭ ପ୍ରଦାନ କରେ। ପରୀକ୍ଷଣ ସମୟରେ, ସମସ୍ତ ପ୍ରମୁଖ ଉପ-ପ୍ରଣାଳୀ ଆଶାନୁରୂପ ପ୍ରଦର୍ଶନ କରିଥିଲେ। ଏଥିରେ ନୋଜଲ୍-ଲେସ୍ ବୁଷ୍ଟର, କଠିନ ଇନ୍ଧନ ଡକ୍ଟେଡ୍ ରାମଜେଟ୍ ମୋଟର ଏବଂ ଇନ୍ଧନ ପ୍ରବାହ ନିୟନ୍ତ୍ରକ ଅନ୍ତର୍ଭୁକ୍ତ ଥିଲା।

## ହାର୍ଡକୋର୍ ମାଓବାଦୀଙ୍କ ସରକାରଙ୍କୁ ଚିଠି

ରାୟଗଡା, ୩/୨ : ଓଡିଶା ସରକାର ଓ ଗୃହ ବିଭାଗକୁ ୪ଟି ସର୍ତ୍ତ ରଖି ଆତ୍ମସମର୍ପଣ କରିବେ ବୋଲି ଚିଠି ଜାରି କଲେ ମାଓ ନେତା ନିଖିଲ ଓ ଇନ୍ଦୁ। ସର୍ତ୍ତ ପୂରଣ କଲେ ଓଡିଶା ପୁଲିସ ପାଖରେ ଆମେ ଆତ୍ମସମର୍ପଣ କରିବୁ ବୋଲି ଲିଖିତ ମାଓ ପତ୍ର ହସ୍ତଗତ ହୋଇଛି। ସଶସ୍ତ୍ର କ୍ରାନ୍ତି ରାସ୍ତା ତ୍ୟାଗ କରି ଭାରତୀୟ ସମ୍ବିଧାନ ଅନୁସାରେ ଗଣତାନ୍ତ୍ରିକ ପଦ୍ଧତିରେ କାର୍ଯ୍ୟ କରିବା ପାଇଁ ଗଣମାଧ୍ୟମ ଜରିଆରେ ଓଡିଶା ସରକାର ଓ ଗୃହ ବିଭାଗ ଉଦ୍ଦେଶ୍ୟରେ ଖୋଲା ପତ୍ର ଜାରି କରିଛନ୍ତି ଟପ ମାଓ ନେତା। ବିଗତ ସାଢେ ତିନି ଦଶକ ହେଲା ବିଶେଷ କରି ଏଲ. ପି. ଜି ନୀତି ଲାଗୁ ହେବା ପରେ ଆମ ପାର୍ଟି ନେତୃତ୍ୱରେ ଚାଲିଥିବା ଶ୍ରେଣୀ ସଂଘର୍ଷ ଯୋଗୁଁ ଦେଶ ଦୁନିଆରେ ବଡ ଧରଣର ରାଜନୈତିକ, ଆର୍ଥିକ, ସାମାଜିକ, ସାଂସ୍କୃତିକ ଓ ଭୌଗୋଳିକ ସ୍ଥିତିରେ ବହୁ ପରିବର୍ତ୍ତନ ଆସିଛି ଓ ଆସିବାରେ ଲାଗିଛି। ପରିବର୍ତ୍ତିତ ପରିସ୍ଥିତିରେ ସଶସ୍ତ୍ର କ୍ରାନ୍ତି ରାସ୍ତା ସଠିକ ନୁହେଁ, ଏ ରାସ୍ତାରେ କ୍ରାନ୍ତିକାରି ଆନ୍ଦୋଳନକୁ ସୁବିଧା ହେବ। ଜନ ଭାଗିଦାରୀ ବଢିବା ବଦଳରେ ଲୋକଙ୍କ ଠାରୁ ଦୂର ହେବା ଓ କ୍ଷତି ବୃଦ୍ଧି ହେଉଛି।

## ପରୀକ୍ଷା ପେ ଆଲୋଚନାର ନବମ ସଂସ୍କରଣ: ୬ ରେ ପ୍ରସାରିତ ହେବ

ନୂଆଦିଲ୍ଲୀ,୩।୨ (ହିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫେବୃଆରୀ ୬ରେ ପ୍ରସାରିତ ହେବାକୁ ଥିବା ପରୀକ୍ଷା ପେ ଆଲୋଚନା (ପିପିସି) ର ସ୍ୱତନ୍ତ୍ର ଏପିସୋଡ୍ ଦେଖିବାକୁ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି । ସେ କହିଥିଲେ ଯେ ଏହି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କ ଶକ୍ତି, ଉତ୍ସାହ ଏବଂ ସାମୂହିକ ଭାବନାକୁ ପ୍ରଦଶର୍ନ କରିବା ପାଇଁ ଏକ ପ୍ରେରଣାଦାୟକ ମଂଚ ।ପରୀକ୍ଷା ପେ ଆଲୋଚନାର ନବମ ସଂସ୍କରଣ ଫେବୃଆରୀ ୬ ତାରିଖ ସକାଳ ୧୦ଟାରେ ଅନୁଷ୍ଠିତ ହେବ, ଯେଉଁଠାରେ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିବେ । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା ପ୍ରଦର୍ଶିତ ହେବ । ଦେବମୋଗରା, କୋଏମ୍ବାଟୋର, ରାୟପୁର ଏବଂ ଗୌହାଟିର ଛାତ୍ରଛାତ୍ରୀମାନେ ପୂର୍ବରୁ ଆଲୋଚନାରେ ଯୋଗ ଦେଇଛନ୍ତି, ଯେତେବେଳେ ନୂଆଦିଲ୍ଲୀର ୭, ଲୋକ କଲ୍ୟାଣ ମାର୍ଗରେ ଛାତ୍ରମାନଙ୍କ ସହିତ ଏକ ବିଶେଷ ଆଲୋଚନା ମଧ କରାଯାଇଥିଲା ।ପରୀକ୍ଷା ଋତୁ ପୂର୍ବରୁ ଆୟୋଜିତ ଏହି ଆଲୋଚନାରେ, ପ୍ରଧାନମନ୍ତ୍ରୀ ପରୀକ୍ଷା ଯୋଦ୍ଧାମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ଚାପମୁକ୍ତ ପରୀକ୍ଷା, ସମୟ ପରିଚାଳନା, ଆତ୍ମବିଶ୍ୱାସ ଏବଂ ସନ୍ତୁଳନ ବଜାୟ ରଖିବା ଭଳି ବିଷୟ ଗୁଡ଼ିକ ଉପରେ ବ୍ୟବହାରିକ ଟିପ୍ସ ବାଂଟିଥିଲେ । ସେ ଛାତ୍ରଛାତ୍ରୀମାନଙ୍କ ଉତ୍ସାହ ଏବଂ ଖୋଲାମନକୁ ପ୍ରଶଂସା କରିଥିଲେ ଏବଂ ଏହି ଅଭିଜ୍ଞତାଗୁଡ଼ିକୁ ସତେଜ ଏବଂ ପ୍ରେରଣାଦାୟକ ବୋଲି ବର୍ଣ୍ଣନା କରିଥିଲେ । ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପରୀକ୍ଷା ପାଖେଇ ଆସୁଥିବାରୁ ପରୀକ୍ଷା ପେ ଚର୍ଚ୍ଚା ପୁଣି ଆସିଛି ଏବଂ ସମସ୍ତେ ଏହି ସ୍ୱତନ୍ତ୍ର ଏପିସୋଡ଼ ଦେଖିବା ଉଚିତ ।ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ପରୀକ୍ଷା ପେ ଆଲୋଚନା କାର୍ଯ୍ୟକ୍ରମ ଅଧିନରେ, ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କ ସହିତ ଭାବ ବିନିମୟ କରନ୍ତି ଏବଂ ପରୀକ୍ଷା ସମ୍ବନ୍ଧୀୟ ଚାପ, ପ୍ରସ୍ତୁତି ଏବଂ ଅନ୍ୟାନ୍ୟ ଚିନ୍ତାଧାରା ବିଷୟରେ ଆଲୋଚନା କରନ୍ତି ।

## ତଲାବିରା-୧ କୋଲ୍ ବ୍ଲକ୍‌ରେ ପୁଣି ପଶିଲା ସିବିଆଇ

ସମ୍ବଲପୁର ୩।୨: ସମ୍ବଲପୁରରେ ଦିଲ୍ଲୀ ସିବିଆଇ । ତଲାବିରା-୧ କୋଲ ବ୍ଲକରେ ପୁଣି ପଶିଲା ସିବିଆଇ ଟିମ୍ । ଦୁର୍ନୀତି ଅଭିଯୋଗ ନେଇ ତନାଘନା କରିବ ସିବିଆଇ । ଦୀର୍ଘ ଦିନର ନୀରବତା ପରେ ପୁଣି ତଦନ୍ତ ଆରମ୍ଭ ପାଇଁ ଆସିଲା ସିବିଆଇ । କୋଇଲା ଖନନରେ ମେସର୍ସ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ଦୁର୍ନୀତି କରିଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା । ଯାହାକୁ ନେଇ ପୂର୍ବରୁ ମଧ ତଦନ୍ତ ହୋଇଥିଲା । ପୁଣି ଥରେ ସିବିଆଇ ଖିଣ୍ଡା ଆସି ୨୨ ଜଣଙ୍କୁ ପଚରାଉଚରା କରିବା ପାଇଁ ନୋଟିସ୍ କରିଛି । ୨୨୦/୨୦୨୪/ଇ୦୦୦୭ କେସ୍ ନମ୍ବର ସନ୍ଦର୍ଭରେ ଏହି ତଦନ୍ତ କରିବ । କୋଇଲା ଖନନରେ ଦୁର୍ନୀତି ନେଇ ପୂର୍ବରୁ ସିବିଆଇ, ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ, ଏନ୍‌ଜିଟି ବିଭିନ୍ନ ଦୁର୍ନୀତି ନିବାରଣ ସଂସ୍ଥାକୁ ଚିଠି ଲେଖି ଅଭିଯୋଗ କରିଥିଲେ ଅଞ୍ଚଳବାସୀ ।

## ବିଦ୍ୟାଳୟ ପରିସର ପାଲଟିଛି ମୁକ୍ତାକାଶ ମଦ୍ୟପାନ ଆଡ୍ଡା !



ହିଞ୍ଜିଳିକାଟୁ, ୩।୨ (ନିପ୍ର): ହିଞ୍ଜିଳିକାଟୁ ପୌରାଞ୍ଚଳ ଲକ୍ଷ୍ମୀ ନୃସିଂହ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସର ପାଲଟିଛି ମୁକ୍ତାକାଶ ମଦ୍ୟପାନ ଆଡ୍ଡାସ୍ଥଳୀ। ପ୍ରତ୍ୟହ ସଞ୍ଜ ନଇଁବା ପରେ ବିଳମ୍ବିତ ରାତ୍ର ଯାଏଁ ସେଠାରେ ବହୁ ମଦ୍ୟପ ଓ ଅସାମାଜିକ ଯୁବକଙ୍କ ଭିଡ ଜମିଥାଏ। ସେମାନଙ୍କ ଭୟରେ ଏନେଇ ପୁଲିସ ନିକଟରେ ଅଭିଯୋଗ କରୁନଥିବା ନେଇ କିଛି ଅଭିଭାବକ ପ୍ରକାଶ କରିଛନ୍ତି । କିନ୍ତୁ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମେତ ଲକ୍ଷ୍ମୀ ନୃସିଂହ କଳାମନ୍ଦିର ରହିଛି। ସ୍କୁଲରେ ଅନେକ ସମସ୍ୟା ରହିଥିଲେ ମଧ ସେଥିପ୍ରତି କୌଣସି ଅଧିକାରୀ କିମ୍ବା ଜନ ପ୍ରତିନିଧି କେହି ବି ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି । ସଂପୃକ୍ତ ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୮୬ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସ୍କୁଲର ସୁରକ୍ଷା ପାଇଁ ପାଚେରି ନିର୍ମାଣ ହୋଇଛି କିନ୍ତୁ ସେହି ମୁଖ୍ୟ ଗେଟ୍ ଦୀର୍ଘ ବର୍ଷ ଧରି ସର୍ବ ସାଧାରଣଙ୍କ ଯିବା ଆସିବା ରାସ୍ତା ପାଲଟିଛି। ବିଦ୍ୟାଳୟ ଗେଟ ତାଲା ନପଡିବାରୁ ଅସାମାଜିକ ବ୍ୟକ୍ତିମାନେ ବିଦ୍ୟାଳୟ ପରିସରରେ ବସି ମଦ ଗଞ୍ଜେଇ ଓ ବ୍ରାଉନସୁଗର ଆଦି ନିଶା ଦ୍ରବ୍ୟ ସେବନ କରିବା ସହ ବିଭିନ୍ନ ସ୍ଥାନରେ ମଦ ବୋତଲ, ଅଇଁଠା ଖଲି, ପାଣି ବୋତଲ, କୋଲ୍ଡ୍ରିଙ୍କ ବୋତଲ, ଖଣ୍ଡିଆ ବିଡ଼ିଓ ସିଗାରେଟ ଏଣେ ତେଣେ ପଡି ରହୁଛି। ବିଗତ ଦିନରେ ସ୍କୁଲ କବାଟ ଭାଙ୍ଗି ଚୋରି ହୋଇଥିବା ଅଭିଯୋଗ ହୋଇଛି । ବହୁ ସମୟରେ ବିଦ୍ୟାଳୟ ପରିସରରେ ମଦ୍ୟପଙ୍କ ଆସର ଜମୁଛି ଓ ଜୁଆଡିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ତେଣୁ ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ପ୍ରଦାନ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସହରର ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଲାଗୁହେଲା ନୂଆ ଖଣିଜ ନିୟମ: ଇ-ଲଟେରୀରେ ମିଳିବ ବାଲି ଓ ପଥର ଖଣି ଲିଜ୍



ଭୁବନେଶ୍ୱର ୩।୨ : ଲଘୁ ଖଣିଜ ସଂପଦ ପାଇଁ ଆସିଲା ନୂଆ ନିୟମ । ଏଣିକି ନିଲାମ ନୁହେଁ, ଇ-ଲଟେରୀରେ ମିଳିବ ଖଣି ଲିଜ୍ । ଏମ୍ଏସ୍ପି ଆଧାରରେ ମିଳିବ ବାଲି ଏବଂ ପଥର । ଧାର୍ଯ୍ୟ ମୂଲ୍ୟରୁ ଅଧିକ ଟଙ୍କା ନେଇ ପାରିବେନି ଲିଜ୍‌ଧାରୀ । ବେଆଇନ ଖଣି ଖନନ ରୋକିବାକୁ ଏପରି ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର । ଖଣି ବିଭାଗ ପକ୍ଷରୁ ଏନେଇ ମାର୍ଗଦର୍ଶିକା ଜାରି କରାଯାଇଛି । ନୂଆ ଗାଇଡଲାଇନ୍ ଅନୁସାରେ, ଏକଚାଟିଆ କାରବାର ବା କାର୍ଟେଲାଇଜେସନ୍ ରୋକିବା ପାଇଁ ସରକାର ଇ-ଅକ୍ସନ ବା ନିଲାମ ବନ୍ଦ କରି ଇ-ଲଟେରୀ ବ୍ୟବସ୍ଥା ଆରମ୍ଭ କରିଛନ୍ତି । ଲଘୁ ଖଣିଜ ସମ୍ପଦର ଲିଜ୍ ପାଇଁ ନିଲାମ ଡକା ହେବ ନାହିଁ, ବରଂ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସ୍ଥିର ଅତିରିକ୍ତ ଚାର୍ଜରେ ଇ-ଲଟେରୀ ମାଧ୍ୟମରେ ଯୋଗ୍ୟ ବ୍ୟକ୍ତିଙ୍କୁ ଚୟନ କରାଯିବ । ଆବେଦନକାରୀଙ୍କୁ ଏମଏସଟିସି ପୋର୍ଟାଲରେ 'ଫର୍ମ-ସି'ରେ ଅନଲାଇନରେ ଆବେଦନ କରିବାକୁ ପଡ଼ିବ । ୧୦ହଜାର ଟଙ୍କା ଅଣଫେରସ୍ତ ଆବେଦନ ଫି' ଜମା ସହ ୧୦% ଅମାନତ ରାଶି (ଇଏମଡି) ଜମା କରିବାକୁ ପଡ଼ିବ । ଆବେଦନ ସହିତ ପରିବାରର ସମସ୍ତ ସଦସ୍ୟଙ୍କ ନାମ ଥିବା ଏକ ସତ୍ୟପାଠ ଦାଖଲ କରିବା ବାଧ୍ୟତାମୂଳକ । ପ୍ରତ୍ୟେକ ଆବେଦନର ସୂକ୍ଷ୍ମ ଯାଞ୍ଚ ପାଇଁ ଏକ ଜିଲ୍ଲାସ୍ତରୀୟ ଟେକ୍ନିକାଲ୍ ଯାଞ୍ଚ କମିଟି ଗଠନ କରାଯାଇଛି। ସଂପୂର୍ଣ୍ଣ ପ୍ରକ୍ରିୟାକୁ ଡିଜିଟାଲ୍ କରାଯାଇଥିବାରୁ ଏଥିରେ କୌଣସି ହେରଫେର ମଧ ହୋଇପାରିବ ନାହିଁ । ଯେଉଁମାନେ ପୂର୍ବରୁ ନିଲାମ ମାଧ୍ୟମରେ ଲିଜ୍ ପାଇଛନ୍ତି, ସେମାନେ ମଧ ଚାହିଁଲେ ନୂଆ ନିୟମ ଅନୁଯାୟୀ ମାଇଗ୍ରେଟ୍ ବା ସାମିଲ ହୋଇପାରିବେ। ବଜାରରେ ବାଲି ଓ ପଥରର ଚଢ଼ା ଦରକୁ ରୋକିବା ପାଇଁ ସରକାର ପ୍ରଥମ କରି 'ସର୍ବାଧିକ ବିକ୍ରୟ ମୂଲ୍ୟ' (ଏମଏସପି) ଧାର୍ଯ୍ୟ କରିଛନ୍ତି ।

## ନବମଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ !

ବଲାଙ୍ଗୀର, ୩/୨: ଛୋଟଛୋଟ ପିଲାଙ୍କ ମାନସିକତା ଧୀରେଧୀରେ କଳୁଷିତ ହେବାକୁ ବସିଲାଣି । ବଲାଙ୍ଗୀରରୁ ଏକ ଲଜ୍ଜା ଜନକ ଖବର ଆସିଛି । ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ତାର ସହପାଠୀମାନେ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ବଲାଙ୍ଗୀର ଡୁରେଇକେଲା ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ତାର ସହପାଠୀମାନେ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ବିଦ୍ୟାଳୟରେ ଟ୍ୟୁସନ ସରିବା ପରେ ସହପାଠୀମାନେ ଏଭଳି କାଣ୍ଡ ଘଟାଇଥିଲେ । ସେହି ସମୟର ଭିଡ଼ିଓ ଉତ୍ତୋଳନ କରି ଭାଇରାଲ ମଧ କରିଥିଲେ । ଭିଡ଼ିଓ ଭାଇରାଲ ହେବା ପରେ ଛାତ୍ରୀ ଜଣକ ପରିବାର ସଦସ୍ୟଙ୍କୁ ଜଣାଇଥିଲେ । ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ପରେ ପୀଡ଼ିତାଙ୍କ ପରିବାର ସଦସ୍ୟ ବଲାଙ୍ଗୀର ଏସପିଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲା । ଏସପିଙ୍କ ନିର୍ଦ୍ଦେଶ ପରେ ୫ ଜଣ ନାବାଳକ ସହପାଠୀଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ।

## ଲାଞ୍ଚ ନେଇ ଧରାପଡ଼ିଲେ କନିଷ୍ଠ ଯନ୍ତ୍ରୀ

ମାଲକାନଗିର(ନିପ୍ର): ଲାଞ୍ଚ ନେଇ ଧରାପଡ଼ିଲେ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଦେଶ ନାୟକ । ଏକ ଇଟା ଫ୍ୟାକ୍ଟ୍ରି ମାଲିକଙ୍କୁ ବିଦ୍ୟୁତ୍ କାଟ ଧମକ ଦେଇ ୨୦ ହଜାର ଟଙ୍କା ମାଗିଥିଲେ। ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରିଛି। ଏବଂ ତାଙ୍କ ନିକଟରୁ ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ମଧ ଜବତ କରିଛି । ଶ୍ରୀ ନାୟକଙ୍କ ବିଭାଗୀୟ କାର୍ଯ୍ୟାଳୟ ଏବଂ ବାସଗୃହରେ ଚଢାଉ ଜାରି ରହିଥିବା ସୂଚନା ମିଳିଛି। ତେବେ କୋରାପୁଟ ଭିଜିଲାନ୍ସ ତାଙ୍କ ବିରୋଧରେ ପିଏସ ମାମଲା ନଂ ୦୧/୨୦୨୬, ୭ପିସି (ସଂଶୋଧନ) ଆଇନ, ୨୦୧୮ ଅନୁଯାୟୀ ରୁଜୁ କରି ତଦନ୍ତ ଜାରି ରଖିଛି।

## ୬ରୁ ଧଉଳି-କଳିଙ୍ଗ ମହୋତ୍ସବ



ଭୁବନେଶ୍ୱର, ୩/୨(ନିପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଓ ଓଡିଶା ଡ୍ୟାନ୍ସ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆସନ୍ତା ଫେବୃୟାରୀ ୬ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ପାଳିତ ହେବାକୁ ଯାଉଛି ୨୧ ଧଉଳି-କଳିଙ୍ଗ ମହୋତ୍ସବ। ଧଉଳି ପାହାଡର ପାଦ ଦେଶରେ ଦେଶ ବିଦେଶରୁ ଆସିଥିବା ଖ୍ୟାତି ସମ୍ପନ୍ନ କଳାକାରମାନେ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ଶାନ୍ତି ସ୍ତୁପକୁ ସାକ୍ଷୀ କରି ଶାନ୍ତି ଓ ମୈତ୍ରୀର ବାର୍ତ୍ତା ପ୍ରଦାନ କରିଥାନ୍ତି। ଚଳିତବର୍ଷ ନାଟ୍ୟ ଜଗତର ଅନନ୍ତ ମହାପାତ୍ରଙ୍କୁ ବୁଦ୍ଧ ସମ୍ମାନ ପ୍ରଦାନ କରାଯିବ। ଏହା ସହ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର ସୁବର୍ଣ୍ଣ ଜୟନ୍ତୀ ବର୍ଷ ଅବସରରେ,ପୂର୍ବତନ ଭାରତୀୟ କୂଟନୀତିଜ୍ଞ ଲଳିତ ମାନସିଂହଙ୍କୁ ଏକ ବିଶେଷ ସମ୍ମାନ "ସ୍ୱର୍ଣ୍ଣ ସ୍ମାରକୀ ସମ୍ମାନ ପ୍ରଦାନ କରାଯିବ, ଯିଏକି ଓଡିଆ କଳା-ସଂସ୍କୃତି ପ୍ରଚାର ଓ ପ୍ରସାର ଦିଗରେ ଅନନ୍ୟ ଭୂମିକା ନେଇଛନ୍ତି । ସେହିଭଳି ଓଡିଶା ଡ୍ୟାନ୍ସ ଏକାଡ଼େମୀର ପ୍ରତିଷ୍ଠାତା ଗୁରୁ ଗଙ୍ଗାଧର ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଚାରି ଜଣଙ୍କୁ ସମ୍ମାନିତ କରାଯିବ। ଏହି ପୁରସ୍କାର ସ୍ୱରୂପ ୧ ଲକ୍ଷ ଟଙ୍କା ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ ନାଟ୍ୟକଳାର ଖ୍ୟାତିସମ୍ପନ କରାଯାଇଥାଏ । ପଦ୍ମଶ୍ରୀ ଅରୁଣା ମହାନ୍ତି ଏହି ସୂଚନା ଦେଇଛନ୍ତି।

## ୧୦ ବାଂଲାଦେଶୀଙ୍କୁ ୨ବର୍ଷ ସଜା ଶୁଣାଇଲେ କୋର୍ଟ



ଭୁବନେଶ୍ୱର, ୩/୨(ନିପ୍ର): ପ୍ରଥମ ଥର ପାଇଁ ଓଡ଼ିଶାରେ ବାଂଲାଦେଶ ଅନୁପ୍ରବେଶ କାରୀଙ୍କ ବିରୋଧରେ ସଜା ଶୁଣାଇଛନ୍ତି କୋର୍ଟ। ଭୁବନେଶ୍ୱର ରେଲୱେ ଷ୍ଟେସନରୁ ଗିରଫ ହୋଇଥିବା ୧୦ ଜଣ ବାଂଲାଦେଶୀ କୋର୍ଟ ୨ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ୩ମାସ ଅଧିକ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି କୋର୍ଟ। ୬ଜଣ ସାକ୍ଷୀ ଏବଂ ଦସ୍ତାବିଜ ଆଧାରରେ କୋର୍ଟ ଶୁଣାଣି କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୨୦୨୫ ମାର୍ଚ୍ଚ ୮ ତାରିଖରେ ଭୁବନେଶ୍ୱର ରେଳ ଷ୍ଟେସନରେ ଓଡିଶାକୁ ଅନୁପ୍ରବେଶ ନେଇ କ୍ରାଇମବ୍ରାଞ୍ଚ ଏସଟିଏଫ୍ ୧୦ ଜଣ ବାଲାଂଦେଶୀଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ବାଂଲାଦେଶୀ ଟଙ୍କା ଏବଂ ଭାରତୀୟ ଟଙ୍କା ଏବଂ ମୋବାଇଲ ଜବତ କରିଥିଲା ଏସଟିଏଫ୍। ଗିରଫ ଅଭିଯୁକ୍ତମାନଙ୍କୁ ଆଉ ବଂଲାଦେଶ ନ ଛାଡିବାକୁ ବଂଲାଦେଶ ହାଇ କମିସନ ଭୁବନେଶ୍ୱର କୋର୍ଟ ଏବଂ କ୍ରାଇମବ୍ରାଞ୍ଚକୁ ଲିଖିତ ଆକାରରେ ଜଣାଇଥିଲେ ବୋଲି ସରକାରୀ ଓକିଲ ରଶ୍ମି ରଞ୍ଜନ ବ୍ରହ୍ମା ସୂଚନା ଦେଇଛନ୍ତି।

## ଫେବୃୟାରୀ ୨୨-୨୩ରେ ସରସଂଘ ଚାଳକ ଡ.ଭାଗବତଙ୍କ ଡେରାଡୁନ ଗସ୍ତ

ଡେରାଡୁନ, ୩/୨: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍ଏସ୍)ର ସରସଂଘ ଚାଳକ ଡ଼. ମୋହନ ଭାଗବତ୨୨ ଓ ୨୩ ଫେବୃଆରୀରେ ଉତ୍ତରାଖଣ୍ଡର ରାଜଧାନୀ ଡେରାଡୁନ ଗସ୍ତରେ ରହିବେ। ସଂଘର ଶତାବ୍ଦୀ ବର୍ଷ ଅବସରରେସାରା ଦେଶରେ ଆୟୋଜିତ କାର୍ଯ୍ୟକ୍ରମ ମାଳାର ଅଂଶଭାବେ ସେ ଡେରାଡୁନରେ ବିଭିନ୍ନ ଆୟୋଜନରେ ଅଂଶଗ୍ରହଣ କରିବେ। ସରସଂଘ ଚାଳକଙ୍କ ଗସ୍ତକୁ ଦୃଷ୍ଟିରେ ରଖି ୨୨ ଫେବୃଆରୀରେ 'ପ୍ରବୁଦ୍ଧ ଜନ ସମ୍ମିଳନୀ' ଏବଂ ୨୩ ଫେବୃଆରୀରେ 'ପୂର୍ବ ସେନାନୀ ସମ୍ମିଳନୀ' ଆୟୋଜିତ କରାଯିବ। ଏହି ଅବସରରେ ସଂଘ ପ୍ରମୁଖ 'ପ୍ରମୁଖ ଜନ ଗୋଷ୍ଠୀ' ଓ ପୂର୍ବ ସେନାନୀ ସମ୍ମିଳନୀ କାର୍ଯ୍ୟକ୍ରମକୁ ସମ୍ବୋଧନ କରିବେ। ତାଙ୍କ ଭାଷଣରେ ସାମାଜିକ, ଶିକ୍ଷାମୂଳକ ଏବଂ ବିଚାରଧାରା ସମ୍ବନ୍ଧୀୟ ବିଷୟରେ ମାର୍ଗଦର୍ଶନ ଦିଆଯିବାର ସମ୍ଭାବନା ରହିଛି। ସରସଂଘଚାଳକଙ୍କ ପ୍ରସ୍ତାବିତ ଗସ୍ତକୁ ନେଇ ସଂଘ ସଂଗଠନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି।

## ଭାରତର ରପ୍ତାନୀକୁ ମିଳିବ ପ୍ରୋତ୍ସାହନ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩/୨(ନିପ୍ର): ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ମେଡ୍ ଇନ୍ ଇଣ୍ଡିଆ' ଉତ୍ପାଦନ ଉପରେ ଆମେରିକା ଦ୍ୱାରା ଟାରିଫ୍ କମାଇ ୧୮ ପ୍ରତିଶତ କରାଯିବାକୁ ଭାରତ–ଆମେରିକା ଆର୍ଥିକ ସମ୍ପର୍କରେ ଏକ ଐତିହାସିକ ପ୍ରଗତି ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ, ଏହି ନିଷ୍ପତ୍ତି ଦୁଇ ଦେଶ ମଧ୍ୟରେ ଗଭୀର ସହଯୋଗ ଓ ସାମୁହିକ ସମୃଦ୍ଧିପାଇଁ ଏକ ମଜଭୁତ ଆଧାର ସୃଷ୍ଟି କରିବ। ମୁଖ୍ୟମନ୍ତ୍ରୀ ତାଙ୍କ ସୋସିଆଲ୍ ମିଡିଆ ପୋଷ୍ଟରେ କହିଛନ୍ତି ଯେ, ଟାରିଫ୍‌ରେ ଏହି ହ୍ରାସ ଭାରତୀୟ ଉତ୍ପାଦନ କ୍ଷେତ୍ର, ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟମ (ଏମ୍ଏସ୍ଏମ୍ଇ), ରପ୍ତାନିକାରୀ ଏବଂ ନିଯୁକ୍ତି ସୃଷ୍ଟିକୁ ଉଲ୍ଲେଖନୀୟ ଭାବେ ପ୍ରୋତ୍ସାହନ ଦେବ। ଏହା ସହିତ, ଉଦ୍ୟୋଗପତି ଓ ଷ୍ଟାର୍ଟଅପ୍‌ମାନଙ୍କ ପାଇଁ ନୂଆ ସୁଯୋଗ ଖୋଲିବ ଏବଂ ବିଶ୍ୱ ବଜାରକୁ ପହଞ୍ଚକୁ ଆହୁରି ମଜଭୁତ କରିବ । ସେ ଏହି ସଫଳତାର ଶ୍ରେୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଣ୍ଣୟାତ୍ମକ ନେତୃତ୍ୱ ଓ ଜନକେନ୍ଦ୍ରିତ କୂଟନୀତିକୁ ଦେଇ ତାଙ୍କୁ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି,"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଦୂରଦର୍ଶୀ ଓ ଜନହିତକାରୀ ନେତୃତ୍ୱର ଫଳରେ ଭାରତ–ଆମେରିକା ସମ୍ପର୍କ ଆହୁରି ସୁଦୃଢ଼ ହୋଇଛି ଏବଂ ଭାରତର ବିଶ୍ୱ ଆର୍ଥିକ ଉପସ୍ଥିତିକୁ ନୂଆ ସୁଦୃଢତା ମିଳିଛି।"

**SIKSHYA BHARATI TRUST**
City Office: House No 3, Bhabani Enclave, Sector-8, CDA, Cuttack
Tel: 0671-3148391, Mob: 9348250856, Email: sikshyabharati2007@gmail.com

**EXPRESSION OF INTEREST (EOI)**

Sikshya Bharati Trust, Cuttack invites EOI from the reputed agencies/ firms/ vendors for supply of Tool Kits for Bamboo Craft (supported by O/o D.C. (Handicrafts), M/o Textiles, Govt. of India) as per the detailed specifications given in the scope of work/ Terms of Reference (TOR). Interested agencies/ firms/ vendors can receive detailed Terms of Reference (TOR) and may submit their EOI along with their financial quotes on above address. Last date for submission of EOI shall be within 10 days from this publication in the Newspaper.

**SABAI CRAFT PRODUCER COMPANY LTD. (SCPCL)**
Plot no 17, khata no – 18, Mauza – surdhia,
naranpur, Baliapal, BalesHwar – 756083, Odisha
Contact us: 9861093123, Email us: sabaicraftpc@gmail.com
Sponsored by-Office of D.C.(Handicrafts),Govt. of India, Ministry of Textiles,NewDelhi

**EXPRESSIONOF INTEREST**

SCPCL, Balasore, invites EOI from the reputed agencies/ firm for supply of Tool Kits for Sabai Craft as per the detailed specifications given in the scope of work/ Term of Reference (TOR). Interested agencies can be received detailed TOR and may submit their EOI alongwith their financial quotes on above address. Last date for submission of EOI Shall be within 08 days from this publication in the Newspaper.

Sd/-Managing Director(SCPCL)

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ